R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୬
ତିଥି : ଦ୍ୱାଦଶୀ
୩୦ ଜାନୁଆରୀ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 116
30 January 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଅର୍ଥନୈତିକ ସର୍ଭେ ରିପୋର୍ଟ

# ୨୦୨୫-୨୬ରେ ଜିଡିପି ଅଭିବୃଦ୍ଧି ୭.୪% ଆକଳନ

ନୂଆଦିଲ୍ଲୀ, ୨୯ ।୧ : ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ହାର ୭.୪% ରହିବ । ୨୦୨୭ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୬.୮ରୁ ୭.୨% ହେବ ବୋଲି ଅର୍ଥନୈତିକ ସର୍ଭେରେ ଆକଳନ କରାଯାଇଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି । ରିପୋର୍ଟ ସମ୍ପର୍କରେ ମୁଖ୍ୟ ଆର୍ଥିକ ଉପଦେଷ୍ଟା ଭି ଅନନ୍ତ ନାଗେଶ୍ୱରନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଯଦି କୋଭିଡ ପୂର୍ବର କିଛି ବର୍ଷକୁ ଦେଖିବା ତେବେ ପ୍ରକୃତ ଜିଡିପି ଅଭିବୃଦ୍ଧି କୋଭିଡ ପୂର୍ବରୁ ୬.୪% ଓ ୨୦୨୫ ଆର୍ଥିକ ବର୍ଷରେ ୬.୫% ଓ ଚଳିତବର୍ଷ ୭.୪% ଆକଳନ କରାଯାଇଛି ।



ଘରୋଇ କ୍ଷେତ୍ରରେ ବ୍ୟୟବୃଦ୍ଧି ୭% ଚଳିତବର୍ଷ ହୋଇଥିବାବେଳେ ଗତବର୍ଷ ଏହା ୭.୨% ଥିଲା । ଆମେ ନିବେଶ ଓ ବ୍ୟବହାର ବୃଦ୍ଧି ପାଇଥିବାରୁ ଅଭିବୃଦ୍ଧି ହାର ବଢ଼ିଛି । ୨୦୨୫-୨୬ରେ ଘରୋଇ ଚାହିଦା ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଥମ ଅଗ୍ରିମ ଆକଳନ ଅନୁଯାୟୀ ଅନ୍ତିମ ଘରୋଇ ବ୍ୟବହାର ଖର୍ଚ୍ଚ ୬୧.୫%କୁ ବୃଦ୍ଧି ପାଇଛି । ନିମ୍ନ ମୁଦ୍ରାସ୍ଫିତି, ସ୍ଥିର ନିଯୁକ୍ତି ପରିସ୍ଥିତି ଏବଂ ବୃଦ୍ଧି ପାଉଥିବା ପ୍ରତ୍ୟେକ କ୍ରୟ ଶକ୍ତି କାରଣରୁ ଏଭଳି ଆର୍ଥିକ ପରିସ୍ଥିତିରେ ସୁଧାର ଆସିଛି । ୨୦୨୫-୨୬ରେ ଅଭିବୃଦ୍ଧି ହାର ଜାରି ରହିଥିବାବେଳେ ମୋଟ ସ୍ଥିର ପୁଞ୍ଜି ଢ଼ାଞ୍ଚା ୩୦% ଆକଳନ କରାଯାଇଛି । ବର୍ଷର ପ୍ରଥମାର୍ଦ୍ଧରେ ୮.୪% ବୃଦ୍ଧି ଘଟିଛି । ଏହି ଆର୍ଥିକ ବର୍ଷ ଆକଳନ ୭%କୁ ଅତିକ୍ରମ କରିଛି । ୨୦୨୫-୨୬ରେ ଶିଳ୍ପକ୍ଷେତ୍ର ୬.୨% ହାରରେ ବୃଦ୍ଧି ପାଇବ । ସେହିଭଳି ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମୋଟ ମୂଲ୍ୟ ବୃଦ୍ଧି ୯.୩%କୁ ବୃଦ୍ଧି ପାଇଛି । ପନିପରିବା ଏବଂ ଡାଲି

- ବାସ୍ତବ ଜିଡିପି ଅଭିବୃଦ୍ଧି ୬.୮-୭.୨% ରହିପାରେ
- ଘରୋଇ ଅନ୍ତିମ ଉପଯୋଗ ଖର୍ଚ୍ଚ ୬୧.୫%କୁ ବୃଦ୍ଧି
- କୃଷି ଓ ଆନୁଷଙ୍ଗିକ ସେବାଗୁଡ଼ିକରେ ୩.୧% ବୃଦ୍ଧି

ପ୍ରଥମାର୍ଦ୍ଧରେ ନିବେଶ କାର୍ଯ୍ୟକଳାପ ମଜଭୁତ ହୋଇଛି । କୃଷି ଏବଂ ଆନୁଷଙ୍ଗିକ ସେବା ଆନୁମାନିକ ୩.୧% ବୃଦ୍ଧି ପାଇବ । କୃଷି ଜିଭିଏ ୩.୬% ବୃଦ୍ଧି ପାଇଛି । ସେହିଭଳି ଉତ୍ପାଦନ କ୍ଷେତ୍ରରେ ମୂଲ୍ୟରେ ସଂଶୋଧନ ଅନୁକୂଳ କୃଷି ପରିସ୍ଥିତି, ଯୋଗାଣ-ପାର୍ଶ୍ୱ ହସ୍ତକ୍ଷେପ ଏବଂ ଏକ ଦୃଢ଼ ମୂଳ ପ୍ରଭାବ କାରଣରୁ ସିପିଆଇ ମୁଦ୍ରାସ୍ଫିତି ୧.୭%କୁ ହ୍ରାସ ପାଇଛି । ପ୍ରତ୍ୟକ୍ଷ ଟିକସ ( ୯ ପୃଷ୍ଠାରେ)

# ସୁନା ୨ ଲକ୍ଷ ମୁହାଁ

## ରୁପା କେଜି ୪ ଲକ୍ଷ ଟପିଲା

ଭୁବନେଶ୍ୱର, ୨୯ ।୧ (ସବ୍ୟୁ) : ଗୁରୁବାର ସୁନା ଓ ରୁପା ଦରରେ ହଠାତ ବଡ଼ ଧରଣର ବୃଦ୍ଧି ଘଟିଛି । ଗୋଟିଏ ଦିନରେ ସୁନା ୧୧ ହଜାର ଟଙ୍କାରୁ ଅଧିକ ଓ ରୁପା ଦାମ୍ ୨୫ ହଜାର ଟଙ୍କା ବଢ଼ିଛି । ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୧୧,୭୭୦ ଟଙ୍କା ବୃଦ୍ଧି ପାଇ ୧,୭୮,୮୫୦ ଟଙ୍କା ହୋଇଯାଇଛି । ସେହି ସମୟରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୧୦,୮୦୦ ଟଙ୍କା ବୃଦ୍ଧି ପାଇ ୧,୬୩,୯୫୦ ଟଙ୍କା ହୋଇଛି । ସୁନା ଦର ଏବେ ୨ ଲକ୍ଷ ଟଙ୍କା ମୁହାଁ ହୋଇଛି । ନିକଟ ଅତୀତରେ ଗୋଟିଏ ଦିନରେ ସୁନା ଦରରେ ଏଭଳି ବୃଦ୍ଧି ଦେଖିବାକୁ ମିଳିନଥିଲା । ଆଜି ରୁପା କେଜି ୨୫ ହଜାର ଟଙ୍କା ବୃଦ୍ଧି ପାଇ ୪ ଲକ୍ଷ ୨୫ ହଜାର ଟଙ୍କା ହୋଇଯାଇଛି ।

ଗତ ଚାରି ଦିନରେ ( ୯ ପୃଷ୍ଠାରେ)

## ୟୁଜିସିକୁ ଝଟ୍‌କା

# ନୂଆ ନିୟମ ଉପରେ ରୋକ୍



ନୂଆଦିଲ୍ଲୀ, ୨୯ ।୧ : ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମକୁ ସୁପ୍ରିମ୍‌କୋର୍ଟ ସ୍ଥଗିତ କରିଛନ୍ତି । ୟୁଜିସି ଜାରି କରିଥିବା ଜାତିଭିତ୍ତିକ କମିଟି ନିୟମ ଉପରେ ସୁପ୍ରିମ୍‌କୋର୍ଟ ରୋକ୍ ଲଗାଇବା ସହ ଏଭଳି ବିଭେଦତା ନିରୋଧ ନିୟମକୁ କୋର୍ଟ ସମାଲୋଚନା ମଧ୍ୟ କରିଛନ୍ତି । ତେଣୁ ବର୍ତ୍ତମାନ ୨୦୧୨ ନିୟମାବଳୀ କାର୍ଯ୍ୟକାରୀ ହେବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ୟୁଜିସିର ନୂଆ ବାଛବିଚାର ବିରୋଧୀ ନିୟମ ବ୍ୟାପକ ଅପବ୍ୟବହାର ହେବାର ଆଶଙ୍କା ରହିଛି । ଏହି ବାଛବିଚାରରେ ଜାତିଭିତ୍ତିକର ସମନ୍ୱିତ ସଂଜ୍ଞା ଦିଆଯାଇନାହିଁ । ଏହି ବିବାଦୀୟ ନିୟମକୁ


**ନୂତନ ନିୟମାବଳୀ ସମାଜକୁ ବିଭାଜିତ କରିବାକୁ ସକ୍ଷମ**

**ବ୍ୟାପକ ଅପବ୍ୟବହାର ହେବାର ରହିଛି ଆଶଙ୍କା**

ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ସୂର୍ଯ୍ୟକାନ୍ତ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ( ୯ ପୃଷ୍ଠାରେ)





## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି


# ମହାତ୍ମା ଗାନ୍ଧି

ମହାତ୍ମା ଗାନ୍ଧିଙ୍କ ପୁଣ୍ୟତିଥି ଭାରତ ଇତିହାସର ଏକ ଅତ୍ୟନ୍ତ ସ୍ମରଣୀୟ ତଥା ଭାବପୂର୍ଣ୍ଣ ଦିବସ, ଯାହା ପ୍ରତିବର୍ଷ ଜାନୁଆରୀ ୩୦ ତାରିଖରେ ସମଗ୍ର ଦେଶରେ ଗଭୀର ଶ୍ରଦ୍ଧାର ସହ ପାଳିତ ହୋଇଥାଏ। ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଗୁଜରାଟର ପୋରବନ୍ଦରଠାରେ ଜନ୍ମଗ୍ରହଣ କରିଥିବା ମୋହନଦାସ କରମଚାନ୍ଦ ଗାନ୍ଧି ନିଜ ଜୀବନକାଳ ମଧ୍ୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ପୁରୋଧା ସାଜି ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପରେ ଭାରତ ଫେରି ଆସି ସେ ଅସହଯୋଗ ଆନ୍ଦୋଳନ, ଦାଣ୍ଡି ଯାତ୍ରା ବା ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନ ଭଳି ଐତିହାସିକ ଅଭିଯାନର ନେତୃତ୍ୱ ନେଇ ଦେଶକୁ ୧୯୪୭ ମସିହାରେ ସ୍ୱାଧୀନତା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁର୍ଭାଗ୍ୟବଶତଃ, ସ୍ୱାଧୀନତାର କିଛି ମାସ ପରେ ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ସନ୍ଧ୍ୟାରେ ଦିଲ୍ଲୀର ବିର୍ଲା ଭବନରେ ପ୍ରାର୍ଥନା ସଭାକୁ ଯାଉଥିବା ସମୟରେ ନାଥୁରାମ ଗଡ଼ସେଙ୍କ ଗୁଳିରେ ଜାତିର ପିତା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଦିବସରେ ଦେଶବାସୀ ତାଙ୍କର ଏହି ଅତୁଳନୀୟ ତ୍ୟାଗ ଓ ବଳିଦାନକୁ ମନେ ପକାଇବା ସହ ସକାଳ ୧୧ଟାରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଦେଶର ସମସ୍ତ ଶହୀଦଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଗାନ୍ଧିଜୀଙ୍କ ଆଦର୍ଶ, ସ୍ୱଦେଶୀ ଚିନ୍ତାଧାରା, ଅସ୍ପୃଶ୍ୟତା ନିବାରଣ ଏବଂ ସାମାଜିକ ସଦ୍‌ଭାବନାର ବାର୍ତ୍ତା ଆଜିର ସମାଜ ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ, ତେଣୁ ତାଙ୍କ ପୁଣ୍ୟତିଥିରେ ସେ ଦର୍ଶାଇଯାଇଥିବା ସତ୍ୟ ମାର୍ଗରେ ଚାଲିବା ପାଇଁ ଶପଥ ନେବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

## ସୋସିଆଲ କୋଟ୍ସ

ପୁରା କଲ୍କି ଫିଲ୍ମ ଗୋଟିଏ ପଟେ ଅମିତାଭ ବଚ୍ଚନଙ୍କ ଅଭିନୟ ଗୋଟିଏ ପଟେ ଥିଲା। ଏଥିରେ ତାଙ୍କ ଠାରୁ ଅନେକ କିଛି ଶିଖିବାକୁ ମିଳିଲା। ଉକ୍ତ ଫିଲ୍ମରେ ଅମିତାଭ ବଚ୍ଚନଙ୍କ ଅଭିନୟ ଖୁବ ଭଲ ହୋଇଥିଲା।

ଶ୍ରଦ୍ଧା କପୁର, ଅଭିନେତ୍ରୀ





ଶାହରୁଖଙ୍କ ପୁରା ଅପୋଜିଟ୍ ହେଲେ ସଲମାନ। ଶାହରୁଖ ସବୁବେଳେ କଥା ହୋଇଥାଆନ୍ତି। ହେଲେ ସଲମାନ ଖାନ ବହୁତ କମ କଥା ହୋଇଥାଆନ୍ତି।

ଗୋବିନ୍ଦ ନାମଦେବ, ଅଭିନେତା

ଜୀବନରେ ଅନେକ ଷ୍ଟ୍ରଗଲ କରିଛି। ପ୍ରତିଟି ପ୍ରୋଜେକ୍ଟକୁ ସଫଳ କରିବା ପାଇଁ ଖୁବ ପରିଶ୍ରମ କରିଛି। ପ୍ରଥମରୁ ଅନେକ କଷ୍ଟ ହୋଇଛି ହେଲେ ନିଜ ଉପରେ ଥିବା ବିଶ୍ୱାସ ମୋତେ ଆଗକୁ ନେଇଛି।



ଅଭୟ, ଅଭିନେତା

## ଇତିହାସ

୧୭୮୮- ରୋମରେ ବ୍ରିଟେନ୍ ରାଜକୁମାର ଚାର୍ଲ୍ସ ଏଡୱର୍ଡ ଷ୍ଟୁଆର୍ଟଙ୍କ ଦେହାନ୍ତ।

୧୭୯୦- ଟାଇନ୍ ନଦୀରେ ଲାଇଫବୋଟ୍ ଭଳି ନିର୍ମିତ ପ୍ରଥମ ଡଙ୍ଗାର ପରୀକ୍ଷଣ କରାଗଲା।

୧୯୭୧- ଇଣ୍ଡିଆନ୍ ଏୟାରଲାଇନ୍ସର ଫୋକର୍ ଫ୍ରେଣ୍ଡସିପ୍ ବିମାନର ଅପହରଣ।

୧୯୯୭- ହତ୍ୟାର ଦୀର୍ଘ ବର୍ଷ ପରେ ମହାତ୍ମା ଗାନ୍ଧିଙ୍କ ଅସ୍ଥିକୁ ବିସର୍ଜନ କରାଗଲା।

୨୦୦୪- ମଙ୍ଗଳ ଗ୍ରହରେ ଆଇରନ୍ ଅକ୍ସାଇଡ୍‌ର ଉପସ୍ଥିତି ସମ୍ବନ୍ଧରେ ଘୋଷଣା।

୨୦୦୭- ଆଙ୍ଗ୍ଲୋ ଡଚ୍ ଷ୍ଟିଲ୍ ନିର୍ମାଣକାରୀ କମ୍ପାନୀ କୋରସ୍ ଗ୍ରୁପକୁ ୧୨ ବିଲିଅନ୍ ଡଲାରରେ କିଣିଲା ଟାଟା।

୨୦୦୮- ବହୁଚର୍ଚ୍ଚିତ ଷ୍ଟାମ୍ପ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ଅବଦୁଲ କରିମ ତେଲଗୀଙ୍କୁ ଚେନ୍ନାଇର ଏକ ସ୍ୱତନ୍ତ୍ର ଅଦାଲତ ୧୦ ବର୍ଷର ଜେଲଦଣ୍ଡ ଶୁଣାଇଲେ।

୨୦୦୯- ଅଷ୍ଟ୍ରେଲିଆ ଓପନ୍ ମିକ୍ସଡ଼ ଡବଲ୍ ପ୍ରତିଯୋଗିତାରେ ସାନିଆ ମିର୍ଜା ଓ ମହେଶ ଭୂପତିଙ୍କ ଯୋଡ଼ି ଫାଇନାଲ୍‌ରେ ପହଞ୍ଚିଲେ।

୨୦୦୯- କୋକା କୋଲା କ୍ଲାସିକ୍‌ର ନାଁ ପରିବର୍ତ୍ତନ କରାଯାଇ କୋକାକୋଲା କରାଗଲା।



## ବିନା ଧୂଆଁରେ ଚାଲୁଛି ଟ୍ରେନ

ଭାରତୀୟ ରେଳବାଇର ଇତିହାସରେ ଏକ ନୂତନ ଯୁଗର ଆରମ୍ଭ କରି ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଭାରତ ବିଶ୍ୱର ଷଷ୍ଠ ଦେଶ ଭାବରେ 'ହାଇଡ୍ରୋଜେନ୍ ଟ୍ରେନ୍' ଚଳାଇବାର ବିରଳ ସଫଳତା ହାସଲ କରିଛି। ଏହି ଟ୍ରେନ୍‌ଗୁଡ଼ିକ ଡିଜେଲ କିମ୍ବା କୋଇଲା ପରିବର୍ତ୍ତେ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ସାହାଯ୍ୟରେ ଗଡୁଛି। ଯେଉଁଥିରେ ହାଇଡ୍ରୋଜେନ୍ ଓ ଅମ୍ଳଜାନର ମିଶ୍ରଣରେ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇଥାଏ ଏବଂ ଏହି ପ୍ରକ୍ରିୟାରେ କୌଣସି ପ୍ରଦୂଷଣକାରୀ ଧୂଆଁ ବାହାରିବା ବଦଳରେ କେବଳ ନିର୍ମଳ ଜଳୀୟ ବାଷ୍ପ ନିର୍ଗତ ହୋଇଥାଏ। ଜର୍ମାନୀ, ସ୍ୱିଡେନ, ଜାପାନ ଓ ଚୀନ୍ ପରେ ଭାରତ ଏହି ତାଲିକାରେ ସାମିଲ ହୋଇଛି। ଭାରତ ବର୍ତ୍ତମାନ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରୁଛି, ଯାହାର ଅର୍ଥ ହେଉଛି ସମସ୍ତ କ୍ଷେତ୍ରରେ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ରୂପେ ହ୍ରାସ କରିବା। ଭାରତୀୟ ରେଳବାଇରେ ଆଜି ମଧ୍ୟ ଅନେକ ଡିଜେଲ ଚାଳିତ ଟ୍ରେନ୍ ବ୍ୟବହାର ହେଉଛି, ବିଶେଷ କରି ସେହି ରୁଟ୍‌ଗୁଡ଼ିକରେ ଯେଉଁଠାରେ ବୈଦ୍ୟୁତିକ ଲାଇନର ସୁବିଧା ନାହିଁ। ଡିଜେଲ ଇଞ୍ଜିନ୍‌ଗୁଡ଼ିକ କ୍ଷତିକାରକ ଗ୍ୟାସ୍ ନିର୍ଗତ କରିବା ସହ ବାୟୁ ପ୍ରଦୂଷଣ ବଢ଼ାଇଥାନ୍ତି, ତେଣୁ ଏହି ପଦକ୍ଷେପ ପ୍ରଦୂଷଣ କମାଇବା ପାଇଁ ଖୁବ ଲାଭ ଦାୟକ ହେବ।

## ଓଡ଼ିଆ ରୁଚି

# ମୁଆଁପିଠା

**ସାମଗ୍ରୀ-** ଅରୁଆଚାଉଳ, ଫାଳବିରି, ନଡ଼ିଆ, ଚିନି, ଗୁଜୁରାତି, ଲୁଣ ସ୍ୱାଦ ଅନୁସାରେ।


**ପ୍ରଣାଳୀ-** ବିରି ଓ ଚାଉଳକୁ କିଛି ସମୟ ବତୁରାଇ ଚିକ୍କଣ କରି ବାଟି ନିଅନ୍ତୁ। ନଡ଼ିଆକୁ କୋରି ସେଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ଦେଇ ଅଳ୍ପ ତେଲରେ ଭାଜିଦିଅନ୍ତୁ। ଅରୁଆଚାଉଳ ଓ ବିରିବଟାକୁ ଅଧା ଅଧା କରିନିଅନ୍ତୁ। ଗ୍ୟାସରେ ଡେକ୍ଚିରେ କପଡ଼ା ବାନ୍ଧି ଏହି ପିଠଉକୁ ଅଧା ଢାଳନ୍ତୁ। ଏହାପରେ ପୁର ଦେଇ ବାକି ପିଠଉକୁ ଢ଼ାଳି ଦିଅନ୍ତୁ। ତାଉପରେ ଥାଳି ଘୋଡ଼େଇ ଦିଅନ୍ତୁ। ପିଠା ପ୍ରସ୍ତୁତତ ହେବା ପରେ ତାକୁ ପିସ୍ ପିସ୍ କରି କାଟି ଖାଇବାକୁ ଦିଅନ୍ତୁ।



ଅଭିନେତ୍ରୀ ଜେନିଫର କିଛିଦିନ ହେବ ଖୁବ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ତାଙ୍କର ବିବାହ ସରିଥିବା ନେଇ ସୋସିଆଲ ମିଡିଆରେ ଦାବି ହେଉଛି। ଜେନିଫରଙ୍କ ବିବାହ ଅଭିନେତା କରଣ ବାହିଙ୍କ ସହିତ ହୋଇଥିବା ନେଇ ସୋସିଆଲ ମିଡିଆରେ ୟୁଜର୍ସ ଆଲୋଚନା କରୁଛନ୍ତି। ହେଲେ ଏହି ସମସ୍ତ ଘଟଣାକୁ ମିଛ ବୋଲି ନିଜେ କରଣ ବାହି ସୂଚନା ଦେଇଛନ୍ତି, ଯାହାପରେ ଏହି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡିଛି। ଦୁଇଜଣ ଅନେକ ଦିନର ସାଙ୍ଗ ଏବଂ ଉଭୟଙ୍କ ଭିତରେ ବିବାହ ହୋଇନାହିଁ ବୋଲି କରଣ କହିଛନ୍ତି। ଉଭୟ ଦିଲ ମିଲ ଗଏରୁ ଏକାଠି କାମ କରିବା ଆରମ୍ଭ କରିଥିଲେ। ଏହାପରେ ପାଖାପାଖି ୧୪ ବର୍ଷ ପରେ ଉଭୟଙ୍କୁ ଏକ ୱେବ ସିରିଜରେ ଏକାଠି ଦେଖିବାକୁ ମିଳିଥିଲା। ଏହି ସିରିଜରେ ଉଭୟଙ୍କ କେମେଷ୍ଟ୍ରୀକୁ ଦର୍ଶକ ଖୁବ ପସନ୍ଦ କରିଥିଲେ। ତେବେ ଏହି ସିରିଜ ପରେ ହିଁ ଉଭୟଙ୍କ ଡେଟିଂ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଏହି ଚର୍ଚ୍ଚା ବର୍ତ୍ତମାନ ବିବାହର ରୂପ ବି ନେଇଛି। ସୂଚନା ଅନୁସାରେ ଜେନିଫର ପୂର୍ବରୁ ୨୦୧୨ରେ କରଣ ସିଂ ଗ୍ରୋବରଙ୍କୁ ବିବାହ କରିଥିଲେ ଯାହା ପରେ ସେ ୨୦୧୪ରେ ଅଲଗା ହୋଇ ଯାଇଥିଲେ। ଏହାପରଠାରୁ ଜେନିଫର ସିଙ୍ଗଲ ଅଛନ୍ତି।



## ବିବାହ କଥା ମିଛ



# ଶୁଖିଲା କାଶ

ବର୍ତ୍ତମାନ ପରିବେଶ ପ୍ରଦୂଷଣ ଏବଂ ଋତୁ ପରିବର୍ତ୍ତନ ଯୋଗୁଁ ଶୁଖିଲା କାସ ଏକ ସାଧାରଣ ସମସ୍ୟା ପାଲଟିଛି। ଶୁଖିଲା କାଶରେ କଫ ବାହାରି ନଥାଏ, ଯାହା ଫଳରେ ଗଳାରେ କଷ୍ଟ ଓ କୁଣ୍ଡେଇ ହେବା ପରି ଅନୁଭବ ହୁଏ। ଏହା ଅନେକ ସମୟରେ ଅତି ଯନ୍ତ୍ରଣାଦାୟକ ହୋଇଥାଏ, ବିଶେଷ କରି ରାତିରେ ଏହା ବଢ଼ିଯାଏ। ଆସନ୍ତୁ ଜାଣିବା କଣ ଏହାର କାରଣ ଓ ଲକ୍ଷଣ। ସେହିଭଳି ଯଦି ଏହା ଅଧିକ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି।

କାରଣ- ଭୂତାଣୁ ସଂକ୍ରମଣ କାରଣରୁ ଅନେକ ସମୟରେ ଥଣ୍ଡା ବା ଜ୍ୱର ପରେ ଅନେକ ସମୟରେ ଶୁଖିଲା କାଶ ରହିଯାଏ। ବେଳେବେଳେ ଆଲର୍ଜି ଯେପରି ଧୂଳି, ଧୂଆଁ କିମ୍ବା ପରିବେଶରେ ଥିବା ପରାଗରେଣୁ ଯୋଗୁଁ ଆଲର୍ଜି ହୋଇ କାଶ ହେବାର ଆଶଙ୍କା ରହିଥାଏ। ସେହିଭଳି ଶ୍ୱାସଜନିତ ସମସ୍ୟା ଥିଲେ ମଧ୍ୟ ଶୁଖିଲା କାଶ ଦେଖାଦିଏ। ଏହା ବ୍ୟତିତ ଏସିଡ୍ ରିଫ୍ଲକ୍ସ ଅର୍ଥାତ ପେଟରୁ ଏସିଡ୍ ଗଳାକୁ ଆସିବା ଫଳରେ ଗଳାରେ ଜଳାପୋଡ଼ା ହୋଇ କାଶ ହୋଇଥାଏ। ପ୍ରଦୂଷଣ କାରଣରୁ ବାୟୁରେ ଥିବା ବିଷାକ୍ତ କଣିକା ଶ୍ୱାସନଳୀରେ ପ୍ରବେଶ କଲେ ଶୁଖିଲା କାଶ ହୁଏ।

**ଲକ୍ଷଣ**

-କାଶିବା ବେଳେ କଫ ବାହାରିବା ନାହିଁ।

- ଗଳାରେ ସବୁବେଳେ କିଛି ଲାଗିଲା ପରି ବା କୁଣ୍ଡେଇ ହେବା ପରି ଅନୁଭବ ହେବା।

- ରାତିରେ କାଶର ପ୍ରଭାବ ବଢ଼ିବା।

- କାସିବା ସମୟରେ ଛାତିରେ ସାମାନ୍ୟ କଷ୍ଟ ହେବା।

-ସ୍ୱର ବସିଯିବା ବା ଗଳା ବସିଯିବା।

**ଘରୋଇ ଉପଚାର-** ଯଦି କାଶ ପ୍ରାଥମିକ ଅବସ୍ଥାରେ ଅଛି, ତେବେ ଏହି ଘରୋଇ ଉପାୟ ଅବଲମ୍ବନ କରିପାରିବେ। ଏକ ଚାମଚ ମହୁ ସହିତ ଅଦା ରସ ମିଶାଇ ଦିନକୁ ୨-୩ ଥର ଖାଆନ୍ତୁ। ମହୁ ଗଳାକୁ ଆରାମ ଦେଇଥାଏ। ଉଷୁମ ପାଣିରେ ସାମାନ୍ୟ ଲୁଣ ମିଶାଇ ଗାର୍ଗଲ କଲେ ଗଳାର ସଂକ୍ରମଣ କମିଥାଏ। ଗରମ ପାଣିର ବାଷ୍ପ ନେଲେ ଶ୍ୱାସନଳୀ ଖୋଲିଯାଏ ଏବଂ କାଶରୁ ଉପଶମ ମିଳେ। ରାତିରେ ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ ଏହା ଆଣ୍ଟି-ବାୟୋଟିକ ପରି କାମ କରେ।

**ସାବଧାନତା-** ପ୍ରଚୁର ପାଣି ପିଅନ୍ତୁ। ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ଉଷୁମ ପାଣି ବା ତରଳ ପଦାର୍ଥ ପିଅନ୍ତୁ। ଧୂଳି ଓ ଧୂଆଁରୁ ଦୂରେଇ ରୁହନ୍ତୁ, ବାହାରକୁ ଗଲାବେଳେ ମାସ୍କ ବ୍ୟବହାର କରନ୍ତୁ। ଥଣ୍ଡା ଖାଦ୍ୟ ଖାଆନ୍ତୁ ନାହିଁ ଯେପରି ଆଇସକ୍ରିମ୍, ଫ୍ରିଜ୍ ପାଣି ବା ଅଧିକ ଥଣ୍ଡା ପଦାର୍ଥରୁ ଦୂରେଇ ରୁହନ୍ତୁ। ତେବେ ଯଦି କାଶ ଅଧିକ ଦିନ ଧରି ରହେ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।





ମେଷ- ଦ୍ରବ୍ୟଲାଭ, ଶୁଭଖବର, ନୂତନ କର୍ମାରମ୍ଭ, ବନ୍ଧୁଦର୍ଶନ, ଶତ୍ରୁ ସମସ୍ୟା, ବ୍ୟବସାୟରେ ଉନ୍ନତି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ମା କନକଲକ୍ଷ୍ମୀ।

ବୃଷ- ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଯାନବାହନରେ ସତର୍କ, ଉଚ୍ଚସ୍ଥାନରୁ ପଡ଼ିଯାଇ ପାରନ୍ତି, ଗୃହେ ସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ।

ମିଥୁନ- କାର୍ଯ୍ୟରେ ଉନ୍ନତି, ଶାରୀରିକ ସୁସ୍ଥତା, ବ୍ୟବସାୟରେ ଉନ୍ନତି, ଆକସ୍ମିକ ଧନଲାଭ, ଗୃହେ ସମସ୍ୟା, ବିଦ୍ୟାରେ ସଫଳତା, ଦାମ୍ପତ୍ୟ ସୁଖ, ବିଦ୍ୟାରେ ସଫଳତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ଆରାଧନା- ମା ଦକ୍ଷିଣକାଳୀ।

କର୍କଟ- କାର୍ଯ୍ୟରେ ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟ କଳହ, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଉଚ୍ଚଆଶାରେ ବାଧା, ସନ୍ତାନ ସୁଖ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ।

ସିଂହ- ଅର୍ଥଲାଭ, ସନ୍ତାନଚିନ୍ତା, ଦ୍ରବ୍ୟ ପ୍ରାପ୍ତି, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଅତିଥି ସତ୍କାର, ସମ୍ମାନ ପ୍ରାପ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୧, ଆରାଧନା- ମା ମହାଲକ୍ଷ୍ମୀ।

କନ୍ୟା-ବନ୍ଧୁ ସାହାଯ୍ୟ, ଭୂସମ୍ପତ୍ତି ଲାଭ, ଗାଡ଼ିମୋଟର ଚାଳନାରେ ସତର୍କ, ଦାମ୍ପତ୍ୟ କଳହ, ବିଦ୍ୟାରେ ସଫଳତା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ।

ତୁଳା- ଅର୍ଥଲାଭ, ଦୂରଯାତ୍ରା, ଉଚ୍ଚଆଶାରେ ବାଧା, ଶତ୍ରୁ ସମସ୍ୟା, ବ୍ୟବସାୟରେ ବାଧା, ବାକିଧନ ପ୍ରାପ୍ତି, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ।

ବିଛା- କାର୍ଯ୍ୟରେ ସମସ୍ୟା, ଅର୍ଥଚିନ୍ତା, ଯାନବାହନେ ସତର୍କ, ଖର୍ଚ୍ଚାନ୍ତ, ଦେବ ଦର୍ଶନ, ଶତ୍ରୁ ସମସ୍ୟା, ଶରୀର କଷ୍ଟ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା - ପ୍ରଭୁ ନୃସିଂହ।

ଧନୁ- ଅପମାନଯୋଗ, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଦୂରଯାତ୍ରା, ଶରୀର ଅସୁସ୍ଥ, ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଗୃହେ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା - ଭଗବାନ ବିଷ୍ଣୁ।

ମକର-ଶରୀର ଅସୁସ୍ଥ, କର୍ମକ୍ଷେତ୍ରେ ବାଧା, ତୀର୍ଥାଟନ, ଦ୍ରବ୍ୟପ୍ରାପ୍ତି, ଗୃହ ଆରମ୍ଭ, ଶତ୍ରୁ ସମସ୍ୟା, ଋଣ କରିପାରନ୍ତି, ମୋକଦ୍ଦମାରେ ଅଶାନ୍ତି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା - ମା ଭଗବତୀ।

କୁମ୍ଭ- ଦୂରଯାତ୍ରା, ସନ୍ତାନସୁଖ, ଆଶାପୂର୍ତ୍ତି, ବନ୍ଧୁ ଦର୍ଶନ, ବ୍ୟସାୟରେ ସ୍ୱଳ୍ପ ଲାଭ, ମୋକଦ୍ଦମାରେ ଉନ୍ନତି, ଭୂସମ୍ପତ୍ତି କ୍ରୟ, ଶତ୍ରୁ ସମସ୍ୟା, ଶରୀର ଅସୁସ୍ଥ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା - ପ୍ରଭୁ ନାରାୟଣ।

ମୀନ- କ୍ଷତିଗ୍ରସ୍ତ, ଯାନବାହନରେ ସତର୍କ, କାର୍ଯ୍ୟରେ ମନସ୍ତାପ, ନୂତନ କର୍ମାରମ୍ଭ, ବ୍ୟବସାୟରେ ବିରୋଧ, ଅଯଥା ଚିନ୍ତା, ଶରୀର ଅସୁସ୍ଥ, ଦାମ୍ପତ୍ୟ କଳହ, ବିଦ୍ୟାରେ ଅବନତି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା - ମା ଭୁବନେଶ୍ୱରୀ।

ମାଘମାସ ଶୁକ୍ଳପକ୍ଷ, ଦ୍ୱାଦଶୀ
୩୦.୧.୨୦୨୬ ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ

# ଦୀର୍ଘକାଳୀନ ଅଭିବୃଦ୍ଧି, ସଂସ୍କାର ଏଜେଣ୍ଡା ନେଇ ଆଲୋଚନା

ଭୁବନେଶ୍ୱର, ୨୯ ।୧ (ସବ୍ୟୁ) : ପ୍ରମୁଖ ବିକାଶ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଅଭିବୃଦ୍ଧି ଓ ସଂସ୍କାର ଏଜେଣ୍ଡାକୁ ଆଗକୁ ବଢ଼ାଇବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନାରେ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା ସମେତ ଯୁବପିଢ଼ିଙ୍କୁ ଘରୋଇ କ୍ଷେତ୍ରରେ ଚାକିରି ପାଇଁ ଦକ୍ଷତା ପ୍ରଦାନ, ଭିତ୍ତିଭୂମି ବୃଦ୍ଧି କରିବା, ସାମାଜିକ କ୍ଷେତ୍ରରେ ଫଳାଫଳରେ ଉନ୍ନତି ଆଣିବା ଏବଂ ସ୍ଥିର ଓ ପ୍ରଯୁକ୍ତି ବିଦ୍ୟା ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ସରକାରଙ୍କ ପ୍ରମୁଖ ପଦକ୍ଷେପ ସଂସ୍କାର ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବା ସହ ବିକାଶକୁ ବିଭଳି ଉନ୍ନତି କରାଯାଇପାରିବ, ଯେପରିକି ଭିତ୍ତିଭୂମି, ଏମ୍‌ଏସ୍‌ଏମ୍‌ଇ, ଆନୁସଙ୍ଗିକ କ୍ଷେତ୍ର ଏବଂ ପର୍ଯ୍ୟଟନ ନିବେଶ ବୃଦ୍ଧି କରି ଯୁବପିଢ଼ି ଓ ମହିଳାମାନଙ୍କ ପାଇଁ କିଭଳି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାକୁ ବ୍ୟବସାୟ ଅନୁକୂଳ କରିବା ପାଇଁ ଆଇନ୍ ଏବଂ ନିୟମରେ ସଂସ୍କାର ଆସିଛି। ତେଣୁ ବିପୁଳ ନିବେଶ ଆକର୍ଷିତ ହୋଇଛି। ଡିସେମ୍ବର ୨୦୨୫ରେ ସିଏମ୍‌ଆଇଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨.୫ ଲକ୍ଷ କୋଟି ନିବେଶ ସହ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱବ୍ୟାଙ୍କ ସଭାପତି ରାଜ୍ୟର ବିକାଶ ପ୍ରୟାସ ଓ ସଂସ୍କାର ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ଯୁବପିଢ଼ି ପାଇଁ ଅଧିକ ଘରୋଇ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ଲାଗି ଦକ୍ଷତା ବିକାଶ ଉପରେ ଧ୍ୟାନ ଦେବାପାଇଁ ରାଜ୍ୟକୁ ଅଭିନନ୍ଦନ ଜଣାଇଛନ୍ତି। ଆଇଟିଆଇକୁ ଉନ୍ନତ କରିବା ପାଇଁ ଭାରତର ୪ ବିଲିୟନ୍ ଡଲାର ଜାତୀୟ ପଦକ୍ଷେପରେ ଯୋଗଦାନ ଦେଇ ଏକ ନୂତନ ବିଶ୍ୱବ୍ୟାଙ୍କ ଗୋଷ୍ଠୀ- ଭାରତ ରଣନୈତିକ ଯୋଜନା ସିଟିଟି ଭୁବନେଶ୍ୱର ଭଳି ଉଦାହରଣ ଉପରେ ନିର୍ମାଣ କରାଯିବ। ସଂସ୍ଥାଗତ କ୍ଷମତାକୁ ସୁଦୃଢ଼ କରିବା ଏବଂ ସରକାରୀ-ବେସରକାରୀ ସହଭାଗିତାକୁ ପ୍ରୋତ୍ସାହିତ କରିବା ଗୁରୁତ୍ୱ ଉପରେ ବିଶ୍ୱବ୍ୟାଙ୍କ ସଭାପତି ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଶ୍ୱବ୍ୟାଙ୍କ ସଭାପତିଙ୍କ ସହ ଭିଜନ ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ। ୨୦୩୬ ଓ ୨୦୪୭ ସୁଦ୍ଧା ଓଡ଼ିଶାର ଭିଜନ ହେଉଛି ଯେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ବୋଲି କହିବା ସହ ବିଶ୍ୱବ୍ୟାଙ୍କର ରଣନୈତିକ ଢ଼ାଞ୍ଚା ସହ ସମନ୍ୱୟ ଆହୁରି ଘନିଷ୍ଠ କରିବା ସହଯୋଗର ନୂତନ ମାର୍ଗ ଅନୁସନ୍ଧାନ କରିବା ପାଇଁ ଏକ ସମାନ ପ୍ରତିବଦ୍ଧତା ନେଇ ଆଲୋଚନା ହୋଇଥିଲା। ଏହି ଆଲୋଚନା ସମୟରେ ମୁଖ୍ୟ ସଚିବ ଅନୁଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ ଓ ବିଶ୍ୱବ୍ୟାଙ୍କର ପ୍ରତିନିଧିମାନେ ସାମିଲ ହୋଇଥିଲେ।

# ଆଜାଦନଗର ବୋମା ବିସ୍ଫୋରଣ

## ଆହତଙ୍କୁ ଏନ୍‌ଆଇଏ ର ଜେରା

ଭୁବନେଶ୍ୱର, (ସବ୍ୟୁ) : ଆଜାଦନଗର ବୋମା ବିସ୍ଫୋରଣ ମାମଲାର ଏନ୍‌ଆଇଏ ତଦନ୍ତ କରୁଥିବା ବେଳେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଆହତଙ୍କୁ ଗୁରୁବାର ଜେରା କରି ତାଙ୍କ ବୟାନ ରେକର୍ଡ କରିଛି । ବୋମା ବିସ୍ଫୋରଣରେ ଶେହେନାଜ ମଲ୍ଲିକ, ବନ୍ଧୁ ଅମୀୟ ମଲ୍ଲିକ, ମା' ଓ ବାନ୍ଧବୀ ଗୁରୁତର ଆହତ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ମଙ୍ଗଳବାର ଶେହେନାଜ ରହୁଥିବା ଭଡାଘର ୫ ମହଲା ଛାତ ଉପରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ସେମାନେ ଗୁରୁତର ଭାବେ ଆହତ ହୋଇଥିଲେ । ଘଟଣାସ୍ଥଳକୁ ଭୁବନେଶ୍ୱର ଡିସିପି ଯାଇ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏନ୍‌ଆଇଏ ମାମଲାର ତଦନ୍ତ ଆରମ୍ଭ କରି ଆହତଙ୍କୁ ପଚରାଉଚରା କରିଛି । ଶେହେନାଜ ଭୁବନେଶ୍ୱରର ଜଣେ ଜଣାଶୁଣା ଅପରାଧୀ । କୁଖ୍ୟାତ ଅପରାଧୀକୁ ଘର ମାଲିକ କିପରି ଭଡା ଦେଇଥିଲେ ଓ ସେ ସେଠାରେ ବୋମା ଭିଡିବାକୁ ସାହାସ କଲା ସେଥିନେଇ ତାଙ୍କୁ ପଚରାଉଚରା କରାଯାଇଛି । ବୋମା ବିସ୍ଫୋରଣ ଏଭଳି ଭୟଙ୍କର ଥିଲା ଯେ, ନୂଆ ଆଜାଦନଗର ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ । ସେମାନଙ୍କଠାରୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ଏନ୍‌ଆଇଏ ତଦନ୍ତକାରୀ ଟିମ୍ ଘରୋଇ ହସ୍ପିଟାଲରେ ପହଞ୍ଚି ଶେହେନାଜକୁ ବୋମା ଭିଡିବା ସମ୍ପର୍କରେ ପଚରାଉଚରା କରିଥିଲା । ସେ କାହିଁକି ଓ କେଉଁ ଉଦ୍ଦେଶ୍ୟରେ ବୋମା ଭିଡୁଥିଲା ତାହା ଏନ୍‌ଆଇଏ ଟିମ୍ ଜାଣିବା ପାଇଁ ବିଭିନ୍ନ ପ୍ରଶ୍ନ ତାକୁ ପଚାରିଥିଲା । ଏହି ଜେରାର ବୟାନକୁ ଭିଡିଓ ରେକର୍ଡିଂ କରାଯାଇଛି । ସେ କାହାଠାରୁ ସୁପାରୀ ନେଇଥିଲା ଓ କେଉଁଠାରେ ବୋମା ପକାଇବାକୁ ଚାହିଁଥିଲା ତାହା ଏନ୍‌ଆଇଏ ଟିମ୍ ଜାଣିବା ପାଇଁ ସବୁ ଆହତଙ୍କୁ ପଚରାଉଚରା କରିଥିଲା । ତଦନ୍ତ ଆଗକୁ ବଢିଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ସୂଚନା ମିଳିଛି ।

# ଓଡ଼ିଶାର ହଜାର ହଜାର ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ଏଆଇ-ପ୍ରସ୍ତୁତ କରିବା ପାଇଁ ରିଲାଏନ୍ସ ଜିଓର ପ୍ରୟାସ

ଭୁବନେଶ୍ୱର, (ସବ୍ୟୁ) : ସମସ୍ତଙ୍କ ପାଇଁ ଏଆଇ ମିଶନର ଅଂଶ ସ୍ୱରୂପ, ରିଲାଏନ୍ସ ଜିଓ ସାରା ଓଡ଼ିଶାରେ ଜିଓ ଏଆଇ କ୍ଲାସରୁମ୍ ପ୍ରୋଗ୍ରାମ ଜରିଆରେ ହଜାର ହଜାର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ଏଆଇ-ପ୍ରସ୍ତୁତ କରିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛି । ସାରା ଓଡ଼ିଶାରେ ୬୫୦ରୁ ଅଧିକ ସ୍କୁଲର ୫୦୦୦ରୁ ଅଧିକ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏହି ଅଭିନବ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରିସାରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭବିଷ୍ୟତ ପାଇଁ ସଶକ୍ତ କରିବା ତଥା ସେମାନଙ୍କ ଏଆଇ ମୌଳିକ ଜ୍ଞାନକୁ ସୁଦୃଢ଼ କରିବା । ଜିଓ ଏଆଇ କ୍ଲାସରୁମ୍ ହେଉଛି ଏକ ମାଗଣା, ସଂରଚିତ ଜାତୀୟ ଏଆଇ ତାଲିମ ପଦକ୍ଷେପ ଯାହା ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭବିଷ୍ୟତର ଦକ୍ଷତା ପ୍ରସ୍ତୁତି ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ, ରାଜ୍ୟବ୍ୟାପୀ ବିଭିନ୍ନ ସ୍କୁଲ ଏବଂ କଲେଜଗୁଡ଼ିକରେ ଏଆଇ କର୍ମଶାଳାମାନ ଆୟୋଜନ କରାଯାଉଛି । ଜିଓ ଏଆଇ କ୍ଲାସରୁମ୍ ଏକ ଚାରି-ମଡ୍ୟୁଲ୍ ବିଶିଷ୍ଟ କାର୍ଯ୍ୟକ୍ରମ ଯେଉଁଥିରେ ଭିଡିଓ ପାଠ୍ୟକ୍ରମ (ଲେକ୍‌ଚର), ପିଡିଏଫ ଡକ୍ୟୁମେଣ୍ଟ, ରେଫରେନ୍ସ ଭିଡିଓ ଏବଂ ପ୍ରତ୍ୟେକ ମଡ୍ୟୁଲ୍ ପରେ କୁଇଜ୍ ଓ ଆସାଇନମେଣ୍ଟ ଅନ୍ତର୍ଭୁକ୍ତ ରହିଛି । ସମସ୍ତ ମଡ୍ୟୁଲ୍ ଶେଷରେ, ସମାପ୍ତି ବ୍ୟାଜ୍ ପ୍ରଦାନ କରାଯିବ । ଜିଓପିସିରେ ସ୍ୱତନ୍ତ୍ର ଭାବରେ ଅଧ୍ୟୟନ କରୁଥିବା ବ୍ୟବହାରକାରୀଙ୍କ ପାଇଁ, ଜିଓ



ଇନଷ୍ଟିଟ୍ୟୁଟ ସାର୍ଟିଫିକେସନ୍ ପ୍ରଦାନ କରାଯିବ, ଯାହା ଆସାଇନମେଣ୍ଟ ମାଧ୍ୟମରେ ଜ୍ଞାନ ଏବଂ ବ୍ୟବହାରିକ ପ୍ରୟୋଗ ଉଭୟକୁ ପ୍ରମାଣିତ କରିବ । ଛାତ୍ରଛାତ୍ରୀମାନେ jio.com/ai-classroom ମାଧ୍ୟମରେ ଡେସ୍କଟପ୍ କିମ୍ବା ଲାପଟପ୍ ବ୍ୟବହାର କରି ପାଠ୍ୟକ୍ରମକୁ ପ୍ରବେଶ ଓ ସମ୍ପୂର୍ଣ୍ଣ କରିପାରିବେ ଏବଂ ବ୍ୟବହାରିକ ଜ୍ଞାନ ତଥା ଏଆଇ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଅଭିଜ୍ଞତା ହାସଲ କରିପାରିବେ ।

### ଖଣିଲିଜ୍ ଖିଲାପକାରୀଙ୍କୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସର୍ତ୍ତ ଖିଲାପକାରୀଙ୍କ ଖଣିକୁ ଅକ୍ତିଆରକୁ ନିଅନ୍ତୁ ସରକାର

କଟକ, (ସବ୍ୟୁ): ବର୍ଷକୁ ଯେତିକି ପରିମାଣର ଖଣି ଉତ୍ତୋଳନ ପାଇଁ ଲିଜ୍ ନେଉଥିଲେ ସେତିକି ପରିମାଣର ଖଣି ଉତ୍ତୋଳନ କଲେନାହିଁ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଲିଜଧାରୀଙ୍କ ଉପରେ ଜରିମାନା କରାଗଲା । ନା ଜରିମାନା ଦେଲେ ନା ଲିଜ୍ ସର୍ତ୍ତ ପୂରଣ କଲେ । ଫଳରେ ରାଜ୍ୟ ସରକାରଙ୍କୁ ଏଥିପାଇଁ ହଜାରହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଲା । କିନ୍ତୁ ଏଣିକି ଆଉ ଏହି ଖିଲାପକାରୀ ଖଣି ଲିଜଧାରୀଙ୍କୁ ଛାଡ଼୍ ନାହିଁ । ଏହିଭଳି ଲିଜଧାରୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ହେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ମିନେରାଲ କନ୍‌ସେସନ୍ ରୁଲ୍-୨୦୧୬(୧୨)(ଆଇ) (ଇଇ) ଆଧାରରେ ଏହି ଲିଜ୍ ଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ହାଇକୋର୍ଟ ଆଦେଶ ଦେଇଛନ୍ତି। ଏହି ନିୟମ ଆଧାରରେ ଜଣେ ଲିଜଧାରି ଖଣି ମାଲିକ ରାଜ୍ୟ ସରକାରଙ୍କ ସହ ଏକ ଚୁକ୍ତି କରିଥାନ୍ତି। ଉକ୍ତ ଚୁକ୍ତି ଅନୁସାରେ ଲିଜଧାରୀ ବାର୍ଷିକ କେତେ ପରିମାଣର ଖଣି ଉତ୍ତୋଳନ କରିବେ ଏବଂ କେତେ ପରିମାଣର ଖଣି ବଜାରକୁ ଛାଡ଼ିବେ ତାହା ଧାର୍ଯ୍ୟ କରାଯାଇଥାଏ । ଯଦି ଏହି ଚୁକ୍ତିର କେହି ଉଲଂଘନ କରନ୍ତି ସେମାନଙ୍କୁ ଜରିମାନାର ଡିମାଣ୍ଡ ନୋଟିସ୍ କରାଯାଇଥାଏ । ଯଦି ସେ ନୋଟିସ୍‌ର କୌଣସି ଜବାବ ନ ରଖନ୍ତି ତାହେଲେ ଉକ୍ତ ଖଣିର ଲିଜ୍‌କୁ ବାତିଲ୍ କରାଯାଇ ରାଜ୍ୟ ସରକାର ନିଜ ଅକ୍ତିଆରକୁ ଆଣିପାରିବେ। ଏହି ନିୟମ ଆଧାରରେ ରାଜ୍ୟ ସରକାର ଯେତେସବୁ ଖିଲାପକାରୀ ଲିଜଧାରୀ ଖଣି ମାଲିକମାନେ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏପରିକି ରାଜ୍ୟ ସରକାର ଚାହିଁଲେ ନିଜେ ମଧ୍ୟ ଏହିସବୁ ଖଣିକୁ ନିଜ ଅକ୍ତିଆରକୁ ଆଣିପାରିବେ। ନଚେତ୍ କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାସନାଲ ମିନେରାଲ ଡେଭଲପ୍‌ମେଣ୍ଟ କର୍ପୋରେସନ୍ ଜରିଆରେ ଏହିସବୁ ଖଣି ଚଳାଇ ପାରିବେ ବୋଲି ଉଲ୍ଲେଖ କରିଛନ୍ତି । ସିଟିଜେନ୍ ଆକ୍ସନ ଫୋରମ୍ ପକ୍ଷରୁ ଆଗତ ମାମଲାରେ ଆଜି ରାୟ ପ୍ରକାଶ କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ପ୍ରତ୍ୟେକ ଖଣିଲିଜଧାରୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଖଣି ଉଠାଇବା ପାଇଁ ପରିବେଶ ମଞ୍ଜୁରି ଦିଆଯାଇଥାଏ। ସେମାନେ ରାଜ୍ୟ ସରକାରଙ୍କ ଠାରୁ ଗୋଟେ ଖଣି ନେବାବେଳେ ବାର୍ଷିକ କେତେ ପରିମାଣର ଖଣି ଉତ୍ତୋଳନ କରିବେ ତାହା ମଧ୍ୟ ସ୍ଥିର କରାଯାଇଥାଏ । ଜଣେ ଖଣି ଲିଜଧାରୀ ଅନୁମୋଦନ ପରିମାଣର ଖଣି ଉତ୍ତୋଳନ କଲେ ଏହାଦ୍ୱାରା ରାଜ୍ୟ ସରକାରଙ୍କୁ ଅଧିକ ଲାଭ ହୋଇଥାଏ। କାରଣ ଯେତିକି ସେମାନେ ଉତ୍ତୋଳନ କରିବେ ସେତେ ଅଧିକ ଟିକସ ରାଜ୍ୟ ସରକାରଙ୍କୁ ମିଳିବ । କିନ୍ତୁ ରାଜ୍ୟରେ ଅନେକ ଖଣିଲିଜଧାରୀମାନେ ଖଣି ନେବାପରେ ଧାର୍ଯ୍ୟ ପରିମାଣର ଖଣି ଉତ୍ତୋଳନ କରୁନାହାନ୍ତି । ଫଳରେ ଏହାଦ୍ୱାରା ରାଜ୍ୟ ସରକାରଙ୍କୁ ବାର୍ଷିକ ହଜାରେ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି ବୋଲି ଅଭିଯୋଗ କରି ସିଟିଜେନ୍ ଆକ୍ସନ ଫୋରମ୍ ହାଇକୋର୍ଟଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏହିଭଳି ଖଣି ନିୟମ ଉଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ମଧ୍ୟ ରହିଛି । କିନ୍ତୁ ରାଜ୍ୟ ସରକାର ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହା ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ । ରାଜ୍ୟ ସରକାର ଯେଉଁ ରିପୋର୍ଟ ଦେଇଥିଲେ ତାହା ଆଖିଖୋସି ହେଲାଭଳି। ।ସେଥିରେ ବିଭିନ୍ନ ଖିଲାପ କାରି ଖଣିଲିଜଧାରୀଙ୍କ ଉପରେ ପ୍ରାୟ ୪୧ହଜାର କୋଟି ଟଙ୍କାର ଜରିମାନା ଗଡ଼ି ଆସୁଥିଲା। ଏତେ ପରିମାଣର ଅର୍ଥ ନଆସିବା କାରଣରୁ ଏହା କିପରି ରାଜ୍ୟ ରାଜକୋଷର କ୍ଷତି ପହଞ୍ଚାଉଛି ସେନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି ।ହାଇକୋର୍ଟ ରାୟରେ କହିଛନ୍ତି ଯେ, ଏଭଳି ଲିଜଧାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଥିଲେ ମଧ୍ୟ ଏହାକୁ ଦୃଢ଼ ଭାବେ ଲାଗୁ କରାଯାଇ ନାହିଁ । ବର୍ତ୍ତମାନ ଏହି ଆଇନ ଲାଗୁ ହେବାର ସମୟ ଆସିଛି । ଏହିଭଳି ଖିଲାପକାରୀ ଲିଜଧାରିଙ୍କ ବିରୋଧରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏ ଜି ଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ ।


## ଗଣ୍ଡିବେଡ ହାଇସ୍କୁଲର ପୁରସ୍କାର ବିତରଣ ଉତ୍ସବ

ଖଇରା, (ସବ୍ୟୁ): -ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି।ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସ,ସରପଞ୍ଚ ବନିତା ପ୍ରଧାନ,ସିଆରସିସି ଉଦୟଭାନୁ ପତି ଓ ଏସଏମସି ସଭାପତି ଗଗନ ବିହାରୀ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କଳାଶିକ୍ଷକ ଗୌତମ ବେହେରା ବାର୍ଷିକ ବିବରଣୀ ପାଠ ଓ ସହାକରୀ ଶିକ୍ଷୟତ୍ରୀ ଶିକ୍ଷକ ଚିନ୍ମୟୀ ଦେବସ୍ମିତା ପାଣିଗ୍ରାହୀ,ଅନୁରାଧା ରାଉଳ,ଲକ୍ଷ୍ମୀମଣି ଜେନା, ଓ ନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ସଦର ମହକୁମାସ୍ଥିତ କାଳୀ ପଡ଼ିଆଠାରେ ଗୁରୁବାର ଠାରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ମେଳା ଆଜିଠାରୁ ଆସନ୍ତା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ, ଏହି ମେଳାରେ କୃଷି ଯନ୍ତ୍ରପାତି କିଣିବା ଉପରେ ଚାଷୀଙ୍କୁ ୪୦%ରୁ ୭୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ସୁକାନ୍ତ କୁମାର ସାହୁ, କୃଷି ଗବେଷଣା ଓ ଜ୍ଞାନ କୌଶଳ ସମ୍ପ୍ରସାରଣ କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଶ୍ରୀ କିଶୋର ଚନ୍ଦ୍ର ସାହୁ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ସେନାପତି କୃଷି ଜ୍ଞାନ କୌଶଳ, କୃଷି ଯନ୍ତ୍ରପାତିର ବ୍ୟବହାର, ଉପଲବ୍ଧ ରିହାତି ବିଷୟରେ ତଥ୍ୟ ରଖିଥିଲେ,କୃଷି ଅଧିକ୍ଷଣଯନ୍ତ୍ରୀ ନରେନ୍ଦ୍ର କୁମାର ପଣ୍ଡା ନିଜ ଅଭିଭାଷଣରେ କେନ୍ଦୁଝରର ଚାଷୀଙ୍କ ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟର ଉତ୍ସାହକୁ ପ୍ରଶଂସା କରଥିଲେ । ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା କୃଷି ବିଭାଗ ଦ୍ୱାରା ଆୟୋଜିତ ଏହି ମେଳା ଏକ ସଫଳ ପ୍ରୟାସ ବୋଲି ପ୍ରକାଶ କରିଥିଲେ । ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ସହାୟତା ପ୍ରଦାନ ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ବଣ୍ଟନ କରାଯାଇଥିଲା ।

ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ
ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୩୦ ଜାନୁଆରୀ, ୨୦୨୬
ସମୟ: ପୂର୍ବାହ୍ନ ୧୦.୪୦ ମିନିଟ୍
ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

- ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
- ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ

ଡ. ହରି ବାବୁ କମ୍ଭମପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ସୁରମା ପାଢ଼ୀ,ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ଭବାନୀଶଙ୍କର ଭୋଇ, ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ
ଓ ବିଧାୟକଗଣ ଯୋଗ ଦେବେ ।

15001/1/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR: 15001/15001/2/25-26/0001



## ବିଜେପି ପ୍ରଦେଶ ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

# ସାଂଗଠନିକ କାର୍ଯ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସଂପର୍କରେ ଆଲୋଚନା

ଭୁବନେଶ୍ୱର,(ସବ୍ୟୁ) : ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ପାର୍ଟିର ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ବିଧାନସଭା ପ୍ରାର୍ଥୀଙ୍କୁ ନେଇ ଏକ ବିଶେଷ ପ୍ରଦେଶସ୍ତରୀୟ କାର୍ଯ୍ୟକର୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପାର୍ଟୀର ସଂଗଠନିକ କାର୍ଯ୍ୟ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଗୁଡିକ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକ ସଂପର୍କରେ ସୁଚନା ଦେଇ ବିରଞ୍ଚି ତ୍ରିପାଠୀ କହିଛନ୍ତି ଯେ, ବୈଠକରେ ବିଶେଷ କରି ପାର୍ଟୀର ସଂଗଠନିକ ବ୍ୟବସ୍ଥାର ସମୀକ୍ଷା, ବୁଥ୍ ଠାରୁ ଆରମ୍ଭ କରି ଜିଲ୍ଲା କମିଟି ଗଠନ ମଣ୍ଡଳ କମିଟି ଓ ବିଭିନ୍ନ ମୋର୍ଚ୍ଚା କମିଟି ଗଠନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇ ସମସ୍ତ କାର୍ଯ୍ୟକୁ ତୁରନ୍ତ କିପରି ସମାପ୍ତ କରାଯିବ ତାର ଯୋଜନା ପ୍ରସ୍ତୁତ କରାଗଲା । ସେହିପରି ଗରିବମାନଙ୍କ କଲ୍ୟାଣ ଓ ଉତଥାନ ପାଇଁ ଭିବି-ଜି-ରାମ୍‌ଜି ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାରତୀୟ ଜନତା ପାର୍ଟି ଏକ ରାଜନୈତିକ ଦଳ ଏବଂ ସବୁବେଳେ ନିର୍ବାଚନ ପାଇଁ ପୂର୍ବ ଓ ପୂର୍ଣ୍ଣ ପ୍ରସ୍ତୁତ ଥାଏ। ସେହି ଆଧାରରେ ଆଗାମୀ ଦିନମାନଙ୍କରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ପ୍ରସଙ୍ଗରେ ଆଜିର ବୈଠକରେ ଆଲୋଚନା କରାଯାଇଛି ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।




# ଉତ୍କର୍ଷ ଓଡ଼ିଶା ପକ୍ଷରୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ) : ଉତ୍କର୍ଷ ଓଡ଼ିଶା ତରଫରୁ ଆୟୋଜିତ ହୋଇଯାଇଛି ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ ୨୦୨୬। ଏହି ଅବସରରେ ଅତିଥି ଭାବରେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର,ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଧାୟକ ରଘୁନାଥ ଜଗଦାଲ ଏବଂ ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତି, ବ୍ୟବସାୟ ଏବଂ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ୩୦ଜଣ ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ ୨୦୨୬ ରେ ସମ୍ମାନିତ କରାଯାଇଥିଲା। ଏହା ସହ ରାଜ୍ୟର ଭବିଷ୍ୟତ ଅଭିବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା। ବିଶେଷ ଭାବରେ "ଓଡ଼ିଶାର ଅଭିବୃଦ୍ଧି କାହାଣୀ: ଏକ ପ୍ରଗତିଶୀଳ ଭବିଷ୍ୟତ ପାଇଁ ବ୍ୟବସାୟ, ସଂସ୍କୃତି ଏବଂ ସୃଜନଶୀଳ ନେତୃତ୍ୱକୁ ସୁଦୃଢ଼ କରିବାଦ୍ଧ ବିଷୟ ଉପରେ ଏକ ସ୍ୱତନ୍ତ୍ର ପ୍ୟାନେଲ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉତ୍କର୍ଷ ଓଡ଼ିଶାର ଏକ ପତ୍ରିକା ମଧ୍ୟ ଉନ୍ମୋଚିତ କରାଯିବା ସହ ଉତ୍କର୍ଷ ଓଡ଼ିଶାର ଏକ ନୂତନ ୱେବ୍ ଚ୍ୟାନେଲର ଶୁଭାରମ୍ଭ ମଧ୍ୟ କରାଯାଇଥିଲା। ଏହି ଚ୍ୟାନେଲ ମାଧ୍ୟମରେ ରାଜ୍ୟର କଳା, ସଂସ୍କୃତି, ସାହିତ୍ୟ ଏବଂ ବ୍ୟବସାୟ ଭିତ୍ତିକ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ । ଏହି ଉତ୍କର୍ଷ ଓଡିଶା ସ୍ୱାଭିମାନ ସମ୍ମାନ ଉତ୍ସବରେ କଳା, ସଂସ୍କୃତି, ବ୍ୟବସାୟ ଆଦିରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପକ କେପି ପରିଚାଳନା କରିଥିଲେ । ଶେଷରେ ପ୍ରତିଷ୍ଠାତା ଭରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପାଞ୍ଚଦିନିଆ ପୁଷ୍ପମେଳା "ଧରା ଅନୁଗ୍ରହ'

କଟକ, (ସ୍ୱପ୍ର) : ଫୁଲରେ ଫୁଲରେ ସଜେଇ ହୋଇଛି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ । ଏହାର ସମଗ୍ର ପରିସର ମଧ୍ୟରେ ସଞ୍ଚରି ଯାଉଛି ଭଳିକି ଭଳି ଫୁଲର ସୁମଧୁର ବାସ୍ନା । ପ୍ରଥମ ଥର ପାଇଁ ଏଠି ଆୟୋଜିତ ହୋଇଛି ବିରାଟ ପୁଷ୍ପ ପ୍ରଦର୍ଶନୀ । ଯାହାର ନାଁ ରହିଛି, ଧରା ଅନୁଗ୍ରହ । ଇଏ ହେଉଛି କଟକ ନିକଟସ୍ଥ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ପାଞ୍ଚଦିନିଆ ପୁଷ୍ପ ପ୍ରଦର୍ଶନୀ । ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ପୁଷ୍ପ ମେଳା ଜାନୁଆରୀ ୨୮ ତାରିଖଠାରୁ ଆରମ୍ଭ ହୋଇ ଆସନ୍ତା ଫେବ୍ରୁଆରି ୧ ତାରିଖ ପର୍ଯ୍ୟନ୍ତ ଚାଲିବା କାର୍ଯ୍ୟକ୍ରମ ରହିଛି । ସହରାଞ୍ଚଳରେ ମଧ୍ୟ ସବୁଜିମାର ଲହରି ଖେଳାଇବାକୁ ଏହା ହେଉଛି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଭିନବ ଉଦ୍ୟମ । ନିଜ କ୍ୟାମ୍ପସରେ ଦେଢ଼ଲକ୍ଷରୁ ଅଧିକ ବୃକ୍ଷରୋପଣ କରି ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷାର ଅଗ୍ରଦୂତ ସାଜିଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବେ ଜାତିଜାତିକା ଔଷଧୀୟ ବୃକ୍ଷ ଓ ହର୍ବାଲ୍ ଗାର୍ଡେନର ପେଣ୍ଠସ୍ଥଳୀ ପାଲଟିଛି । ବିଶେଷକରି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମର ୭୦ତମ ବର୍ଷ ଏବଂ 'ଆର୍ଟ ଅଫ୍ ଲିଭିଂ' ସଂସ୍ଥା ପ୍ରତିଷ୍ଠାର ୪୫ତମ ବର୍ଷ ଉପଲକ୍ଷେ ଏହି ପୁଷ୍ପ ପ୍ରଦର୍ଶନୀକୁ ଭବ୍ୟ ଓ ଦିବ୍ୟ ରୂପ ପ୍ରଦାନ କରାଯାଇଛି । ପାହାଡ଼ ଉପରେ କିସମ କିସମର ୧୦ ହଜାରରୁ ଅଧିକ କୁଣ୍ଡରେ ଫୁଲ ଫୁଟାଇ ସମାଜକୁ ଦିଆଯାଇ ପାରିଛି ଏକ ସକାରାତ୍ମକ ବାର୍ତ୍ତା । ଏହି ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ଅନ୍ୟ ସାତଟି ବିଶ୍ୱବିଦ୍ୟାଳୟ ଏବଂ ପ୍ରାୟ ୨୦ଟି ବିଦ୍ୟାଳୟର ବିଦ୍ୟାର୍ଥୀ ପରିବେଶ ଓ ପୁଷ୍ପ ଉଦ୍ୟାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଖୋଲିଛନ୍ତି ଏକାଧିକ ଷ୍ଟଲ୍ । ଉଦଘାଟନୀ ଉତ୍ସବରେ ଯୋଗଦେଇ କଟକ ମେୟର ସୁବାସ ସିଂ କହିଥିଲେ, ସିଏମସି ଅଧିକାରୀମାନଙ୍କୁ ଥରେ ଏହି ପୁଷ୍ପ ମେଳା ଦେଖିଯିବାକୁ ନିଶ୍ଚୟ କହିବେ । ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ସ୍ଥାନୀୟ ଅଞ୍ଚଳରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରି ରଖିଛି, ସେକଥା ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓୟୁଏଟି (ବିଟିସି) ର ପୂର୍ବତନ ନିର୍ଦ୍ଦେଶିକା ପ୍ରଫେସର (ଡ.) ଶଶିକଳା ବେଉରା, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ପ୍ରଫେସର (ଡ.) ଏସ୍. କୁମାରସ୍ୱାମୀ ପ୍ରମୁଖ ଏହି ପାଞ୍ଚଦିବସୀୟ ପୁଷ୍ପ ପ୍ରଦର୍ଶନୀର ଉଦଘାଟନୀ ଦିବସରେ ଉପସ୍ଥିତ ରହି ଏହାକୁ ଉଦଘାଟନ କରିଥିବା ବେଳେ ଡ. ବୁଲବୁଲ୍ ବଲଲୀନା ମଞ୍ଚ ପରିଚାଳନା କରିଥିଲେ ।



# ଦୁଇଟି ପୃଥକ ସ୍ଥାନରୁ ଉଚ୍ଛେଦ କଲା ବିଡିଏ

ଭୁବନେଶ୍ୱର (ସବ୍ୟୁ) : ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର-୬୬୬ରେ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ପ୍ରାୟ ୮୨୦ ଡିସିମିଲ ଜମିକୁ ନିଜ ଅକ୍ତିଆରରେ ରଖିଥିଲେ ଜବରଦଖଲକାରୀ ।ପ୍ରଥମ ଉଚ୍ଛେଦରେ ୬ଟି ଆଜବେଷ୍ଟସ ଘର, ୨ଟି ଦୋକାନ, ୫ଟି ଶୌଚାଳୟ, ଗୋଟିଏ ପାଣି ଟାଙ୍କି ଭଙ୍ଗାଯାଇଥିଲା । ତିନି ଘଣ୍ଟା ଧରି ଉଚ୍ଛେଦ କାର୍ଯ୍ୟ ଚାଲିଥିଲା । ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ଉପସ୍ଥିତିରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୫ ଓ ୬ ଟିମ ଉଚ୍ଛେଦରେ ନିୟୋଜିତ ହୋଇଥିଲେ ।

ଦ୍ୱିତୀୟ ଉଚ୍ଛେଦଟି ପାତ୍ରପଡ଼ା ମୌଜାରେ ଥିବା ପ୍ଲଟ ନଂ-୩୬୯ ଓ ୩୭୧ ଅନ୍ତର୍ଗତ ୬ ଏକର ୮୯୦ ଡିସିମିଲ ଜମି ଜବରଦଖଲରେ ଅଛି । ଏହି ଜମିରେ ପାଚେରୀ ତିଆରି ପାଇଁ ଉଚ୍ଛେଦ କରିଛି ବିଡିଏ । ଏଥିରେ ୬ଟି ଆଜବେଷ୍ଟସ ଘର, ୩ଟି ଶୌଚାଳୟ ଏବଂ ଦୁଇଟି ପାଣି ଟାଙ୍କିକୁ ମାଟିରେ ମିଶାଇଦିଆଯାଇଛି । ଏହି ଉଚ୍ଛେଦରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୩ ଓ ୪ର ଟିମ ସାମିଲ ହୋଇଥିଲେ ।



# ଦି ମୋମେଣ୍ଟ ପକ୍ଷରୁ ଜାତୀୟ ଖବର କାଗଜ ଦିବସ ପାଳିତ

ପୁରୀ, (ସବ୍ୟୁ) : ସ୍ଥାନୀୟ ୟୁଥ ହଷ୍ଟେଲ ଠାରେ ଦି ମୋମେଣ୍ଟ ସାମାଜିକ ଅନୁଷ୍ଠାନ, ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜାତୀୟ ଖବର କାଗଜ ଦିବସ ପାଳିତ ହୋଇଛି। ଏହି ଅବସରରେ ଗଣମାଧ୍ୟମର ଭବିଷ୍ୟତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ଅନୁଷ୍ଠିତ ହୋଇ ଥିଲା। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ । ସେ କହିଲେ ୧୭୮୦ ମସିହା ଜାନୁଆରୀ ୨୯ ତାରିଖ ଦିନ ଭାରତୀୟ ସମ୍ବାଦପତ୍ର ଦିବସର ଇତିହାସ ସୃଷ୍ଟି ହୋଇଥିଲା । ଜେମ୍ସ ଅଗଷ୍ଟସ ହିକି ଭାରତର ପ୍ରଥମ ମୁଦ୍ରିତ ବେଙ୍ଗଲ ଗେଜେଟ ପ୍ରଚଳନ କରିଥିଲେ । ଏହା ସାପ୍ତାହିକ ଭାବେ କୋଲକତାରେ ବ୍ରିଟିଶ ଶାସନ କାଳରେ ଆରମ୍ଭ ହୋଇଥିଲା ।୧୯୪୭ ପରେ ପ୍ରେସ ଆଇନର ସୁଧାର ପାଇଁ ତତ୍କାଳୀନ ନ୍ୟାୟମୂର୍ତ୍ତି ରାଜାଧକ୍ଷ୍ ପ୍ରେସ କମିଶନ ଅନୁସନ୍ଧାନ କମିଟି ଗଠନ କରାଯାଇ ୧୯୫୪ ମସିହାରେ ଏହି କମିଶନ ସାମ୍ବାଦିକତାର ମାନ ଉନ୍ନତି ପାଇଁ ସୁପାରିଶ ଦେଇଥିଲେ । ତାହାପରେ ପ୍ରେସ କାଉନସିଲର ଅଫ ଇଣ୍ଡିଆ ଗଠନ ହୋଇଥିଲା । ଏହା ଭାରତୀୟ ଗଣମାଧ୍ୟମ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ସାଂସ୍କୃତିକ ଦିନ । ଛାପା ଗଣମାଧ୍ୟମର ଭବିଷ୍ୟତ ରହିଛି । ଏଥିରେ ପ୍ରାମାଣିକ ତଥ୍ୟ ସହିତ ଖବର ପ୍ରକାଶିତ ହୁଏ । ଗଣମାଧ୍ୟମର ଭବିଷ୍ୟତ ଉଜ୍ଜଳମୟ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ ଇ ୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ ରାଜେଶ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ କୈଳାଶଚନ୍ଦ୍ର ସାହୁ, ବରିଷ୍ଠ ଆଇନୀଜୀବୀ ବିନୟ ନୃସିଂହ ମହାପାତ୍ର, ଅନୁଷ୍ଠାନର ସଭାପତି ପ୍ରତିଭା ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଓ ମଞ୍ଚସୀନ ଥିଲେ । ଆୟୋଜିତ ଆଲୋଚନା ଚକ୍ରରେ ପ୍ରାକ୍ତନ ବରିଷ୍ଠ ପୁଲିସ ଅଧିକାରୀ ଦେବେନ୍ଦ୍ର ଦାଶ, ସମୟର ଜିଲ୍ଲା ପ୍ରତିନିଧି ତଥା ବରିଷ୍ଠ ସମ୍ବାଦିକ ବିଶ୍ୱଜିତ ପଟ୍ଟନାୟକ, ଶିକ୍ଷାବିତ ଶୁଭେନ୍ଦୁ କୁମାର ଦାସ, ଲେଖିକା ସୁନନ୍ଦା ଦାସ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ବିଚିତ୍ର ରଞ୍ଜନ ମହାପାତ୍ର, ଆଇନଜୀବି ରଚିତା ରାଉତରା, ସାମ୍ବାଦିକ ଜୁପିଟର ଦାସ ପ୍ରମୁଖ ଅଂଶଗ୍ରହଣ କରି ଗଣମାଧ୍ୟମର ଭବିଷ୍ୟତ ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ସମ୍ପାଦକ ପ୍ରଦୀପ କୁମାର ନାୟକ ଆଲୋଚନା ଚକ୍ରକୁ ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ଅନନ୍ତ ପ୍ରସାଦ ସିଂହ, ସୁବୋଧ ସୁବୁଦ୍ଧି, ଧିରେନ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସୁ ସାହିତ୍ୟିକା କମଳିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋକନାଥ ଦେବଙ୍କ ମହାଶିବରାତ୍ରି ପାଇଁ ବୈଠକ

ପୁରୀ, (ସବ୍ୟୁ) : ଚଳିତ ବର୍ଷ ଫେବୃଆରୀ ୧୫ ତାରିଖରେ ମହାଶିବରାତ୍ରି ବା ଜାଗର ପଡୁଛି। ଲୋକନାଥ ପୀଠରେ ପ୍ରଭୁ ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୂଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ମଙ୍ଗଳବାର ଅପରାହ୍ନରେ ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ନିର୍ଦ୍ଧାରିତ ହୋଇ ଥିବା ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇ ଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁ ମାନଙ୍କୁ କୌଣସି ଅସୁବିଧା ନ ହୁଏ ଓ ସେମାନେ ଏକ ସୁଖଦ ଅନୁଭୂତି ନେଇ ଘରକୁ ଯିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ମାସ ୧୩ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ୧୫ ତାରିଖରେ ହେବାକୁ ଥିବା ଜାଗର ଯାତ୍ରାର ନିତୀକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର,ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ପ୍ରାଣନାଥ କଲେଜର ୬୭ତମ ସାମ୍ବତ୍ସରିକ ଉତ୍ସବ

# ମେଜର କ୍ଷୀରୋଦ ମହାନ୍ତିଙ୍କୁ ପ୍ରାଣନାଥ ସମ୍ମାନ



ଖୋର୍ଦ୍ଧା, (ସବ୍ୟୁ) : ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କଲେଜର ୬୭ତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ତଥା ପ୍ରାକ୍ତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏପରିକି ଅଧ୍ୟାପକମାନଙ୍କୁ ଭବିଷ୍ୟତ ଗଠନ ସମ୍ପର୍କରେ କିଛି ଟିପସ୍ ଦେଇଥିଲେ। ଏଥିସହିତ ଭଲ ପାଠ ପଢ, ମହାବିଦ୍ୟାଳୟ ଗୌରବ ଅକ୍ଷୁର୍ଣ୍ଣ ରଖା ସ୍ୱପ୍ନ ଦେଖ ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲାପାଳ ଅମ୍ରିତ ରତୁରାଜ ଯୋଗଦେଇ ରଣରଙ୍ଗା ପାଇକ ମାଟି ଖୋର୍ଦ୍ଧାର ଇତିହାସ ଉପରେ ଆଲୋକ ପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉତ୍ତର ଓଡିଶାର ପ୍ରାକ୍ତନ କୁଳପତି ତଥା ବିଶିଷ୍ଟ ଶିକ୍ଷାବିତ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସାହିତ୍ୟିକ ଦାସ ବେନ୍‌ହୁର (ଜିତେନ୍ଦ୍ର ନାରାୟଣ ଦାସ) ପ୍ରମୁଖ ଯୋଗଦେଇଥିଲେ। କଲେଜର ଅଧକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ବୀବରଣୀ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ମିତ୍ର ନିଜର ପ୍ରାରମ୍ଭିକ ଭାଷଣରେ କଲେଜ ବିଷୟରେ ଅନେକ ତଥ୍ୟ ଉପସ୍ଥାପନ କରିବା ସହ ଏହି କଲେଜର ସମସ୍ତ ଭିତୀଭୂମି ଥାଇ ମଧ ତାହା ଆଜି ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ହୋଇନପାରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କହି ଦୁଃଖ ପ୍ରକାଶ କରିଥିଲେ। ଅତିଥିମାନଙ୍କ କରକମଳରେ ମହାବିଦ୍ୟାଳୟର ମୁଖପତ୍ର ପ୍ରତୀକ ଉନ୍ମୋଚିତ ହୋଇଥିଲା। ମେଜର ଶ୍ରୀ ମହାନ୍ତି କହିଥିଲେ ପ୍ରାଣନାଥ କଲେଜ ପ୍ରତିଷ୍ଠା କରିବା ନେଇ ଯେଉଁ ପରିଶ୍ରମ ପ୍ରାଣନାଥ ପଟ୍ଟନାୟକ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ।ଏଥିସହିତ ମେଜର ଶ୍ରୀ ମହାନ୍ତି ୧୯୫୮ ମସିହାରେ କଲେଜ ଭିତି ପ୍ରସ୍ତର ସ୍ଥାପନ ସ୍ୱାଧିନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ମୁଠି ଚାଉଳ ମାଗି କରିଥିବାବେଳେ ଏହା ଏକ ବିଶ୍ୱବିଦ୍ୟାଳୟ ହେବାକୁ ସମସ୍ତ ପ୍ରକାର ଯୋଗ୍ୟତା ହାସଲ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କଲେଜରେ ୭୫ଏକର ଜମି ଥିବାବେଳେ ସମସ୍ତ ପ୍ରକାର ବ୍ଲକ, ଆଧୁନିକକରଣ ପାଠାଗାର, ଛାତ୍ରାବାସ ଥିବାବେଳେ ଏହି କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାରେ ହକଦାର ବୋଲି ଦାବୀ କରିଥିଲେ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱଦେବାକୁ ମେଜର ଶ୍ରୀ ମହାନ୍ତି ଅନୁରୋଧ କରିଥିଲେ। ଏହି ଅବସରରେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ଚଳିତ ବର୍ଷର ସମ୍ମାନଜନକ ସମ୍ମାନ ପ୍ରାଣନାଥ ସମ୍ମାନରେ ସମ୍ମାନୀତ କରାଯାଇଛି। ସେହିପରି ପୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ସାହିତ୍ୟିକ ଦାସ ବେନ୍‌ହୁର (ଜିତେନ୍ଦ୍ର ନାରାୟଣ ଦାସ)ଙ୍କୁ ମଞ୍ଜରୀ ଦେବୀ ସାହିତ୍ୟ ପୁରସ୍କାରରେ ସମ୍ମାନୀତ କରାଯାଇଛି। ଏଥିସହିତ ଏହି କଲେଜର ପୂର୍ବତନ ଅଧକ୍ଷ ଡ.ପ୍ରଣବ କୁମାର ମହାନ୍ତି ଓ ଅଧକ୍ଷା ଡ. ବିନୋଦିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୁରାତନ ଛାତ୍ର ସଂସଦର ଆଠ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ରେ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ, କଳା ଓ ବାଣିଜ୍ୟ ବିଭାଗର ଶ୍ରେଷ୍ଠ ସ୍ନାତକଙ୍କୁ ସ୍ୱର୍ଣ୍ଣ ପଦକ ଦେଇ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଟପ୍ପର ଙ୍କୁ ପୁରସ୍କୃତ କରାଯାଇଛି। ଅତିଥିମାନେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ କଲେଜର ଉପାଧକ୍ଷ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ମହାସମାରୋହ

# ଝାରସୁଗୁଡାବାସୀଙ୍କ ସେବା ଓ ସମର୍ପଣ ପାଇଁ ନବ ଦାସ ଚିର ଅମର


ଝାରସୁଗୁଡା, (ସବ୍ୟୁ) : ଝାରସୁଗୁଡା ସହର ସ୍ଥିତ ନବ ଦାସ ଅଡିଟୋରିୟମ ଠାରେ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ, ଝାରସୁଗୁଡାର ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡିଶାର ଟାଣୁଆ ନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ୩ ୟ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ମହା ସମାରୋହରେ ପାଳିତ ହୋଇ ଯାଇଛି । ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସକାଳୁ ପ୍ରଥମେ ନବ ଦାସ ଫାଉଣ୍ଡେସନ ଏବଂ ଜିଲ୍ଲାର ବିଭିନ୍ନ ସଂଗଠନ ତଥା ଜିଲ୍ଲା ବାହାରୁ ଆସିଥିବା ସ୍ୱର୍ଗତ ନବ ଦାସଙ୍କ ଅନୁଗତ ମାନେ ସରବାହାଲ ଠାରୁ ଏସ ପି ଅଫିସ ଠାରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ହଜାରରୁ ଉର୍ଦ୍ଧ୍ୱ ବାଇକ ରାଲି କରି ନବ ଦାସ ଅମର ରହେ ନାରା ଦେଇ ପହଂଚିଥିଲେ । ଏହି ବିଶାଳ ବାଇକ ରାଲିରେ ନବ ଦାସଙ୍କ ପୁତ୍ର ବିଶାଳ ଦାସଙ୍କ ସହିତ ରାଜ୍ୟ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଶ୍ଚିମ ଓଡିଶାର ବିଶିଷ୍ଟ ବିଜେଡି ନେତା ସଂଜିତ ମହାନ୍ତି ମଧ୍ୟ ସାମିଲ ରହିଥିଲେ । ଏହା ପରେ ଏସପି ଅଫିସ ନିକଟରେ ଥିବା ନବ ଦାସ ପ୍ରତିମୂର୍ତ୍ତିରେ ନବ ଦାସଙ୍କ ପରିବାର ସହିତ ବିଶିଷ୍ଟ ନେତା ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବାଇକ ରାଲି ନବ ଦାସ ଅଡିଟୋରୀୟମ ଠାରେ ପହଂଚିଲା ପରେ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଆରମ୍ଭ ହୋଇଥିଲା । ନବ ଦାସ ଫାଉଣ୍ଡେସନ, ଉପସ୍ଥିତ ଅତିଥି ଓ ଝାରସୁଗୁଡା ଜିଲ୍ଲା ଜନସାଧାରଣ ଙ୍କ ତରଫରୁ ନବ ଦାସ ଙ୍କ ଫଟୋ ରେ ପୂଜା କରାଯାଇ ଭଜନ କାର୍ଯ୍ୟକ୍ରମ ସହିତ ଶ୍ରାଦ୍ଧବାର୍ଷିକୀ ସଭା ଆରମ୍ଭ କରାଯାଇଥିଲା । ଶ୍ରାଦ୍ଧ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ନବ ଦାସ ଙ୍କ ସହିତ ତାଙ୍କର ପିଲା ଦିନ ଠାରୁ ଆରମ୍ଭ କରି ରାଜନୈତିକ ଜୀବନ ମଧ୍ୟରେ ରହିଥିବା ସମ୍ପର୍କ ବିଷୟରେ କହିଥିଲେ । ପୂଜାରୀ କହିଥିଲେ ନବ ଦାସ ଙ୍କ ଭିତରେ ଥିବା କଠିନ ପରିଶ୍ରମ ଏବଂ ସଫଳ ହେବା ପର୍ଯ୍ୟନ୍ତ ଲଢେଇ କରିବା ହିଁ ସଫଳତା ର କେନ୍ଦ୍ର ବିନ୍ଦୁ ଥିବା ପ୍ରକାଶ କରିଥିଲେ । ଏହା ସହିତ ନବ ଦାସ ଙ୍କ ପରି ନେତା ଆଜିର ଦୁନିଆରେ ବହୁତ କମ ଦେଖିବାକୁ ମିଳନ୍ତି ଏବଂ ନବ ଦାସ ଙ୍କ ପରିବାର ର ବନ୍ଧୁ ଭାବ ରେ ଥିଲି ଏବଂ ରହିବି ବୋଲି ପ୍ରକାଶ କରିଥିଲେ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତ ଯୋଗୁଁ ତାଙ୍କ ପ୍ରତିନିଧି ଭାବରେ ଆସିଥିବା ରାଜ୍ୟ ଛାତ୍ର ବିଜେଡିର ସଭାପତି ଇପ୍‌ସିତା ସାହୁ ନବୀନ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପଢିବା ସହିତ ନବ ଦାସଙ୍କ ନେତୃତ୍ୱ ତଥା ସମାଜସେବା କାର୍ଯ୍ୟକ୍ରମକୁ ପୁଅ ବିଶାଳ ଦାସ ଏବଂ ଝିଅ ଦୀପାଳୀ ଦାସ କିପରି ଆଗେଇ ନେଉଛନ୍ତି ସେ ବିଷୟରେ ମତ ବ୍ୟକ୍ତ କରିଥିଲେ। ରାଜ୍ୟ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ନବ ଦାସ ଙ୍କ ସ୍ମୃତି ଚାରଣ କରି ବିଜେଡି ସରକାର ସମୟ ରେ ଝାରସୁଗୁଡା ଚାଷୀ ମାନଙ୍କ ପାଇଁ, ବିଭିନ୍ନ କଲେଜ ର ସରକାରୀକରଣ ପାଇଁ ସେ କିପରି ବ୍ୟଗ୍ର ଭାବ ରେ ରାଜ୍ୟ ମନ୍ତ୍ରୀ ମଣ୍ଡଳ କୁ ଚାପ ପକାଇ ଝାରସୁଗୁଡା ବାସୀ ଙ୍କ ଦୁଃଖ କୁ ଲାଘବ କରିବା ପାଇଁ ପ୍ରୟାସ କରୁଥିଲେ, ତାହାର ଉଦାହରଣ ଦେଇଥିଲେ। ନବ ଦାସଙ୍କ ପୁଅ ବିଶାଳ ଦାସ ତାଙ୍କ ଅଭିଭାଷଣ ରଖି ନବ ଦାସ ତାଙ୍କୁ କରିଥିବା ଶେଷ କଲ କିପରି ଆଜି ବି ପ୍ରତ୍ୟେକ ଦିନ ମୋର ହୃଦୟ ଗଭୀର ଭାବେ ଆଘାତ ପ୍ରଦାନ କରେ ସେ ବିଷୟରେ କହି ଭାବ ବିହ୍ୱଳ ହୋଇ ପକାଇଥିଲେ । ଏହା ସହିତ ନବ ଦାସ ଙ୍କ ପରିବାର କହିଲେ ଝାରସୁଗୁଡା ବାସୀ ଙ୍କୁ ବୁଝାଏ ବୋଲି କହିଥିଲେ । ଝିଅ ଦୀପାଳୀ ଦାସ କୋହଭରା ଅଭିଭାଷଣ ଦେଇ କହିଥିଲେ ଯେ ମୁଁ ଏବଂ ମୋର ଭାଇ ବଞ୍ଚିଥିବା ପର୍ଯ୍ୟନ୍ତ ଝାରସୁଗୁଡା ଜନସାଧାରଣଙ୍କ ସହ ଓତପ୍ରୋତ ଭାବ ରେ ଯୋଡି ହୋଇ ରହିବା ସହିତ ସମସ୍ତ ଦୁଃଖସୁଖ ରେ ସାଥି ହୋଇ ରହିବୁ ବୋଲି ମତପ୍ରକାଶ କରିଥିଲେ । ଶ୍ରାଦ୍ଧ ସଭା ରେ ଯୋଗ ଦେଇଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ମଧ୍ୟ ନବ ଦାସ ଙ୍କ ସ୍ମୃତି ଚାରଣ କରି ନବ ଦାସ ସେବା ଓ ସମର୍ପଣ ପାଇଁ ଝାରସୁଗୁଡା ବାସୀ ହୃଦୟରେ ଚିର ଅମର ହୋଇ ରହିବେ ବୋଲି କହିଥିଲେ । ଏହି ସଭା ରେ ନିଶା ନିବାରଣ ପାଇଁ ସାରା ବିଶ୍ୱ ସଚେତନତା କରିଥିବା ଦୁର୍ଲଗା ର ଅଭିରାମ ଶତପଥୀ, ଓଡିଶା ସିଭିଲ ସର୍ଭିସ ପରୀକ୍ଷା ରେ କୃତିତ୍ୱ ହାସଲ କରିଥିବା ଝାରସୁଗୁଡା ଜିଲ୍ଲା ନାଚେନପୁରାର ଜୟ ଶ୍ରୀ ଦେହେରିଆ, ଦ୍ୱାନମୁଣ୍ଡାର ଅନୁପମା ଗର୍ଡିଆ,ଖୁସୁବୁ ଜୟପୁରିଆ, ଆଇ ଏ ଏସ ପାଇଥିବା ଡ଼ଃ ରୀନା ପ୍ରଧାନ, ତୀର୍ଥ ବାସୀ ପଟେଲଙ୍କ ବିକାଶ ହସ୍ପିଟାଲ, ସଂଜୀବନୀ ହସ୍ପିଟାଲ,ଦିବ୍ୟଦୃଷ୍ଟି ସଙ୍ଗଠନ ଙ୍କୁ ନବ ଦାସ ସ୍ମୃତି ସମ୍ମାନ ରେ ଉପସ୍ଥିତ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହା ସହିତ ସ୍କୁଲ ଛାତ୍ର ଛାତ୍ରୀ ଙ୍କୁ ସାଇକେଲ, ସାଉଣ୍ଡ ସିଷ୍ଟମ ପ୍ରଦାନ କରିବା ସହିତ ନବ ଦାସ ଙ୍କ ଚିତ୍ର ଅଙ୍କିଥିବା ତିନି ଜଣ ପ୍ରତିଯୋଗୀ ଙ୍କୁ ଯଥା କ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ସହିତ ନବ ଦାସ ଫାଉଣ୍ଡେସନ ତରଫରୁ ବିଗତ ଦିନ ମାନଙ୍କ ରେ ଜିଲ୍ଲା ର ବିଭିନ୍ନ ସ୍ଥାନ ରେ କରାଯାଇଥିବା ବକ୍ତୃତା, ରଚନା ତଥା ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଙ୍କୁ ମଧ୍ୟ ଅତିଥି ମାନଙ୍କ ଠାରୁ ପୁରସ୍କୃତ କରାଯାଇଥିଲା । ନବ ଦାସ ଫାଉଣ୍ଡେସନ ତରଫରୁ ଏକ ରକ୍ତଦାନ ଶିବିର ବେଳେ ୧୧୭ ୟୁନିଟ ରକ୍ତ ମଧ୍ୟ ସଂଗ୍ରହ କରାଯାଇଥିଲା । ନବ ଦାସ ଙ୍କ ଶ୍ରାଦ୍ଧ ସଭା ରେ ସ୍ୱର୍ଗତ ନବ ଦାସ ଙ୍କ ପିତା, ପତ୍ନୀ ମିନତୀ ଦାସ, ବୋହୁ ଚାରବି ଦାସ, ଉପସ୍ଥିତ ଥିବାବେଳେ କିଶୋର ନାଇକ,ଦେବେଶ ଆଚାର୍ଯ୍ୟ, ସିଦ୍ଧାର୍ଥ ଦାସ ବେଦାନ୍ତ କମ୍ପାନୀ ସି ଓ ସି ଚନ୍ଦ୍ରୁ, ସୁନୀଲ ଗୁପ୍ତା ଉପସ୍ଥିତ ରହିଥିଲେ । ଏହି ଶ୍ରାଦ୍ଧ ବାର୍ଷିକୀ ରେ ଝାରସୁଗୁଡା ଜିଲ୍ଲା ସହିତ ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଜିଲ୍ଲାର ବହୁ ରାଜନେତାଙ୍କ ସହିତ ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଉପସ୍ଥିତ ରହିଥିଲେ । ଏହା ସହିତ କାର୍ଯ୍ୟକ୍ରମ ରେ ରବି ସିଂ, ତ୍ରିନାଥ ଗୁଆଲ,ତାପସ ରାୟ ଚୌଧୁରୀ, ରଘୁମଣୀ ପଟେଲ, ସନ୍ଦୀପ ଅବସ୍ତି,ପ୍ରତାପ ନନ୍ଦ, ମୁନା ନାଏକ, ଅଶୋକ ଦାସ, ବିଶ୍ୱନାଥ ତ୍ରିପାଠୀ, ଦାମୋଦର ନାଥ, ଜୟନ୍ତ ଦୀକ୍ଷିତ,ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ବିଜେଡି ଯୁବ ସଭାପତି ରବୀନ ପାଣ୍ଡେ, ବିଜେଡି ଛାତ୍ର ସଭାପତି ଶୁଭାଶିଷ ପଟ୍ଟନାୟକ, ଭୋଜରାଜ ପଟେଲ, ଦିଗାମ୍ବର ଭୋଇ, ଝାରସୁଗୁଡା ପୌର ପରିଷଦ ଅଧକ୍ଷ୍ୟ ରାନୀ ହାତୀ, ବ୍ରଜରାଜନଗର ପୌର ପରିଷଦ ଅଧକ୍ଷ ସୀତାନୀ, କୋଲାବିରା ବ୍ଲକ ଅଧକ୍ଷ ଭୋଜରାଜ ପଟେଲ, ଲଖନପୁର ବ୍ଲକ ଅଧକ୍ଷା ହିତେଶ୍ୱରି ଦେହେରିଆ,ନବନିତ କୋର, ଦୀପା ନାଏକ, ସରିତା ଅଗ୍ରୱାଲ, ରୁବିନା ଖାଁ,ମମତା ଦୀପ, ଦ୍ରୌପଦୀ ମେହେର,ଙ୍କ ସହିତ ଶତାଧିକ ନବ ପ୍ରେମୀ ଉପସ୍ଥିତ ରହିଥିଲେ ।



## ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ

# ପ୍ରତିଲୋକର ସର୍ବନିମ୍ନ ମୌଳିକ ଆୟ ରହିବା ଉଚିତ

ଭୁବନେଶ୍ୱର, (ସବ୍ୟୁ) : ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ ସମିତି ପକ୍ଷରୁ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ଡ. ପ୍ରଭାତ ପଟ୍ଟନାୟକ ଯୋଗଦେଇ ଭାରତରେ ଅର୍ଥନୈତିକ ଅଧିକାରର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, ପ୍ରତିଲୋକର ଏକ ସର୍ବନିମ୍ନ ମୌଳିକ ଆୟ ରହିବା ଉଚିତ। ଜନସାଧାରଣଙ୍କୁ ଟଙ୍କା ଦାନ କରିବା ଗଣତନ୍ତ୍ର ବିରୋଧୀ । ମୌଳିକ ଅର୍ଥନୈତିକ ଅଧିକାରରେ ଖାଦ୍ୟ, ରୋଜଗାର, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ବୃଦ୍ଧା ବୟସରେ ସମସ୍ତଙ୍କୁ ପେନସନ୍ ରହିବା ଆବଶ୍ୟକ। ଏଥି ପାଇଁ ଲୋକମାନେ ଦାବି କରିବା ଆବଶ୍ୟକ। ପଦବାବୁ ୧୦୦ ବର୍ଷରେ ବୈଶମ୍ୟ ହିନ ସମାଜ ଗଠନ ପାଇଁ ନିଷ୍ଠାର ସହିତ ସମାଜସେବା କରୁଛନ୍ତି ବୋଲି ସେ କହିଥିଲେ। ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ, ଆମ ଓଡିଶାର ପ୍ରତିଷ୍ଠାତା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ପ୍ରଭାତ ପଟ୍ଟନାୟକଙ୍କୁ ଓଡିଆ ଅସ୍ମିତା କହିବା ସହିତ ପ୍ରତିଘରୁ ନିଶା ମୁକ୍ତ ହେଲେ ଓଡିଶା ନିଶାମୁକ୍ତ ହେବ ବୋଲି କହିଥିଲେ। ସମାରୋହରେ ଅତିଥି ମାନଙ୍କ ଦ୍ୱାରା ପୁସ୍ତକ ପଦ୍ମଚରଣଙ୍କ ଲେଖନୀରୁ ନିର୍ବାଚିତ ସ୍ତମ୍ଭ ନିର୍ଯାସ ଉନ୍ମୋଚିତ ହୋଇଥିଲା। ଶତବାର୍ଷିକୀ ସମିତି ସହିତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ପକ୍ଷରୁ ପଦ୍ମଚରଣ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ସମ୍ବର୍ଦ୍ଧନାର ଉତ୍ତର ଦେଇ ପଦବାବୁ କହିଥିଲେ, ୧୦୦ ବର୍ଷ ବଞ୍ଚିବା ବଡ କଥା ନୁହେଁ ଅନ୍ଦୋଳନ ଅଧିକ ଚାଲିଲେ ଅଧିକ ଦିନ ବଞ୍ଚିବି । ଶତବାର୍ଷିକୀ ସମିତିର ଅଧକ୍ଷ ପଞ୍ଚାନନ କାନୁନଗୋ ବୈଠକରେ ଅଧକ୍ଷତା କରିଥିବା ବେଳେ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ ସମିତିର ଆବାହକ ଦିଲ୍ଲୀପ ଦାଶଶର୍ମା, ମୋନାର କାର୍ଯ୍ୟକାରୀ ସଭାପତି ଇଂ କାହ୍ନୁଚରଣ ବେହୁରା ପଦବାବୁ ଓ ମୋନା ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପିକା ପ୍ରିୟମ୍ବଦା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ନଟବର ଖୁଣ୍ଟିଆ ପୂର୍ବତନ ପ୍ରଶାସକ ସଂଜିବ ହୋତା ଓ ଅରବିନ୍ଦ ବେହେରା ପ୍ରମୁଖ ଶତାଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ।



## ସେବା, ସହାୟତା କରି ଚର୍ଚ୍ଚାରେ ସଫଦର ହାସିମ୍



କଟକ, (ସ୍ୱପ୍ର): ଦୁଃଖ, କଷ୍ଟ, ଯନ୍ତ୍ରଣା ଭିତରେ ଯେଉଁ ଫୁଲ ଫୁଟେ ତାହା ସହଜରେ ମଉଳି ଯାଏନା । ପିଲାଦିନର ଦୁଃଖ କଷ୍ଟର ଉପଲବ୍ଧି ଏବେ କରିଛି ଦୟାଳୁ, ପରୋପକାରୀ । ସେବା କରିବାକୁ ଅର୍ଥ ଠାରୁ ଅଧିକ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି । ଅନ୍ୟକୁ ସାହାଯ୍ୟ କରିବାର ତୃପ୍ତି ଅନ୍ୟ କେଉଁଥିରୁ ମିଳେନାହିଁ ବୋଲି କହନ୍ତି କଟକ ଓଡ଼ିଆ ବଜାରର ପୁଅ ସଫଦର ହାସିମ । ୧୯୫୬ମସିହାରେ ଜନ୍ମିତ ସଫଦରଙ୍କ ପିଲାଦିନ ଅତ୍ୟନ୍ତ ସଂଘର୍ଷମୟ ଥିଲା । ଦିନକୁ ଦୁଇ ବେଳା ଖାଦ୍ୟ ପାଇବା କଷ୍ଟକର ହେଉଥିଲା । ମୁଣ୍ଡ ଗୁଞ୍ଜିବାକୁ ଯେଉଁ ଚାଳ ଛପର ଘରଥିଲା ତାହା ଦୁଇ ତିନିବର୍ଷ ପର୍ଯ୍ୟନ୍ତ ଛପର ହେଇ ପାରୁନଥିଲା । ଦିନରେ ଖରା ଆଉ ରାତିରେ ତାରା ଦେଖିବାକୁ ପଡୁଥିଲା । ସମୟ ବଳଦିଛି ।

ସେଦିନର ଅଭାବ ଅନଟନ ଆଜି ଆଉନାହିଁ । ଏବେ ନିଜେ ବ୍ୟବସାୟ କରି ବେଶ୍ ଦୁଇ ପଇସା ରୋଜଗାର କରି ଚଳୁଛନ୍ତି ସେ । ହେଲେ ପିଲାଦିନର ଦୈନ୍ୟତା ଏବେବି ମନରେ ସତେଜ ରହିଛି । ଅଭାବ, ଅନଟନ କଷ୍ଟର ଉପଲବ୍ଧୀ ଏବେ ତାଙ୍କୁ କରିଛି ଦୟାଳୁ, ପରପୋକାରୀ । ସେ ଏବେ ନିଜ ରୋଜଗାରର ଅଧା ପଇସାକୁ ସମାଜର ଅବହେଳିତ, ଅସହାୟ ଲୋକଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି ।

ଖାଲି ସେତିକି ନୁହେଁ, ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ରୋପଣ, ସ୍ୱାସ୍ଥ୍ୟସେବା, ରକ୍ତଦାନ, ଆର୍ଥୀକ ଅନଗ୍ରସର ମେଧାବୀ ପିଲାଙ୍କ ପାଠ ପଢିବାକୁ ଆର୍ଥୀକ ସହାୟତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ବଣ୍ଟନ ଆଦି ସେବା କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛନ୍ତି ସଫଦର ହାସିମ । ସାମ୍ପ୍ରଦାୟିକତା ଓ ଧର୍ମ ନାମରେ କିଛି ଲୋକ ଦଙ୍ଗା ଭିଆଉଥିବା ବେଳେ ଧର୍ମ ନୁହେଁ ବରଂ ମଣିଷପଣିଆକୁ ଗୁରୁତ୍ୱ ଦେଇଛନ୍ତି ସେ । ଏବେ ସଫଦର ହାସିମ ସମାଜସେବା ପ୍ରତି ନିଜକୁ ସମର୍ପଣ କରି ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରି ପରମ ତୃପ୍ତି ଅନୁଭବ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି ।

## ଗୋପାଳପୁର ବେଳାଭୂମି ମହୋତ୍ସବ ତୃତୀୟ ସନ୍ଧ୍ୟା

## ସମୁଦ୍ରରୁ ଲାଭ ଉଠାଉଥିବା ଲୋକେ ଏହାକୁ ସୁରକ୍ଷା ଓ ସ୍ୱଚ୍ଛ ରଖନ୍ତୁ : ବାଚସ୍ପତି



ବ୍ରହ୍ମପୁର, (ସବ୍ୟୁ): ସମୁଦ୍ରର ଉପରେ ନିର୍ଭରଶୀଳ ଲାଭ ଉଠାଉଥିବା ବ୍ୟକ୍ତିମାନେ ସାମୁଦ୍ରିକ ସୁରକ୍ଷା ଓ ବେଳାଭୂମି ପରିବେଶ ସ୍ୱଚ୍ଛ ରଖନ୍ତୁ । ଗୋପାଳପୁର ବେଳାଭୂମି ମହୋତ୍ସବ ଏକ ନିଆରା ମହୋତ୍ସବ । ଏଠାରେ ହୋଇ ଥିବା ସମୁଦ୍ର ବନ୍ଦନାର ଏକ ଆଳତି ଏକ ସ୍ୱତନ୍ତ୍ର ଓ ନିଆରା । ଲକ୍ଷ ଲକ୍ଷ ଲୋକଙ୍କ ଏକ ଭିନ୍ନ ଧରଣର ମହୋତ୍ସବ ହେଉଛି । ସମୁଦ୍ର ବେଳାଭୂମି କିଭଳି ପରିବେଶ ସୁରକ୍ଷା ଓ ପରିଛନ୍ନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ବୋଲି ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ପୃଥିବୀର ୩ ଭାଗ ଜଳ ରହିଥିବା ବେଳେ ସାମୁଦ୍ରିକ ଜଳ ଅଧିକ ରହିଛି । ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ବୋଲି ସେ କହିଥିଲେ । ଆଜି ଗୋପାଳପୁର ବେଳାଭୂମି ମହୋତ୍ସବ ତୃତୀୟ ଦିନରେ ଓଡ଼ିଶା ଭାଷା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବାର ରାମଚନ୍ଦ୍ର ମର୍ଦ୍ଦରାଜ ପ୍ରମୁଖ ଭୂମିକା ରହିଥିଲା । ତେଣୁ ଏହି ମହୋତ୍ସବ ଆଜି ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ନାମରେ ପାଳିତ ହୋଇଛି ବୋଲି ସେ କହିଛନ୍ତି ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ୨୦୪୭ ମସିହାରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ କରିବାର ଏକ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇ ବ୍ଲକ ସ୍ତରରୁ ଆରମ୍ଭ ହୋଇ ଜିଲ୍ଲା ସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହେବା ସହ ଜିଲ୍ଲାର କଳା ସାହିତ୍ୟ ସଂସ୍କୃତି ଉପରେ ପରିଚୟ ସୃଷ୍ଟି କରିଛି । ଗୋପାଳପୁର ବେଳାଭୂମି ମହୋତ୍ସବରେ ଏହି କଳା ସାହିତ୍ୟ ଓ ସଂସ୍କୃତି ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନଙ୍କ କଳା ପ୍ରଦର୍ଶନୀ ଦର୍ଶକଙ୍କୁ ମୁଗ୍ଧ କରୁଛି ବୋଲି ସେ କହିଛନ୍ତି । ଦିଗପହଣ୍ଡି ବିଧାୟକ ଡ ସିଦ୍ଧାନ୍ତ ମହାପାତ୍ର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ବନାରସରୁ ଆସିଥିବା ୧୧ଜଣ ପଣ୍ଡିତଙ୍କ ସମୁଦ୍ର ଆଳତି ଅଧିକ ଆକର୍ଷିତ କରୁଛି । ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି । ଏନଏସି ଅଧକ୍ଷ ଏ ଜାନକୀରାମ, ଜିଲ୍ଲାପାଳ ଭି କିର୍ତ୍ତିଭାସନ୍, ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏଡିଏମ୍ (ଗଞ୍ଜାମ) ପ୍ରମୋଦ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ । ବେଳାଭୂମି ମହୋତ୍ସବ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

## ହତ୍ୟାକାରୀ ତୁଫାନ ଗୌଡ଼ଙ୍କୁ ଆଜୀବନ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ନବରଙ୍ଗପୁ ଗ୍ରାମରେ ଗତ ପଞ୍ଚାୟତ ନିର୍ବାଚନ ନେଇ ୨୦୨୨ ମେ' ମାସର ଡବଲ୍ ମର୍ଡର ହୋଇଥିଲା । ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)- ୩ ବିବସ୍ୱତ ଗୌତମ ଗୁରୁବାର ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଏହି ମାମଲାରେ ସମ୍ପୃକ୍ତ ରହି ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ତୁଫାନ ଓରଫ ବିଜୟ ଗୌଡ଼ (୨୬) ଙ୍କୁ ଉପଯୁକ୍ତ ପ୍ରମାଣ ଆଧାର ରେ ଜଜ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଅନ୍ୟତମ ଅଭିଯୁକ୍ତ ମୟୁର ଗୌଡ଼ଙ୍କୁ ଜଜ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ୨୦୨୨ ମେ ୨୯ତାରିଖ ରାତି ୮'ଟରେ ନବରଙ୍ଗପୁର ଗ୍ରାମରେ ପ୍ରଦୀପ ସାହୁ(୨୬) ଓ ତାଙ୍କ ସାଙ୍ଗ ବାବୁ ଗୌଡ଼ (୩୮) ପୋଖରୀରୁ ଗାଧୋଇ ଘରକୁ ଫେରୁଥିବା ବେଳେ ସେମାନଙ୍କୁ ଗାଁ'ଦାଣ୍ଡରେ ହତ୍ୟା କରାଯାଇଥିଲା । ଅଭିଯୋଗ ପରେ ପୋଲିସ ୧୮୫/୨୨ ରେ ଏକ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ମାଷ୍ଟେର ମାଇଣ୍ଡ ତୁଫାନ ଓରଫ ବିଜୟ ଗୌଡ଼ଙ୍କୁ ୨୦୨୨ ଜୁନ ୧୯ ରେ ଗିରଫ କରିଥିଲା । ଘଟଣା ପରେ ମୟୁର ଗୌଡ଼ ଫେରାର ଥିବା ବେଳେ ତାଙ୍କୁ ମଧ୍ୟ ମୁମ୍ବାଇରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ରାଜନୈତିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ କହିଥିଲା ।

## ଦୁଇ ଭାଇଙ୍କୁ ଆକ୍ରମଣ, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦୁଇ ଭାଇକୁ ଆକ୍ରମଣ କରି ଟଙ୍କା ଲୁଟ୍ କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଜଣ ହେଲେ ଜଗବନ୍ଧୁ ସାହିର ନିଖିଲ ଜେନା(୨୧) ଓ କ୍ରିଷ୍ଣା ମହାନ୍ତି (୧୮) । ଘଟଣାରେ ବ୍ୟବହାର ହୋଇଥିବା ବାଇକକୁ ପୁଲିସ ଜବତ କରିଛି । ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀ ନୃସିଂହ ସାହି ୧୨ଲାଇନରେ ରହୁଥିବା ଆରିଏନ ଗୌଡ଼ ଓ ତାଙ୍କ ଭାଇ କିରଣ ଗୌଡ଼ ଗତ ୨୭ ତାରିଖ ସକାଳ ୧୧ଟା ସମୟରେ ସ୍ଥାନୀୟ ଜଗବନ୍ଧୁ ସାହିକୁ ଯାଇଥିଲେ । ଉକ୍ତ ସାହିର ଆପାଟମେଣ୍ଟ ନିକଟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଗୋଟିଏ ମୋଟର ସାଇକେଲ ଆସି ଉଭୟ ଦୁଇ ଭାଇଙ୍କୁ ଗାଳି ଗୁଲଜ କରିବା ସହ ଶମ୍ଭୁ ମୁଳି ସହ କାହିଁକି ମିଶୁଛ କହି ମାରପିଟ କରିଥିଲେ । ଏପରିକି କିରଣ ଧରିଥିବା ୨ ହଜାର ଟଙ୍କାକୁ ଛଡ଼ାଇନେଇ ତାଙ୍କୁ ଆକ୍ରମଣ କରିଥିଲେ ।

## ୩୧ରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ

କଟକ, (ସ୍ୱପ୍ର): ରାଜ୍ୟର ଗ୍ରାମାଞ୍ଚଳରେ ଗଢି ଉଠିଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଚଳିତ ଜାନୁଆରୀ ୩୧ତାରିଖ ଶନିବାର ଅନୁଷ୍ଠିତ ହେବ । ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପଟି ମୁଖ୍ୟପୁରୋଧା ଭାବରେ ଯୋଗଦେଇ ସମାବର୍ତ୍ତନ ସମାରୋହରେ ପୌରୋହିତ୍ୟ କରିବେ । ମୁଖ୍ୟବକ୍ତା ଭାବରେ ପ୍ରଥିତଯଶା ରାଷ୍ଟ୍ରଦୂତ, ଭାରତ ସରକାରଙ୍କ ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ । ଏହି ଅବସରରେ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଓଡିଶାର ଦୁଇ ମହାନ୍ ସାଧିକା ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରାଙ୍କୁ ଜୀବନବ୍ୟାପୀ ସାଧନା ଓ ସଫଳତା ନିମନ୍ତେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀରେ ସମ୍ମାନିତ କରାଯିବ । ଏଥି ସହିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୮ ଜଣ ଶ୍ରେଷ୍ଠ ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଏବଂ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଉତ୍ସବରେ ଡ୍ରିମ୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥଙ୍କ ସମେତ ବୋର୍ଡ ଅଫ ଗଭର୍ଣ୍ଣର୍ସ, ବୋର୍ଡ ଅଫ ମ୍ୟାନେଜେମେଣ୍ଟ ଏବଂ ଏକାଡେମିକ୍ କାଉନସିଲର ସଦସ୍ୟ, ସଦସ୍ୟା ଉପସ୍ଥିତ ରହିବେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ନିର୍ଦ୍ଦେଶକ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଡିନ୍ ତଥା ଆବାହକ ଡ. ବିଶ୍ୱରଂଜନ ମହାନ୍ତି ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଉପସ୍ଥିତ ଥିଲେ ।

## ବାରିପଦା ସହରରେ ବୁଲିଲା ବୁଲ୍‌ଡୋଜର, ଜବର ଦଖଲ ଉଚ୍ଛେଦ



ବାରିପଦା, (ସବ୍ୟୁ) : ବୁଲିଲା ବୁଲଡୋଜର, ବାରିପଦା ସହର ତକତପୁର ଅଞ୍ଚଳର ୨୭ନମ୍ବର ଓ୍ୱାର୍ଡରେ ଏକାଧିକ ଘର ଭାଙ୍ଗି ପଦା କଲା ପ୍ରଶାସନ । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଘର ଛାଡିବାକୁ ନାରାଜ ଜବରଦଖଲକାରୀ । ପୋଲିସ ସୁରକ୍ଷାବଳ ମଧ୍ୟରେ ଜବରଦଖଲ ଉଚ୍ଛେଦ ଜାରି ରଖିବା ସହ ବାରିପଦା ସହର ତଥା ବାରିପଦା ତହସିଲ ଅନ୍ତର୍ଗତ ବାରିପଦା ପୌରପରିଷଦର ୨୭ ନମ୍ବର ଓ୍ୱାର୍ଡ ତକତପୁର ଠାରେ ଜେସିବି ମେସିନ୍ ଲଗାଇ ଜବର ଦଖଲ ଉଚ୍ଛେଦ କରାଯାଇଛି । ସ୍ୱତନ୍ତ୍ର ପୋଲିସ ସୁରକ୍ଷା ବଳ ମଧ୍ୟରେ ବାରିପଦା ତହସିଲଦାର, ଏଡିସନାଲ ତହସିଲଦାର ସମେତ ବାରିପଦା ସଦର ଏସଡିପିଓ, ଟାଉନ ଥାନା ଅଧିକାରୀ ଏବଂ ରାଜସ୍ୱ ବିଭାଗର ଅନେକ କର୍ମଚାରୀ ଉପସ୍ଥିତ ରହି ଏହି ଜବର ଦଖଲ ଉଚ୍ଛେଦ କରିଥିଲେ । ଏହି ଅଞ୍ଚଳରେ ସରକାରୀ ଖାତାରେ ଥିବା ୬୮ ଡେସିମିଲ ଜାଗାରେ ହୋଇଥିବା ୯ଟି ଘରକୁ ଭାଙ୍ଗି ଚୁର୍ମାର କରାଯାଇଛି ।

ତେବେ ଉଚ୍ଛେଦ ସମୟରେ ଘଟଣାସ୍ଥଳରେ ତୀବ୍ର ବିରୋଧ ଓ ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘବର୍ଷ ଧରି ଘରଦ୍ୱାର କରି ପରିବାର ନେଇ ରହିଆସୁଥିବା ଅନେକ ଏକାଧିକ ମହିଳା ଏହାର ବିରୋଧ କରିବା ସହ ସେମାନଙ୍କୁ ଘର ଭଙ୍ଗାଯିବା ନେଇ ପୂର୍ବରୁ କୌଣସି ସୂଚନା ଦିଆଯାଇନଥିବା ନେଇ ଅଭିଯୋଗ କିରିଛନ୍ତି ଏବଂ ତାଙ୍କୁ କିଛି ଦିନ ସମୟ ଦିଆଯାଉ ବୋଲି ତହସିଲଦାରଙ୍କୁ ଗୁହାରି କରିଥିଲେ । ହେଲେ ତହସିଲଦାର କୌଣସି କଥାକୁ ବୃକ୍ଷେପ ନକରି ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଥିବାବେଳେ ଘଟଣାସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଗଛକୁ ଧକ୍କା ଦେଲା କାର୍ : ୫ ଗୁରୁତର

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଜଗନ୍ନାଥପ୍ରସାଦ ଭଞ୍ଜନଗର ରାସ୍ତାରେ ଥିବା ବିଡ଼ିପୁର ନିକଟରେ ଗୁରୁବାର ଅପରାହ୍ନରେ କାର୍ ଧକ୍କା ହେବା ଫଳରେ ଏଥିରେ ଭଞ୍ଜନଗର ରୋଟାରୀ କ୍ଲବ ସମ୍ପାଦକ ଗୁପ୍ତେଶ୍ୱର ସୁବୁଦ୍ଧି ଏବଂ ତାଙ୍କ ସ୍ତ୍ରୀ, ଭାଇ, ଭାଉଜ ଏବଂ ପୁଅ ଆହତ ହୋଇଛନ୍ତି। ସେମାନଙ୍କୁ ସଂପୃକ୍ତ ଅଞ୍ଚଳବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏଠାରେ ସେମାନଙ୍କ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ପଠାଇବା ବ୍ୟବସ୍ଥା କରାଯାଉଛି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ।

ଘଟଣାରୁ ପ୍ରକାଶ ଯେ, ଗୁପ୍ତେଶ୍ୱର ଏବଂ ପରିବାରର ଅନ୍ୟ ସଦସ୍ୟମାନେ କୌଣସି କାର୍ଯ୍ୟରେ ଯୋଗ ଦେବାପାଇଁ ପୁରୀ ଯାଇଥିଲେ । କାମ ସରିବା ପରେ ଆଜି ସକାଳୁ ସେମାନେ ପୁରୀରୁ ଭଞ୍ଜନଗର ଅଭିମୁଖେ ଫେରୁଥିଲେ । ବାଟରେ ଚାଳକ ଗାଡିରୁ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ । ଫଳରେ ଗାଡିରେ ଥିବା ସମସ୍ତ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଦୁର୍ଘଟଣା କେଉଁଭଳି ପରିସ୍ଥିତିରେ ହେଲା ସେନେଇ ସଠିକ କିଛି ଜଣାପଡ଼ିନାହିଁ । ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ରଞ୍ଜିତ ବାରିକ, ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ ମଲ୍ଲିକ ଏବଂ ଅନ୍ୟମାନେ ମେଡ଼ିକାଲରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି । ଜଗନ୍ନାଥପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି ।

## ଯୁକ୍ତ ୨ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା
## ୬ ଜଣ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ଏକ ଗଣ ବଳାତ୍କାର ମାମଲାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । ଉପଯୁକ୍ତ ପ୍ରମାଣ ଆଧାରରେ ସେ ୬ଜଣ ଅଭିଯୁକ୍ତଙ୍କୁ ପ୍ରତ୍ୟେକଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଆସିକା ପାଢୀ କଲୋନୀର ରୁତୁନ କୁମାର ଦାସ(୨୫), ଆସ୍କା ଥାନା ବାବନପୁର ପାଟଣା ସାହିର ରୁଦ୍ର ଜେନା(୨୪ ), ବେଗୁନିଆପଡା ବାଲି ସାହିର ଅଭିଳାଶ ପଲେଇ(୨୧), ସୋରଡା ଥାନା ସାମପଲ୍ଲୀର ଆକାଶ ନାୟକ(୨୯) ଖଲ୍ଲିକୋଟ ଥାନା କେନ୍ଦୁପାଟର ଜୁମନ ଗୌଡ(୧୨) ଓ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୁତସରସିଂର ଓଁକାର ଜେନା(୨୬) । ସେହିପରି ପ୍ରତ୍ୟେକ ୧୦ ହାଜରେ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଜରିମାନା ଅନାଦେୟ ପ୍ରତ୍ୟେକ ୧ବର୍ଷ ଲେଖାଏଁ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଛି । ପିଡିତଙ୍କ ୧୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଜଜ ଡ଼ିଏଲଏସଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ, ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳର ୨୦୨୪ ମଇ ମାସ ୩ ତାରିଖରେ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଗଣ ବଳାତ୍କାର ହୋଇଥିଲା । ସେଠାରୁ ଖସି ଆସି ପିଡ଼ିତା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ପିଡ଼ିତା ଉକ୍ତ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୨୪୦/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

ଉକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ବିଚାରଣା ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଆଜି ରାୟ ପ୍ରକାଶ ବେଳେ ଜେଲରେ ଥିବା ୬ଜଣ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା । ପିଡ଼ିତାଙ୍କ ବୟାନ ସହ ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## କୁଲାଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବାର୍ଷିକ ଉତ୍ସବ



କୁଲାଡ, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବାର୍ଷିକ ଉତ୍ସବ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠାନର ଉପ ସଭାପତି ଚିତ୍ତ ରଂଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ।

ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଦୀପକ କୁମାର ମହାରଣା, ସଂପାଦକ ଦକ୍ଷିଣ ପୂର୍ବ ସଂଭାଗ ବ୍ରହ୍ମପୁର, ସମ୍ମାନୀତ ଅତିଥି ଭାବେ, ଗଜେନ୍ଦ୍ର କୁମାର ସେଠୀ ଏବିଇଓ, ଭଞ୍ଜନଗର, ବିମଳ ପ୍ରଧାନ ଏସିଏଫ, ତ୍ରିନାଥଗୌଡ଼, ରେଣୁବାଳା ପାତ୍ର ସମିତି ସଭ୍ୟା କୁଲାଡ ଯୋଗ ଦେଇଥିଲେ । ବେଦପାଠ, ପ୍ରଦୀପ ପ୍ରଜ୍ୱଳନ, ବନ୍ଦନା ମଙ୍ଗଳା ଚରଣ ପରେ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଧାନ ଆଚାର୍ଯ୍ୟ ଶିବରାମ ପ୍ରଧାନ ପାଠ କରିଥିଲେ । ମୁଖ୍ୟ ଅତିଥି ବିଧାୟକ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ସକାଶେ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ମହାରଣା ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତିର ମାର୍ଗଦର୍ଶନ କରିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟ ସଂପାଦକ ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଭାରତୀୟ ରେଡ଼କ୍ରସ ସଂସ୍ଥା ପକ୍ଷରୁ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ



ବାରିପଦା, (ସବ୍ୟୁ) : ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଆର୍ଥିକ ସହାୟତାରେ ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା, ମୟୂରଭଞ୍ଜ ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଅଛି ।

ଏହି ଅବସରରେ ୨୯ ଜାନୁଆରୀ, ୨୦୨୬ ରେ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା ବିଭାଗର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସର ଅଧ୍ୟକ୍ଷ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା, ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ରେଡ଼କ୍ରସ ସମ୍ପାଦକ ଶ୍ରଦ୍ଧା ସୁମନ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା ମୟୂରଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼ାଃ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବାରିପଦା, ସହକାରୀ ଜିଲ୍ଲା ଚିକିତ୍ସା ଅଧିକାରୀ (ଯକ୍ଷ୍ମା) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମ. ନରୁଲ ହୁସେନ ମୟୂରଭଞ୍ଜ, ରାଜ୍ୟ ରେଡ଼କ୍ରସ୍‌ର ସହ ସମ୍ପାଦକ, ଅଶୋକ କୁମାର ମହାନ୍ତି, ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଓ ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସଭାକୁ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି, ମୟୂରଭଞ୍ଜ ପରିଚାଳନା କରିଥିବାବେଳେ ଟିବି କାର୍ଯ୍ୟକ୍ରମର ସଂଯୋଜକ ଦିନକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯକ୍ଷ୍ମା ରୋଗୀ ମାନଙ୍କୁ ମୁଖ୍ୟଅତିଥି ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଜିଲ୍ଲା ଜରୁରୀ କାଳୀନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

ଭାରତୀୟ ରେଡ଼କ୍ରସ ସଂସ୍ଥାର ଏହି ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକର ୨୨୩୮ ଯକ୍ଷ୍ମା ରୋଗୀ ପ୍ରାଥମିକ ସ୍ଥଳେ ଉପକୃତ ହେବେ ଏବଂ ପରେ ପରେ ଏହା ଦ୍ୱାରା ଅଧିକରୁ ଅଧିକ ଯକ୍ଷ୍ମା ରୋଗୀଙ୍କୁ ମଧ୍ୟ ସାମିଲ କରିଯିବ ବୋଲି ରାଜ୍ୟ ସମ୍ପାଦକ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖାର ସମ୍ପାଦକ ଶ୍ରୀଯୁକ୍ତ ପାତ୍ର ସୂଚନା ପ୍ରଦାନ କରିଥିଲେ। ଏଥିରେ ଜରୁରୀକାଳୀନ ବିଭାଗର ବରିଷ୍ଠ ସହାୟକ ମନୋଜ କୁମାର ମଙ୍ଗରାଜ, ପବିତ୍ର ମହାନ୍ତ, ରବୀନ୍ଦ୍ର ନାଥ ଦାଶ, ଟିବି ବିଭାଗର ଚିନ୍ମୟ ଦାସ, ଇନ୍ଦିରା ପ୍ରିୟଦର୍ଶୀ, ଅନଙ୍ଗ ଦେବ ବାରିକ, ସତ୍ୟବ୍ରତ ମିଶ୍ର ଓ ମନୋରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ଭଲିବଲ ଚାମ୍ପିଅନସିପରେ କୋଚ ମନୋରଞ୍ଜନ ସମ୍ବର୍ଦ୍ଧିତ



ବାରିପଦା, (ସବ୍ୟୁ): ଉତ୍ତରପ୍ରଦେଶର ବନାରସ ଠାରେ ଅନୁଷ୍ଠିତ ୭୨ତମ ଜାତୀୟ ଭଲିବଲ ଚାମ୍ପିୟନସିପ ଅବସରରେ ବାରିପଦାର ଭଲିବଲ କୋଚ ମନୋରଞ୍ଜନ ଜୀଉ (ଗାନ୍ଧୀ ଭାଇ) ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ଚାମ୍ପିୟନସିପରେ ଓଡିଶା ଭଲିବଲ ଦଳର କୋଚ ତଥା ଓଡିଶା ଭଲିବଲ ଆସୋସିଏସନର ଉପସଭାପତିଙ୍କ ନେତୃତ୍ୱରେ ଓଡିଶା ଦଳ ଆନ୍ଧ୍ରପ୍ରଦେଶ, ବିହାର, ତେଲେଙ୍ଗାନାକୁ ପରାସ୍ତ କରିଥିଲା। ଏହି ଅବସରରେ ଶ୍ରୀ ଜୀଉଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟ ଅତିଥିରେ ପାଇକସାହି ସ୍ଥିତ ରଂଜିତ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଭଲିବଲ ଚାମ୍ପିୟନସିପ ଅବସରରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକାଶ ଥାଉକି ଶ୍ରୀ ଜୀଉଙ୍କ ଠାରୁ ପ୍ରଶିକ୍ଷଣ ପାଇ ବହୁ ଖେଳାଳି ରାଜ୍ୟ ଏବଂ ଜାତୀୟ ସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିବା ସହ ବହୁ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି ।

ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ମୟୂରଭଞ୍ଜ ଆଥଲେଟିକ ଆ ସୋ ସି ଏ ସ ନ ର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଡିଜେ ବାଜି ହୃଦ୍‌ଘାତ: ହାଟଦଣ୍ଡିଆ ମୃତ

ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା ଗ୍ରାମରେ ଗତ ରାତି ପ୍ରାୟ ୧୨ଟା ୧୫ ମିନିଟ୍ ସମୟରେ ଏକ ବରଯାତ୍ରୀ ପ୍ରୋସେସନ ସମୟରେ ଅତ୍ୟଧିକ ବିକଟାଳିଆ ଡିଜେ ସାଉଣ୍ଡ ବାଜିବାବେଳେ ହୃଦୟ ବିଦାରକ ଘଟଣା ଘଟିଛି। ଗ୍ରାମର ଉଲ୍ଲାସ ନାୟକ (ବଗୁଲି) ନାମକ ଜଣେ ଯୁବକ ହଠାତ ଛାତିରେ ଗଭିର ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ।

ତାଙ୍କୁ ତୁରନ୍ତ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରୀ ଅନୁମାନ ଅନୁଯାୟୀ, ଅତ୍ୟଧିକ ଉଚ୍ଚ ଶବ୍ଦର ଡିଜେ ସାଉଣ୍ଡ ହେତୁ ହୃଦଘାତରେ ତାଙ୍କ ମୃତ୍ୟୁ ଘଟିଥିବା ସମ୍ଭାବନା ରହିଛି। ଏହି ଘଟଣା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସହ ଗାଁ ରେ ଶୋକରଛାୟା ଖେଳିଯାଇଥିଲା।

ରାତି ୧୨ଟା ପରେ କେଉଁ ପ୍ରଶାସନିକ ଅନୁମତି ଆଧାରରେ ଏଭଳି ଉଚ୍ଚ ଶବ୍ଦରେ ଡିଜେ ବଜାଯାଉଥିଲା ସେଥିପାଇଁ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇ ଥାନାର ଶରଣାପନ୍ନ ହୋଇଥିଲେ।

ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଗ୍ରାମାଞ୍ଚଳରେ ଡିଜେ ସାଉଣ୍ଡ ନିଷିଦ୍ଧ ଥିବା ସତ୍ତ୍ୱେ ନାଉଗାଁ ଅଞ୍ଚଳରେ ଏହା ଖୁଲମଖୁଲା ଚାଲୁଥିବା ଦେଖିବାକୁ ମିଳୁଛି। ବୃଦ୍ଧ, ରୋଗୀ, ହୃଦ୍ରୋଗୀ ଓ ସଂବେଦନଶୀଳ ଲୋକଙ୍କ ପାଇଁ ଏହା ଘାତକ ହୋଇପାରେ ବୋଲି ସ୍ଥାନୀୟ ବାସିନ୍ଦାମାନେ ମତ ପ୍ରକାଶ କରିଛନ୍ତି। ଯଦିଓ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ଦିଆଯାଇ ନଥିବାରୁ ପୋଲିସ କୌଣସି କେସ ରୁଜୁ କିମ୍ବା ପୋଷ୍ଟମର୍ଟମ କରାଇନଥିଲା। ଏହାକୁ ନେଇ ପ୍ରଶାସନିକ ସ୍ତରରେ ଦାବି କରୁଛନ୍ତି ସାଧାରଣ ଲୋକ। ସ୍ୱର୍ଗତ ଉଲ୍ଲାସ ନାୟକ ନାଉଗାଁ ବଜାର ପରିବା ହାଟରେ ଦଣ୍ଡିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପତ୍ନୀ ଅନୁସୟା ନାୟକ ନାଉଗାଁ ଗ୍ରାମ ପଞ୍ଚାୟତ ୧୮ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଅଟନ୍ତି। ତାଙ୍କର ଦୁଇଜଣ କନ୍ୟା ସନ୍ତାନ ଅଛନ୍ତି। ଉଲ୍ଲାସ ନାୟକଙ୍କ ଡିଜେ ସାଉଣ୍ଡ ଜନିତ ହୃଦଘାତ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଥିବା ବେଳେ, ଦୁଇ ଝିଅଙ୍କ ଭବିଷ୍ୟତ ନେଇ ଚିନ୍ତା ବଢ଼ିଛି। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତ ପରିବାରକୁ ଯଥୋଚିତ ସହାୟତା ଦେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

# ପଳାଶୋଳ-ସମଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ସମାରୋହ

## ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଶିକ୍ଷା ବ୍ୟବସ୍ଥା ସରସ୍ୱତୀ ଶିଶୁମନ୍ଦିରମାନଙ୍କରେ ରହିଛି : ଗଣଶିକ୍ଷା ମନ୍ତ୍ରୀ



ଜଗତସିଂହପୁର, (ସବ୍ୟୁ) : ଛାତ୍ରଛାତ୍ରୀମାନଙ୍କୁ ସଠିକ ମାର୍ଗରେ ଗଢି ତୋଳିବା ପାଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଓ ଆଚାର୍ଯ୍ୟାମାନେ ନିଷ୍ଠାର ସହିତ କାମ କରନ୍ତି।ଦକ୍ଷିଣା କମ ପାଇ ମଧ ସେମାନଙ୍କର କାର୍ଯ୍ୟଶୈଳୀ ବେଶ ପ୍ରଶଂସନୀୟ। ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଶିକ୍ଷା ବ୍ୟବସ୍ଥା କେବଳ ସରସ୍ୱତୀ ଶିଶୁମନ୍ଦିର ମାନଙ୍କରେ ରହିଛି। ବ୍ୟକ୍ତି ନିର୍ମାଣ କାର୍ଯ୍ୟ ସରସ୍ୱତୀ ଶିଶୁ ମନ୍ଦିର ଦ୍ୱାରା କରାଯାଇ ପିଲାମାନଙ୍କୁ ଆଗକୁ ବଢିବାର ମାର୍ଗ ଦର୍ଶନ କରାଇବା ସହିତ ଦେଶର ଯୋଗଦାନରେ ତାଙ୍କର ଭୂମିକା ରହିଛି। ଶିକ୍ଷାର ବିକାଶ ସହିତ ପ୍ରଚାର ପ୍ରସାର ପାଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ପଳାଶୋଳ-ସମଙ୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥୀ ଭାବରେ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ କହିଥିଲେ।

ଜାନୁଆରୀ ୨୮ ରୁ ୩୦ ପର୍ଯ୍ୟନ୍ତ ୩ ଦିନ ଧରି ଆୟୋଜିତ ହୋଇଥିବା ଏହି ରଜତ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ସମ୍ମାନନୀୟ ଅତିଥୀ ଭାବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ କହିଲେ ଯେ ବିଦ୍ୟାଳୟ ହେଉଛି ଏକ ମନ୍ଦିର।ବିଦ୍ୟାଳୟକୁ ଆସୁଥିବା କୁନି କୁନି ପିଲାମାନଙ୍କୁ ସମାଜରେ ଏକ ଭଲ ମଣିଷ ଭାବରେ ଗଢି ତୋଳିବାରେ ଗୁରୁଜୀ ଗୁରୁମା ମାନଙ୍କର ଅବଦାନ ଅତୁଳନୀୟ। ପ୍ରତିଷ୍ଠାତା ସଂପାଦକ ତଥା ରଜତ ଜୟନ୍ତୀ ପରିଚାଳନା କମିଟିର ସଂପାଦକ ଆଶୁତୋଷ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଅନ୍ୟତମ ସମ୍ମାନନୀୟ ଅତିଥୀ ଭାବରେ ପୁରୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ନିର୍ଦ୍ଦେଶକ ଡଃ ପ୍ରଭାତ କୁମାର ମହାପାତ୍ର ଯୋଗ ଦେଇ ଶିକ୍ଷା ଦାନ କ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୃତିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ସମାରୋହରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର, ପଳାଶୋଳର ସଭାପତି ବସନ୍ତ କୁମାର ଦାଶ,ସଂପାଦକ ଗୋଲକ ମହାରଣା, ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ୨୦୦୧ ମସିହାରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ କାର୍ଯ୍ୟଧାରା, ଘଟଣାବଳୀକୁ ନେଇ ୨୦୨୬ ମସିହା ପର୍ଯ୍ୟନ୍ତ ଉପରେ ସ୍ମୃତିକୁ ସାଉଣ୍ଟିଥିଲେ। ଏହି ସମାରୋହରେ ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ବିଶେଷାଙ୍କ "ଅରୁଣ ଜ୍ୟୋତି'କୁ ଅତିଥୀମାନେ ଉନ୍ମୋଚନ କରିଥିଲେ। ଏହି ସମାରୋହରେ ସ୍ୱାଗତ ଭାଷଣ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ପିତାମ୍ବର ସ୍ୱାଇଁ ପ୍ରଦାନ କରିଥିଲେ।

# କେନ୍ଦ୍ରାପଡା ପୌର ପରିଷଦ ବୈଠକ

## ଉନ୍ନୟନ କାର୍ଯ୍ୟରେ ବିଳମ୍ବ ପାଇଁ ସଭ୍ୟଙ୍କ କ୍ଷୋଭ



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପୌରାଧକ୍ଷା ସରିତା ସାହୁଙ୍କ ସଭାପତିତ୍ୱ ରେ ପୌର ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକ ମାନଙ୍କରେ ଯେଉଁ ଯେଉଁ ପ୍ରସ୍ତାବ ଗୁଡିକ ଆଗତ କରାଯାଇ ଥିଲା ସେଗୁଡିକ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ପୌରାଧକ୍ଷା ଓ ସମସ୍ତ ସଦସ୍ୟ, ସଦସ୍ୟା ମାନେ କ୍ଷୋଭ ପ୍ରକାଶ କରିଥିଲେ। ଡିସେମ୍ବର ୨୦୨୫ ମସିହାର ଆୟ ବ୍ୟୟ ସଂପର୍କରେ ସମୀକ୍ଷା, ଆଇଏଲଡବ୍ଲୁ କଟକ ଠାରେ ପଡି ରହିଥିବା ନଥି ଗୁଡିକ କାର୍ଯ୍ୟାଳୟକୁ ଆଣିବା ସମ୍ବନ୍ଧରେ ଓ କଜଳା ଶ୍ମଶାନର ଉନ୍ନତିକରଣର ବିଳମ୍ବ ସଂପର୍କରେ ଆଲୋଚନା କରାଯାଇ ଥିଲା। କଲ୍ୟାଣ ମଣ୍ଡପର ଉନ୍ନତିକରଣ ଅଗ୍ରଗତି ରେ ବିଳମ୍ବ ସଂପର୍କରେ କର୍ମଚାରୀଙ୍କୁ ତାଗିଦା କରାଯାଇ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟର ଅଗ୍ରଗତିରେ ବିଳମ୍ବ ହେବାରୁ ଉପସ୍ଥିତ ଥିବା ସଭ୍ୟ, ସଭ୍ୟା ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥି ସହିତ ଭୂମିହୀନ ମାନଙ୍କୁ ଜମି ପଟା ପ୍ରଦାନ, ଡମ୍ପିଂୟାର୍ଡର ନିୟମିତ ସଫା କରିବା, ଗୋଶାଳା ନିମନ୍ତେ ଜମି ଯୋଗାଇବା ଆଦି ସଂପର୍କରେ ଆଲୋଚନା କରାଯାଇଛି। ପୌର ପରିଷଦ ବୈଠକ ଗୁଡିକରେ ପାରିତ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟରେ କେତେ ଅଗ୍ରଗତି ହେଲା ଏହା ଆସନ୍ତା ୪ ତାରିଖ ଦିନ ପୁଣି ଏକ ବୈଠକରେ ସମୀକ୍ଷା କରାଯିବ ବୋଲି ନିଷ୍ପତି ନିଆଯାଇଛି।

ଆୟୋଜିତ ଏହି ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାନ, ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ନିରାକାର ସ୍ୱାଇଁ, ଫରଜନା ବେଗମ, ପ୍ରଦୀପ୍ତ କୁମାର ଜେନା, ଉମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ମଙ୍ଗଳପୁର, ( ସବ୍ୟୁ) : ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ବିମ୍ବାଧରପୁର ଗ୍ରାମର ସ୍ୱଜଳଧାରା (ବସୁଧା), ବିମ୍ବାଧରପୁର ଯେନା ସାହି ଠାରେ ମା ତାରିଣୀ କମ୍ୟୁନିଟି ସେଣ୍ଟର ଘର ପାଇଁ ନଡ଼ିଆ ଫିଟି ଏବଂ ଫିତା କାଟି ବିଧାୟିକା ପ୍ରମିଳା ମଲ୍ଲିକ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଖାନନଗର ପଞ୍ଚାୟତରେ ପିଇବା ପାଣିର ସମସ୍ୟା କିଛି ପରିମାଣରେ ଆଗରୁ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ସମୟରେ ସମାଧାନ ହୋଇଛି, ତଥାବି ଏ ଅଞ୍ଚଳରେ ପିଇବା ପାଣିର ସମସ୍ୟା ଅଛି। ସେ ସମସ୍ୟାକୁ ସମ୍ପୂର୍ଣ୍ଣ ସମାଧାନ କରିବାପାଇଁ ୨୦୨୨-୨୩ ମସିହାରେ ଦଶରଥପୁର ବ୍ଲକ ପାଇଁ ୧୫ କୋଟି ଟଙ୍କା ଅନୁଦାନ ମଞ୍ଜୁରୀ କରିଥିଲେ। ଦଶରଥପୁର ବ୍ଲକର ଯେଉଁ ଯେଉଁ ଜାଗାରେ ପିଇବା ପାଣିର ସମସ୍ୟା ଅଛି ବୈତରଣୀରେ ସ୍ଥାୟୀ ୱାଟର ପ୍ଲାଣ୍ଟ ହେଲା ପର୍ଯ୍ୟନ୍ତ ଅସ୍ଥାୟୀ ରୂପେ ନୂଆ ମୋଟର, ଟ୍ରାନ୍ସଫରମର ଲଗାଇ ପାଣି ଦିଆଯିବ ବୋଲି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ। ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ,ସମିତି ସଭ୍ୟା ଜ୍ୟୋସ୍ନା ରାଣୀ ଦାସ ମଧ ଉପସ୍ଥିତ ରହି ନଡ଼ିଆ ଫିଟି ଶୁଭ ଦେଇଥିଲେ। ବିମ୍ବାଧରପୁର ଗାଁର ଯୁବକ ଓ ମହିଳା ମାନେ ବିଧାୟିକାଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ଯୁବନେତା ବିରଜା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ,ନାୟବ ସରପଞ୍ଚ ସୁରେନ୍ଦ୍ର ସାହୁ, ଶାନ୍ତନୁ ମଲ୍ଲିକ, ଶିଶିର ଦାସ, ଅନନ୍ତ ଦାସ,ସୁମନ ନାୟକ, ଚିନ୍ମୟ ମାହୁନ୍ତ, ହିମାଂଶୁ ଶେଖର ନାୟକଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ।

# ବିଧବାଙ୍କୁ ଆକ୍ରମଣ : ଜଣେ ଗିରଫ

ସାଲେପୁର,( ସବ୍ୟୁ) : ବିଧବା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ସହିତ ଜୀବନରୁ ମାରିଦେବା ଅଭିଯୋଗରେ ଆଜି ସାଲେପୁର ପୋଲିସ ଜଣଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ସାଲେପୁର ଥାନା ଅନ୍ତର୍ଗତ ଜଇରାମପୁର ପଞ୍ଚାୟତ ଅଧିନ ରସୁଲପୁର ଗ୍ରାମର ସୀମାଳି ରାଉତ ନିଜ ସ୍ୱାମୀ ଙ୍କ ଦେହାନ୍ତ ପରେ ନିଜ ବାପ ଘରେ ରହୁଥିଲେ।

ଗତକାଲି ନିଜର କିଛି ଜିନିଷ ନେବା ପାଇଁ ଶାଶୁ ଘରକୁ ଆସିଥିବା ବେଳେ ଶାଶୁ ଘର ପରିବାର ଓ ପଡୋଶୀ ଲୋକ ଗତକାଲି ତାଙ୍କୁ ମାରଣାନ୍ତକ ଆକ୍ରମଣ କରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ସାଲେପୁର ଥାନା କେଶ ନଂ ୬୬/୨୬ ଘଟଣାର ତଦନ୍ତ କରି ଆଜି ପୋଲିସ ଅଭିଯୋଗ କାରୀଙ୍କ ଦେଢଶୁର ତଥା ସେହି ଗ୍ରାମର ବୈଷ୍ଣବ ଚରଣ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁରସଦର, (ସବ୍ୟୁ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଜିଲା ସ୍ତରୀୟ ନିଯୁକ୍ତିମେଳା ନିମେ" ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ,ଜିଲା ସ୍ତରୀୟ ବିଭିନ୍ନ ଅଧିକାରୀଗଣ,ଅଧାପିକା ନରସିଂହ ସ୍ୱୟଂ ଶାସିତ ମହାବିଦ୍ୟାଳୟ,ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ,ସରକାରୀ ବହୁମୁଖୀ ଅନୁଷ୍ଠାନର ଅଧାପକ ଇତ୍ୟାଦି ଯୋଗଦାନ କରି ଏହି ନିଯୁକ୍ତି ମେଳାକୁ ସଫଳ କରିବାରେ ସେମାନଙ୍କର ସୁଚିଂିତ ମତାମତ ଉପସ୍ଥାପନ କରିଥିଲେ। ଆସ"। ଫେବୃଆରି ୨୭ ତାରିଖରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଏହି ଜିଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋବାକୁ ନିଷ୍ପତି ହୋଇଛି। ଏହି ମେଳାରେ ବିଭିନ୍ନ ପ୍ରତିଷ୍ଠାନ,ବେସରକାରୀ ସଂସ୍ଥାର ବିଭିନ୍ନ ନିଯୁକ୍ତି ଦାତାଙ୍କ ସମେତ ଓଡିଶା ଦକ୍ଷତା ଓ ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ଥିବା ପ୍ରକଳ୍ପ କାର୍ଯ୍ୟକାରୀଣୀ ସଂସ୍ଥାର ଅଧିକାରୀମାନଙ୍କୁ ଯୋଗଦେବା ପାଇଁ ନିଷ୍ପତି ହୋଇଛି।

ଜିଲାର ସମସ୍ତ ବ୍ଲକ ଅଂଚଳର ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନେ ଯେଭଳି ବହୁଳ ସଂଖ୍ୟାରେ ଯୋଗଦେବାକୁ ଆଲୋଚନା ହୋଇଥିଲା। ନିଯୁକ୍ତି ମେଳା ସମୟରେ ଆଇନ୍ ଶୃଙ୍ଖଳା ପାଇଁ ପୋଲିସ୍ ଫୋର୍ସ ମୃତୟନ,ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ସେହି ଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ମୃତୟନ ରହିବେ। ମେଳା ସମୟରେ ପାନୀୟ ଜଳ ଯୋଗାଣର ପରିମଳ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିଷ୍ପତି ହୋଇଛି। ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି ନିଯୁକ୍ତିମେଳାରେ ସହଯୋଗ କରିବେ। ଏହି ବୈଠକ ଶେଷରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ପ୍ରଶା" କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖୋଜ ଯୁବକର ମୃତଦେହ ଉଦ୍ଧାର

ସାଲେପୁର,( ସବ୍ୟୁ) : ନିଖୋଜ ଯୁବକର ମୃତଦେହ କେନାଲ ପାଶ୍ୱର୍ରୁ ଉଦ୍ଧାର। ନିଖୋଜ ଯୁବକ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଜପକୁଦ ଫାଣ୍ଡି ନରଦା ଗ୍ରାମର ବଟକୃଷ୍ଣ ମଲ୍ଲିକ( ୫୬)। ଗତକାଲି ଠାରୁ ନିଖୋଜ ଥିବାବେଳେ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳିନଥିଲା। ଏନେଇ ପରିବାର ଲୋକେ ଜପକୁଦ ଫାଣ୍ଡିରେ ଗତକାଲି ଏକ ଲିଖିତ ଅଭିଯୋଗ କରିଥିଲେ। ଆଜି ସାଲେପୁର ମାଳସ୍ଥିତ କେନାଲ ପାଶ୍ୱର୍ରୁ ବଟକୃଷ୍ଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଘଟଣା ସ୍ଥଳରେ ସାଲେପୁର ଥାନା ଅଧିକାରୀ ଓ ଜପକୁଦ ଫାଣ୍ଡି ପୋଲିସ ଓ ସାଇଣ୍ଟିଫିକ ଟିମ ପହଂଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଥିବା ବେଳେ ଏହା ହତ୍ୟା ନା ଆମ୍ହତ୍ୟା ଶବ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣା ପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଜଗତସିଂପୁର ଜିଲ୍ଲା ଗସ୍ତ କରିଛନ୍ତି। ସେହି କ୍ରମରେ ଢିଙ୍କିଆ ଗସ୍ତ ଅବସରରେ ଗୁରୁବାର ତିର୍ତ୍ତୋଲ ଠାରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ତିର୍ତ୍ତୋଲଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଏହି ଅବସରରେ ଆମ୍ରେରୀ ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ସଭାପତି ନୃସିଂହ ସେଠୀ, ବରିଷ୍ଠ ନେତା ବାବାଜୀ ବେହେରା, ପ୍ରହଲାଦ ବେହେରା, ବିଜୟ ସାମଲ ପ୍ରମୁଖ ସଭାପତି ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଆଇନଜୀବୀ ସ୍ୱର୍ଗତ କ୍ଷୀରୋଦ ପ୍ରତାପଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ବନ୍ତଳା ପଞ୍ଚାୟତ ଠେଙ୍ଗଡ଼ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସ୍ୱର୍ଗତ କ୍ଷୀରୋଦଚନ୍ଦ୍ର ପ୍ରତାପଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଜାନକୀବଲ୍ଲଭ ହାଇସ୍କୁଲ ପରିସରରେ ଉନ୍ମୋଚିତ ହୋଇଯାଇଛି।

ଆୟୋଜିତ ଉତ୍ସବରେ ବଡଚଣା ବିଧାୟକ ଅମରକୁମାର ନାୟକ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସ୍ୱର୍ଗତ ପ୍ରତାପଙ୍କ ପ୍ରଚେଷ୍ଟାରେ ବୈରୀ ଠେଙ୍ଗଡ଼ରେ ରେଳ ଷ୍ଟେସନ ସ୍ଥାପନ, ଠେଙ୍ଗଡ଼ରେ ଡାକ ଘର, ନିଜ ଗ୍ରାମରେ ଜାନକୀବଲ୍ଲଭ ପଟ୍ଟନାୟକ ହାଇସ୍କୁଲ ସ୍ଥାପନରେ ମୁଖ୍ୟ ଭୂମିକା ନିର୍ବାହ କରିବା ସହ ନିଜ ଅଂଚଳର ଉନ୍ନତି ପାଇଁ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା। ସ୍କୁଲ କମିଟି ପକ୍ଷରୁ ଆୟୋଜିତ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ କମିଟି ସଭାପତି ଦୀପକକୁମାର ପ୍ରତାପ ଅଧ୍ୟକ୍ଷତା କରିଥିଲା ବେଳେ ଏଥିରେ ଜିଲ୍ଲାପରିଷଦ ସଭ୍ୟ ଅଶୋକକୁମାର ସାମଲ, ବଡଚଣା ବ୍ଲକ ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ସରପଞ୍ଚ ସମୀର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଲଲାଟେନ୍ଦୁ ମହାପାତ୍ର, ନିରଞ୍ଜନ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ପାରାଦ୍ୱୀପ ଫସଫେଟରେ ସଡକ ସୁରକ୍ଷା ସଚେତନତା

ପାରାଦ୍ୱୀପ, (ଜିପ୍ର) : ପାରାଦ୍ୱୀପ ଫସଫେଟ ଲିମିଟେଡ଼ ପରିସର ଅଂଚଳରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶଙ୍ଖ ଧ୍ୱନି ରାସ୍ତା ସୁରକ୍ଷା ସମିତର ସମ୍ପାଦକ, ପ୍ରକାଶ କୁମାର ମହାପାତ୍ର ଓ ସ୍ୱତନ୍ତ୍ର ସହଯୋଗୀ, ହିତେଶ ମହାପାତ୍ର ଯୋଗ ଦେଇ କାରଖାନାରେ ସମସ୍ତ ଭାରି ଗାଡି ଚାଳକଙ୍କ ସମୂହକୁ ନେଇଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହାକୁ ଜଗତସିଂହପୁର ଆଞ୍ଚଳିକ ମୋଟରଯାନ ନିରୀକ୍ଷକ, ସୁଶ୍ରୀ ରମା ମାଝୀ, କାରଖାନାର ସୁରକ୍ଷା ଅଧିକାରୀ ଦୁର୍ଗା ତ୍ରିପାଠୀ, ସହଯୋଗୀ ଅଧିକାରୀ ସଚିତ୍ର ଓ ଅନ୍ୟ ଅଧିକାରୀଗଣ ଉପସ୍ଥିତ ରହି ଯୋଗ ଦେଇଥିବା ଭାରି ଗାଡି ଚାଳକଙ୍କୁ ଗାଡି ଚାଳନା ସମୟରେ ସଡକ ଦୁର୍ଘଟଣାର କାରଣ, ସମ୍ଭାବ୍ୟ ସଡକ ଦୁର୍ଘଟଣାକୁ ଏଡାଇ ଦେଇ ହେବା ଦିଗ ଗୁଡ଼ିକୁ ପ୍ରାଂଜଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଡକର ସ୍ଥିତି, ଦୁର୍ଘଟଣା, କାରଣ ଭିଡ଼ିଓ ମାଧ୍ୟମରେ ଉପସ୍ଥାପନା କରାଯାଇ ସ୍ଥିତକୁ କିପରି ଏଡାଯାଇପାରିବ ସମ୍ପର୍କରେ ମାର୍ଗଦର୍ଶନ କରାଯାଇଥିଲା।

# ପୁରାଣ ପ୍ରସିଦ୍ଧ ବ୍ୟାସ ମହୋତ୍ସବ ଉଦ୍‌ଘାଟିତ



ବ୍ୟାସନଗର, (ଜିପ୍ର) : ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ବ୍ୟାସ ସରୋବର ମହୋତ୍ସବ। ପୌରପାଳ ସୁବାସ ବଳ ମହୋସିବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ କାଉନସିଲର ବିଜୟ ଜେନା, ଶିବାନନ୍ଦ ନାୟକ, ସିଦ୍ଧାର୍ଥ ଶଙ୍କର ସାମଲ, ସନ୍ତୋଷ ବରାଳ, ପାର୍ଥସାରଥୀ ନାୟକ, ଦିଲୀପ ସେଠୀ, ରବିନ୍ଦ୍ର ରାଉତ୍, ଅଶୋକ ଦାସ, କୁମୁଦୁନୀ ରାଉତ, ମୋନାଲିସା ସାହୁ, ଉର୍ମିଳା ପରିଡ଼ା, ଅନ୍ନପୂର୍ଣ୍ଣା ତରେଇ, କୁନି ହାସଁଦା ଉପସ୍ଥିତ ରହିଥିଲେ। ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ ଧନ୍ୟବାଦ ଦେଇଥିଲେ। ମହୋତ୍ସବକୁ ଉଦଘାଟନ କରି ପୌରପାଳ ଶ୍ରୀ ବଳ କହିଥିଲେ ଯେ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ପୀଠ ଆଜି ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ହୋଇପାରିଛି। ଯାହା ବ୍ୟାସନଗର ପୌରବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ୧୧ଦିନ ପାଇଁ ହେବାକୁ ଥିବା ମହୋତ୍ସବକୁ ପୌରବାସୀ ଉପଭୋଗ କରିବାକୁ ପୌରପାଳ ଆହ୍ୱାନ ଦେଇଥିବା ବେଳେ ମହୋସିବକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟପକ୍ଷରେ ଭୈମ ଏକାଦଶୀ ଅବସରରେ ପୁରାଣ ପ୍ରସିଦ୍ଧ ବ୍ୟାସସରୋବର ବ୍ୟାସ ପୀଠର କିମ୍ବଦନ୍ତି ଗୁପ୍ତଗଙ୍ଗାରେ ପ୍ରାତଃ ସମୟରୁ ବୁଡ଼ ପକାଇବା ସହ ଶହଶହ ଶ୍ରଦ୍ଧାଳୁ ରାଘୁଜୀ ଗୋସାଇଁଙ୍କ ଦର୍ଶନ କରିଥିଲେ। ବିଶେଷ କରି ଏକାଦଶୀ ପାଳନ କରୁଥିବା ମହିଳା ସ୍ନାନ କରିବା ପରେ ପୂଜାର୍ଚ୍ଚନା କରୁଥିବାର ଦେଖାଯାଇଥିଲା। କଥିତ ଅଛି, ଗୁପ୍ତଗଙ୍ଗାରେ ଦର୍ଶନ ଦେଲେ ମନୁଷ୍ୟର ଦ୍ୱିତୀୟବାର୍ ପୂନ୍ନଜନ୍ମ ହୁଏ, ଓ ଆମ୍ବା ପରମ୍ବାମା ସହ ମିଶିଯାଏ। ଆହୁରି ମଧ ଏଅଂଚଳ ତଥା ବାହାର ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି, ବରକନ୍ୟାଙ୍କର ଦୋଳ ମୁକୁଟ ଗୁପ୍ତ ଗଙ୍ଗାରେ ପକାଇଲେ ବରକନ୍ୟାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହୁଏ।

### ମହିମା ମଠରେ ଅଖଣ୍ଡ ଧ୍ୱନୀ

ବ୍ୟାସସରୋବର ଉପଲକ୍ଷେ ପୀଠରେ ଥିବା ଅଲେଖ ମହିମା ମଠ ଆଶ୍ରମରେ ଅଲେଖ ସଂପ୍ରଦାୟର ସାଧୁସନ୍ଥ ଏକାଠି ହୋଇ ଅଖଣ୍ଡ ଧ୍ୱନୀ ପ୍ରଜ୍ୱଳନ କରିଛନ୍ତି। ଭୀମଭୋଇଙ୍କ ଭଜନରେ ସମଗ୍ର ମେଳାସ୍ଥଳୀ ପ୍ରକମ୍ପିତ ହୋଇଉଠିଛି। ଖଞ୍ଜଣି ମାଡ ସାଙ୍ଗକୁ ଜୟ ଅଲେଖ ମହିମା ଗୋସେଇଁ ଧ୍ୱନୀ ସରୋବର ପୀଠଟି ଭକ୍ତମାନଙ୍କର ଆକର୍ଷଣ ପାଲଟିଥିଲା। ୩୦୦ରୁ ଉର୍ଦ୍ଧ୍ୱର୍ ମହିମା ଭକ୍ତ ଓ ବକଳଧାରୀ ସାଧୁ ସନ୍ୟାସୀ ଗୋଶାଳା ଛକରୁ ଏକ ଶୋଭାଯାତ୍ରାରେ ଯାଇ ପୀଠରେ ଥିବା ମଠରେ ଅଖଣ୍ଡ ଧ୍ୱନୀ ପ୍ରଜ୍ୱଳନ କରି ଭଜନ କୀର୍ତନରେ ନିଜକୁ ହଜାଇ ଦେଇଥିଲେ। ସ୍ୱାଧୀନ ବାବାଙ୍କ ନେତୃତ୍ୱରେ ବହୁ ଅଲେଖ ବାବା ଉପସ୍ଥିତ ରହି ବିଶ୍ୱର ମଙ୍ଗଳକାମନା କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡ଼ା, ବିଜେଡ଼ି ଯୁବ ନେତା ଭବପ୍ରକାଶ ଦାସ ଆଶ୍ରମରେ ପହଁଚି ଆର୍ଶିବାଦ ନେଇଥିଲେ। କାର୍ଯ୍ୟକ୍ରମକୁ ମଠ ପରିଚାଳକ ପ୍ରକାଶ ପରିଡ଼ା, ବିନୋଦ ବିହାରୀ ସାମଲ, ପ୍ରଭାତ ବଳ, ମୋହନ ସାମଲ, କ୍ଷିରୋଦ ରାଉତ୍, ଅମୂଲ୍ୟ ମଲିକ ସମେତ ବହୁ କର୍ମକର୍ତା ପରିଚାଳନା କରିଥିଲେ। ସେହିପରି ରାଘୁଜୀ ଗୋସାଇଁଙ୍କ ନିକଟରେ ୩୦ବର୍ଷ ପରେ ଏକ ଅଖଣ୍ଡଧ୍ୱନୀ ଯଜ୍ଞ ଅନୁଷ୍ଠିତ ହୋଇଛି। ଯାହା ୨ତାରିଖ ଦିନ ସଂପର୍ଣ୍ଣ ହେବ। ନାସିକ, ମହାରାଷ୍ଟ୍ର, ଝାରଖଣ୍ଡ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୩୦ ଜଣ ସାଧୁସନ୍ଥ ସାମିଲ ହୋଇଛନ୍ତି।

# ୭ବର୍ଷର ଶିଶୁ କନ୍ୟାକୁ ଅସଦାଚରଣ କରି ଯୁବକ ଗିରଫ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ଅଂଚଳରେ ଜଣେ ସାତ ବର୍ଷର ଶିଶୁକନ୍ୟାକୁ ପଡେଶୀ ଘରର ଜଣେ ଯୁବକ ଏକୁଟିଆ ଦେଖି ଅସଦଆଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା ଅଂଚଳର ଜଣେ ଯୁବକ ଗତକାଲି ସନ୍ଧ୍ୟାରେ ପଡୋଶୀ ଘରେ ଏକୁଟିଆ ଥିବା ୭ ବର୍ଷର ଶିଶୁ କନ୍ୟା ସହିତ ଅସଦଆଚରଣ କରିଥିଲା। ଏନେଇ ଶିଶୁ କନ୍ୟାଟ ତାର ମାକୁ ଜଣାଇବା ପରେ ପରିବାର ଲୋକେ ଆଜି ସକାଳେ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଧର୍ମଶାଳା ଥାନା ପୁଲିସ ଏକ ମାମଲା ରୁଜୁ କରି ଏହି ଥାନା ଚହଟା ଗ୍ରାମର ମୀନ ସେଠୀଙ୍କ ପୁଅ ସିପୁ ସେଠୀ (୨୫)କୁ ଉଠାଇ ଆଣି ଥାନାରେ ପଚରା ଉଚରା କରିବା ପରେ ତାକୁ ଗିରଫ କରିବା ସହ ତାର ଡାକ୍ତରୀ ମାଇନା କରାଇଛି। ଆସନ୍ତା କାଲି ଅଭିଯୁକ୍ତ ସିପୁକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବାପୁଜୀ ନୋଡାଲ ଉପ୍ରା ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ନିକଟ ଗୋପାଳପୁର ଗ୍ରାମର ବାପୁଜୀ ନୋଡାଲ ଉପ୍ରଔ ବିଦ୍ୟାଳୟର ବାର୍ଷିକ ଉତ୍ସବ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ସୂଚୀସ୍ମିତା ଦାସ୍, ସମ୍ମାନୀତ ଅତିଥି ଭାବେ ଶିକ୍ଷାବି ଜଗନ୍ନାଥ ସାମନ୍ତରାୟ, ସରପଞ୍ଚ ଫକୀର ନାରାୟଣ ମିଶ୍ର, ଅଧାପକ କୃଷ୍ଣଚନ୍ଦ୍ର ଦାସ, ଆଦର୍ଶ କୃଷକ ନବକିଶୋର ସାହୁ,ସୁବ୍ରତକୁମାର ବେହେରା,ମଦନମୋହନ ପରମାଣିକ୍ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦକୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷୟିତ୍ରୀ ଭଗ୍ୟଲକ୍ଷ୍ମି ମହାପାତ୍ର ବାର୍ଷିକ ବୀବରଣୀ ପଠ କରିଥିଲେ। ଇତ୍ୟବସରରେ ସ୍କୁଲରେ ବିଭିନ୍ନ ଆୟୋଜିତ କ୍ରିଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୮୨ ଜଣ ଛାତ୍ରଛାତ୍ରୀ ମାନଙ୍କ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ଘଡେଇ,ଝରଣା ପଣ୍ଡା, ଶିକ୍ଷକ ବାବାଜୀଚରଣ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୫ରୁ ସତ୍ୟବାଦୀ ମହୋତ୍ସବ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ମହୋତ୍ସବ ୨୦୨୬ ଚଳିତ ବର୍ଷ ଫେବୃୟାରୀ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ।ଏହି ମହୋତ୍ସବର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ ତାରିଖ ଅପରାହ୍ନ ୪ ଘଟିକା ରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ପୁରୀ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏହି ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତି ବର୍ଷ ପାଳିତ ହୋଇ ଆସୁଛି।ଏହି ମହୋତ୍ସବ ମାଧ୍ୟମରେ ଆମ ରାଜ୍ୟର ସମୃଦ୍ଧ କଳା ଓ ସାଂସ୍କୃତିକ ଚେତନା କୁ ଅଧିକ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଉଛି ବୋଲି କହିବା ସହ ଏହାକୁ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ବିଷଦ ଆଲୋଚନା କରାଯାଇ ରାସ୍ତା ମରାମତି, ପାର୍କିଂ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ବ୍ୟବସ୍ଥାପରିଷ୍କାର ପରିଚ୍ଛନ୍ନତା କୁ ସୁ ନିୟନ୍ତ୍ରିତ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା।ସେହିପରି ସଂସ୍କୃତି ବିଭାଗ ସହଯୋଗରେ ପ୍ରତି ସନ୍ଧ୍ୟାରେ ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯିବ।ଫେବୃଆରୀ ୬ ତାରିଖରେ ରକ୍ତ ଦାନ ଶିବିର ଓ ୭ ତାରିଖରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡାକ୍ତର ଅକ୍ଷୟ କୁମାର ଶତପଥୀ,ପୋଲିସ ଡିଏସପି ଦେବାଶିଷ ମିଶ୍ର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ସତ୍ୟବାଦୀ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ଦୀପକ କୁମାର ଶତପଥୀ,ତ୍ରିଲୋଚନ ରଥ,ଭବାନୀ ନନ୍ଦ, ବଦ୍ରିନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।ପ୍ରାରମ୍ଭରେ ମହୋତ୍ସବ କମିଟି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ।

# ଟେକ୍ଷ୍ଟେଡ ଫର ହ୍ୟାଣ୍ଡଲୁମ' ଅଭିଯାନ

ଭୁବନେଶ୍ୱରୟ,(ସବ୍ୟୁ): ଗଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଗୋଦରେଜ ଏଣ୍ଟରପ୍ରାଇଜେସ ଗ୍ରୁପର ଆପ୍ଲାଏନସେସ ବ୍ୟବସାୟ ପକ୍ଷରୁ ହସ୍ତତନ୍ତର ପୁନରୁଦ୍ଧାର ପାଇଁ 'ଟେକ୍ଷ୍ଟେଡ ଫର ହ୍ୟାଣ୍ଡଲୁମ' ଅଭିଯାନ ଆରମ୍ଭ କରାଯାଇଛ । କମ୍ପାନି ପକ୍ଷରୁ ହସ୍ତତନ୍ତ ଅନୁକୂଳ ଫ୍ରଂଟ ଲୋଡିଂ ୱାସିଂ ମେସିନ ପ୍ରଯୁକ୍ତି ଉନ୍ମୋଚନ କରାଯାଇଛି, ଯାହା ହସ୍ତତନ୍ତର ଯତ୍ନକୁ ଚିନ୍ତାମୁକ୍ତ କରିଥିବା ବେଳେ ଭାରତୀୟମାନଙ୍କୁ ଗର୍ବର ସହ ହସ୍ତତନ୍ତ ପରିଧାନ କରିବାକୁ ଉତ୍ସାହିତ କରୁଛି । ଏ ସମ୍ପର୍କରେ ଗୋଦରେଜ ଏଂଟରପ୍ରାଇଜେସ ଗ୍ରୁପର ଆପ୍ଲାଏନସେସ ଡିଭିଜନର ବ୍ୟବସାୟ ମୁଖ୍ୟ କମଳ ନନ୍ଦୀ କହିଛନ୍ତି ଯେ, 'ଯେତେବେଳେ ପରମ୍ପରା ସହ ପ୍ରଯୁକ୍ତିର ମିଳନ ହେବେ, ସେତେବେଳେ ଆମେ ଗୁରୁତ୍ୱ ରଖୁଥିବା ଏବଂ ପିଢି ପାଇଁ ଅଗ୍ରଗାମୀ ପ୍ରଗତିର ସଂରକ୍ଷଣ କରିପାରିବା । ଗୋଦରେଜ ଏଂଟରପ୍ରାଇଜେସ ଗ୍ରୁପର ଆପ୍ଲାଏନସେସ ବ୍ୟବସାୟର ମାର୍କେଟିଂ ମୁଖ୍ୟ ସ୍ୱାତୀ ରାଠି କହିଛନ୍ତି ଯେ, 'ଗୋଦରେଜ ଏଂଟରପ୍ରାଇଜେସରେ ଆମେ ସର୍ବଦା ପ୍ରଯୁକ୍ତି ପ୍ରତି ପ୍ରତିବଦ୍ଧ ଯାହା ଭାରତ ପାଇଁ ପ୍ରକୃତରେ ତିଆରି ହୋଇଛି ।

# ଧର୍ମପରାୟଣା ମହିଳାଙ୍କ ବିୟୋଗରେ ଶୋକ



ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ୫ନମର ୱାର୍ଡ କରସାହିର ବାସିନ୍ଦା ବିଶିଷ୍ଟ ବ୍ୟବସାୟୀ ସର୍ଗତ ଲକ୍ଷ୍ମୀଧର ପାଲଙ୍କ ଧର୍ମପନ୍ତୀ ଶୋଭାମଣୀ ପାଲ(୬୫)ଙ୍କର ବିୟୋଗ ଘଟିଥିବା ଜଣାଯାଇଛି।ସେ ଜଣେ ସରଳ, ମେଳାପୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ସହରାଞ୍ଚଳରେ ହେଉଥିବା ଅଧିକାଂଶ ଦେ, ଧର୍ମ କାର୍ଯ୍ୟରେ ସେ ଯୋଗଦେବା ସହ ପୃଷ୍ଠପୋଷକତା କରିଆସୁଥିଲେ।ତାଙ୍କର ବିୟୋଗ ଘଟିଥିବା ଖବର ପାଇ ଅଞ୍ଚଳର ବୁଦ୍ଧିଜୀବୀ, ନେତୃସ୍ଥାନୀୟ ବ୍ୟକ୍ତି ଓ ଜନସାଧାରଣ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି। ସହ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଦୁଇ ପୁତ୍ର ଉଦ୍ୟୋଗପତି ମନୋଜ ଓ ସରୋଜ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସରକାରୀ ଓକିଲ ଅମୀୟ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ନୟାଗଡ଼, (ସବ୍ୟୁ): : ନୟାଗଡ଼ ଜିଲ୍ଲା ଜିଲ୍ଲା କୋର୍ଟର ସରକାରୀ ଓକିଲ ଅମିୟ ପଟ୍ଟନାୟକଙ୍କ ଏକାଦଶାସହରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବନ୍ଧୁ ପରିଜନ, ବିଚାରବିଭାଗୀୟ ଅଧିକାରୀ, ରାଜନେତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ବ୍ୟକ୍ତି ସ୍ୱର୍ଗତ ପଟ୍ଟନାୟକଙ୍କ ଅମର ଆତ୍ମାପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।ନୟାଗଡ଼ ଖୁଣ୍ଟୁବନ୍ଧ ସ୍ଥିତ ବାସଭବନରେ ଆୟୋଜିତ ଏକାଦଶାହ ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାକଙ୍କ ସ୍ମୃତିଚାରଣ କରିଥିଲେ। ସରକାରୀ ଓକିଲ ଅମିୟ ପଟ୍ଟନାୟକ(୬୨)ଙ୍କ ଗତ ୧୪ ତାରିଖରେ ହୃଦ୍ଘାତରେ ଆକସ୍ମିକ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ପଟ୍ଟନାୟକ ଜିଲ୍ଲାର ବିଭିନ୍ନ ନ୍ୟାୟାଳୟରେ ସରକାରୀ ଓକିଲ ରୂପେ କାର୍ଯ୍ୟ କରି ଜଣେ ସୁଦକ୍ଷ୍ୟ ତଥା ଲୋକପ୍ରିୟ ଆଇନଜୀବୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସରକାରଙ୍କ ପକ୍ଷରୁ ବହୁ ଅପରାଧିକ ମାମଲାର ସଫଳ ପରିଚାଳନା କରି ରାଜ୍ୟ ଗୃହ ବିଭାଗ ପକ୍ଷରୁ ସ୍ୱର୍ଗତ ଅମିୟ ପଟ୍ଟନାୟକଙ୍କୁ ଜଣେ ସୁଦକ୍ଷ୍ୟ ସରକାରୀ ଓକିଲ ରୂପେ ସମ୍ମାନିତ କରାଯାଇଥିଲା। ସରକାରୀ ଓକିଲ ସ୍ୱର୍ଗତ ପଟ୍ଟନାୟକଙ୍କ ଏକାଦଶାହରେ ଅତିରିକ୍ତ ଜିଲ୍ଲାଜଜ୍ ରିଜା ରାୟ, ବିଧାୟକ ଅରୁଣ କୁମାର ସାହୁ, ଜିଲ୍ଲା ଓକିଲ ସଂଘ ସଭାପତି ରଣଜିତ ଦାସ, ସଂପାଦକ ସ୍ୱଦେଶ ମିଶ୍ର, ଆଇଜୀବୀ ବଳଭଦ୍ର ମହାନ୍ତି ନୟାଗଡ଼ ଉପକାରାଗାର ଅଧୀକ୍ଷକ ବାବୁଲି ବାରିକ ଏବଂ ଅବସରପ୍ରାପ୍ତ ଡାକ୍ତର ପିତବାସ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



# ଭକ୍ତ ଶିରୋମଣି ଦାସିଆଙ୍କ ପବିତ୍ର ମହାପ୍ରୟାଣ ଦିବସ



ପିପିଲି ,(ସବ୍ୟୁ):ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲା ତେଇଶିପୁର ପଞ୍ଚାୟତର ବାଲିଗାଁ ଠାରେ ଭଦାସିଆଙ୍କ ପବିତ୍ର ରାଜ୍ୟସ୍ତରୀୟ ମହାପ୍ରୟାଣ ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ୬ଟା ରୁ ୮ ଟାମଧ୍ୟରେ ଭକ୍ତ ଦାସିଆ ପୀଠସ୍ଥ ସମସ୍ତ ଦେବାଦେବୀ ଯଥା – ଭକ୍ତ ଶିରୋମଣି ଦାସିଆଙ୍କସମାଧି , ଦାସିଆଙ୍କ ପୂର୍ଣ୍ଣାବୟବ ବ୍ରଞ୍ଜ ପ୍ରତିର୍ମୂ, ଶ୍ରୀଜଗନ୍ନାଥମନ୍ଦିର, ମା ମହାଲକ୍ଷ୍ମୀ, ମା ବିମଳା, ଶ୍ରୀଗଣେଶ ଓ ଶ୍ରୀମହାବୀରମନ୍ଦିରରେ ନୂତନ ବସ୍ତ୍ର ପରିଧାନ, ସମସ୍ତ ଦେବନୀତି ସହିତ ବେଦପାଠ, ଗୀତା, ଭାଗବତ ପାଠ ମୁଖ୍ୟ ପୂଜକ ଶ୍ରୀ ଲିଙ୍ଗରାଜ ପଣ୍ଡାଓ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ସମାପନ କରିବା ପରେ ଭକ୍ତ ଦାସିଆ ସଙ୍କୀର୍ତ୍ତନ ମଣ୍ଡଳୀର ସହଯୋଗରେ ନଗର ପରିକ୍ରମା କରିଥିଲା । ଭକ୍ତ ଦାସିଆଙ୍କ ମହାପ୍ରୟାଣ ଦିବସର ସ୍ମୃତିଚାରଣ ସଭାରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରତିଭା ମହାରଥୀ ଅଧକ୍ଷତା କରିଥିବାବେଳେ ଭୁବନେଶ୍ୱର ଏମ୍ସ ହସ୍ପିଟାଲର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଓ ରାଧାବଲ୍ଲଭ ମଠ, ପୁରୀର ପରମ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେଅନ୍ୟତମ ବକ୍ତା ଡକ୍ଟର ଆରତୀ କର, ଡକ୍ଟର ଚିରଞ୍ଜନ ମିଶ୍ର, ଇଂ ବସନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ରୋଟାରୀକ୍ଲବ୍ ଭୁବନେଶ୍ୱର (ତୋଶାଳୀ)ର ସଭାପତି ତ୍ରିନାଥ ଲେଙ୍କା, ଏନ୍ କେ ଅଗ୍ରୱାଲା, ଡକ୍ଟର ନାରାୟଣ ମହାପାତ୍ର, ପ୍ରମୁଖଭକ୍ତଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯଯକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଘନଶ୍ୟାମ ସ୍ୱାଇଁ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ଆଇନ୍‌ଜୀବୀ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଏକାଦଶ ବର୍ଷର ପ୍ରଥମ ସଂସ୍କରଣ ଆଧ୍ୟାତ୍ମିକ ତ୍ରୟମାସିକପତ୍ରିକା ଭାବକୁ ନିକଟ ଲୋକାର୍ପିତ ହୋଇଥିଲା ଓ ୬ ଜଣ ସାମ୍ବାଦିକ ଓ ୪ ଜଣ ବୈଦୁତିକ ଖବର ପରିବେଷଣ ପ୍ରତିନିଧିଙ୍କୁ ଭକ୍ତଦାସିଆ ସେବା ସମ୍ମାନରେ ଉରୀୟ ମାନପତ୍ର ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜଗନ୍ନାଥ ସଂସ୍କୃତିପ୍ରଚାର ସମିତି ଦ୍ୱାରା ପ୍ରସ୍ତୁତି ୟୁଟ୍ୟୁବ୍ ଚ୍ୟାନେଲ୍ ଉଦ୍ଘାଟନ କରାଯାଇଥିଲା। ଭକ୍ତ ଦାସିଆ ସ୍ମୃତି କମିଟିର ସଂଯୋଜନାରେ ରୋଟାରୀ କ୍ଲବ୍ ଭୁବନେଶ୍ୱର (ତୋଶାଳୀ) ଏବଂ ୱାଲେଟ୍ ଫର୍ ୱେଲେଥିରସହଯୋଗ ୪୦ ଜଣ ଭିନ୍ନକ୍ଷମ ଓ ବିକଳାଙ୍ଗ ବ୍ୟକ୍ତିଙ୍କୁ ହୋଇଲ୍ ଚ୍ୟାୟାର୍ ଆବଣ୍ଟନ କରାଯାଇଥିଲା। ସନ୍ଧ୍ୟା ୬ରୁ ରାଜଯ ସଂସ୍କୃତି ବିଭାଗର ପ୍ରାୟୋଜିତ ଭଜନ ପରିବେଷଣ କରାଯାଇଥିଲା।।

# ନାଏବ ସରପଞ୍ଚଙ୍କୁ ହତ୍ୟା ଧମକ, ଚୁପ ବସିଛି ପୋଲିସ

ବାଲିଅନ୍ତା, (ସବ୍ୟୁ): ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀର ପ୍ରତାପଶାସନ ପଞ୍ଚାୟତ ନାଏବ ସରପଞ୍ଚ ଅରୁଣ କୁମାର ସାହୁଙ୍କୁ ସରପଞ୍ଚଙ୍କ ସ୍ୱାମୀ ପବିତ୍ର ବେହେରା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଗୁରୁତର ଅଭିଯୋଗ ଉଠିଛି।ଏହି ଅଭିଯୋଗ ଆଧାରରେ ବାଲିଅନ୍ତା ଥାନାରେ ମାମଲା ନଂ ୪୭/୨୬ ରୁଜୁ ହୋଇଥିଲେ ମଧ୍ୟ, ଆଶ୍ଚର୍ଯ୍ୟଜନକ ଭାବେ ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଦେଖାଯାଇନାହିଁ। ଏଥିରେ ନାଏବ ସରପଞ୍ଚଙ୍କ ସହ ପଞ୍ଚାୟତର ଅନ୍ୟାନ୍ୟ ଜନପ୍ରତିନିଧିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୩ ତାରିଖ ରାତି ପ୍ରାୟ ୧୦ଟା ୪୦ରେ ଅରୁଣ କୁମାର ସାହୁ କୌଣସି କାରଣରୁ ସରପଞ୍ଚଙ୍କ ସ୍ୱାମୀ ପବିତ୍ର ବେହେରାଙ୍କୁ ଫୋନ କରିଥିଲେ। ଫୋନ କଥାବାର୍ତ୍ତା ସମୟରେ ସାଧାରଣ ବଚସା ତୀବ୍ର ରୂପ ନେଇଥିଲା। ପବିତ୍ର ବେହେରା ଅରୁଣଙ୍କୁ ଅଶ୍ଳୀଳ ଗାଳି ଦେବା ସହ ଜୀବନରେ ମାରିଦେବି ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି।ଏହା ପରେ ଅରୁଣ କୁମାର ସାହୁ ୨୪ ତାରିଖରେ ବାଳକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ମାମଲା ରୁଜୁ ହେବା ସତ୍ତ୍ୱେ ପୋଲିସର ନିଷ୍କ୍ରିୟତାକୁ ନେଇ ବୁଧବାର ଧଉଳିରେ ୧୦ ଜଣ ୱାର୍ଡ ସଭ୍ୟ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ପ୍ରଶାସନର ଦ୍ୱିମୁଖୀ ଭୂମିକା ଉପରେ କଠୋର ସମାଲୋଚନା କରିଛନ୍ତି।ଖବରଦାତା ସମ୍ମିଳନୀରେ ଅରୁଣ ସାହୁ ସ୍ପଷ୍ଟ କରିଛନ୍ତି ଯେ, ଯଦି ପୋଲିସ ତୁରନ୍ତ ନ୍ୟାୟସଂଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଖୁବ ଶୀଘ୍ର ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବ।ଅନ୍ୟପଟେ, ଅଭିଯୁକ୍ତ ପବିତ୍ର ବେହେରା ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ଅସ୍ୱୀକାର କରି, ଏହା ତାଙ୍କ ବିରୋଧରେ ରଚିତ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

# ବଦଳି ହେଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ

ବାଙ୍କୀ , (ସବ୍ୟୁ) :ବାଙ୍କୀ ଡମପଡ଼ା ବ୍ଲକ ରେ ନିଯୁକ୍ତି ପ୍ରାପ୍ତ ବିବାଦୀୟ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ପୁଣି ଅନ୍ୟତ୍ର ବ୍ଲକକୁ ବଦଳି କଲେ କଟକ ଜିଲ୍ଲାପାଳ। ଗୁରୁବାର ବାଙ୍କୀ ଗ୍ରସ୍ତ ବେଳେ କଟକ ଜିଲ୍ଲାପାଳ ଦତ୍ତା ତ୍ରୟ ଭାଉ ସାହେବ ସାନ୍ଦେ ଚିଠି ନମ୍ବର ୨୮୮/ ତା ୨୭.୦୧.୨୦୨୬ ରେ ତିନି ଗୋଟି ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଙ୍କୁ ବଦଳି କରି ସଙ୍ଗେ ସଙ୍ଗେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରୁ ରିଲିଭ କରାଯାଇଛି। ବାଙ୍କୀ ବ୍ଲକରୁ ଗତ ୨୦.୦୧.୨୦୨୭ତାରିଖରେ ରିଲିଭ ହୋଇ ବଦଳି ହୋଇ ବାଙ୍କୀ ଡମପଡ଼ା ବ୍ଲକରେ ଯୋଗ ଦେଇ ଥିବା ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସେଠୀଙ୍କୁ ବଡମ୍ବା ବ୍ଲକକୁ, ବଦଳି କରା ଯାଇଛି। ଶ୍ରୀ ମତି ସେଠୀଙ୍କ ସ୍ଥାନରେ ଡମପଡ଼ା ବ୍ଲକରୁ ବଦଳି ହୋଇ ବାଙ୍କୀ ବ୍ଲକରେ ଆସି ଯୋଗ ଦେଇଥିବା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କୁମାର ବେହେର ଙ୍କୁ ପୁଣି ଡମପଡ଼ା ବ୍ଲକକୁ ବଦଳି କରା ଯାଇଛି। ସେପଟେ ବଡମ୍ବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରଶ୍ମିତା ସାହୁଙ୍କୁ ବାଙ୍କୀ ବ୍ଲକ କୁ ବଦଳି ନିର୍ଦ୍ଦେଶନାମା ଜାରି କରିଛନ୍ତି କଟକ ଜିଲ୍ଲାପାଳ। ସୂଚନା ଅନୁସାରେ ବାଙ୍କୀ ବ୍ଲକ ରେ କାର୍ଯ୍ୟରତ ସସ୍ମିତା ସେଠୀ ଭତ୍ତା ଚୟନ ଓ ପରିବାର କଲ୍ୟାଣ ଯୋଜନାରେ ଅସହାୟ ମହିଳାଙ୍କୁ ବହୁ ହଇରାଣ କରୁ ଥିବାର କଟକ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ରେ ଲୋକେ ଅଭିଯୋଗ କରିଥିଲେ। ଏପରିକି କାର୍ଯ୍ୟାଳୟକୁ ସଠିକ ସମୟ ରେ ନ ଆସିବାରୁ ବହୁ ଲୋକ ହଇରାଣ ହେଉଥିବାର ବାରମ୍ୱାର ଅଭିଯୋଗ ହୋଇ ଆସୁଥିଲା। ମାତ୍ର କଟକ ଜିଲ୍ଲାପାଳ ଚିଠି ନମ୍ବର ୪୫୬୨/ ତା ୧୮.୧୨.୨୦୨୫ ରେ ଶ୍ରୀ ମତୀ ସସ୍ମିତା ସେଠୀ ଙ୍କୁ ବାଙ୍କୀ ବ୍ଲକ ରୁ ବାଙ୍କୀ ଡମପଡ଼ା ବ୍ଲକ କୁ ବଦଳି କରିଥିଲେ। ହେଲେ ବାଙ୍କୀ ବ୍ଲକ ବିଡ଼ିଓ ବାଙ୍କୀ ରୁ ରିଲିଭ କରୁ ନ ଥିଲେ। ଦୈନିକ ଖବରକାଗଜ ସମୟ ରେ ଖବର ପ୍ରକାଶିତ ହେବା ପରେ ବାଙ୍କୀ ବ୍ଲକ ବିଡ଼ିଓ ବିବାଦୀୟ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ରିଲିଭ କରିଥିଲେ।

# ଶୁଦ୍ଧାନନ୍ଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ




ଫୁଲନଖରା,(ସବ୍ୟୁ): :କଟକ ଜିଲ୍ଲା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତର ଗଙ୍ଗେଶ୍ୱର ନଛିପୁର ଅଞ୍ଚଳରେ ଅବସ୍ଥିତ ଶୁଦ୍ଧାନନ୍ଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡା ଉତ୍ସବ୨୦୨୬ ପାଳିତ ହୋଇଯାଇଛି। ୨୯ ତାରିଖ ଦିନ ଆୟୋଜିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ମ୍ୟାନେଜିଂ ଡାଇରେକ୍ଟର ଏବଂ ହାଉସିଂ ଆଣ୍ଡ ଅର୍ବାନ ବିଭାଗର ସ୍ପେଶାଲ ସେକ୍ରେଟାରୀ ଗଙ୍ଗାଧର ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଇଂ. ସୁନିଲ କୁମାର ପଟ୍ଟନାୟକ, ଡିନ ପ୍ରଫେସର ରଞ୍ଜନ କୁମାର ସାହୁ, ବାର୍ଷିକ କ୍ରୀଡାର କୋ-ଅର୍ଡିନେଟର ପବନ ସଓ୍ୱାଇଁ, ଶୁଦ୍ଧାନନ୍ଦ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧକ୍ଷା ଡଃ. ସରିତା ନାୟକ, ଶୁଦ୍ଧାନନ୍ଦ ଇଞ୍ଜିନିୟରିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଅଧକ୍ଷ ଚିତ୍ତରଞ୍ଜନ ପଣ୍ଡାଙ୍କ ସହ ଡଃ. ଦେବସ୍ୱରୂପ ମିଶ୍ର, ପ୍ରଫେସର ଦେବୀଦତ୍ତ ସିଂ, ପ୍ରଫେସର ସିଲିପ୍ସା ଦାସ, ଅରୁଣ କୁମାର ସଓ୍ୱାଇଁ, ସୁଧାଂଶୁ ନାୟକ ଓ ବିଶ୍ୱରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଅନୁଷ୍ଠାନର ଶିକ୍ଷାନୁଷ୍ଠାନିକ ଉନ୍ନତି ଓ ଶିକ୍ଷାର ଗୁଣାତ୍ମକତାକୁ ଉଚ୍ଚ ପ୍ରଶଂସା କରିବା ସହ ପିଲାମାନଙ୍କୁ କ୍ରୀଡା ସହ ଶିକ୍ଷାକୁ ସମନ୍ୱୟ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଉଦଘାଟନୀ ସମାରୋହ ପରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଅନୁଷ୍ଠାନର ଅଧକ୍ଷ, ଡିନ ଓ ଛାତ୍ରଛାତ୍ରୀମାନଙ୍କ ସହ କରମର୍ଦ୍ଦନ କରି କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବାର୍ଷିକ କ୍ରୀଡା ଉତ୍ସବକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା।

# ସାକ୍ଷୀଗୋପାଳଙ୍କ ଗଜ ଉଦ୍ଧାରଣ ବେଶ

ସାକ୍ଷୀଗୋପାଳ ,(ସବ୍ୟୁ) :ପବିତ୍ର ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ଓ ମାଘମାସ ବଡ ଏକାଦଶୀ ତିଥିରେ ପ୍ରତିବର୍ଷ ପରି ସାକ୍ଷୀଗୋପାଳ ଠାକୁରଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଏହି ଦୁର୍ଲଭ ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଗୁରୁବାର ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ରେ ଏକାଦଶୀ ଢୋ, ଜାତଭୋଗ, ସନ୍ଧ୍ୟାଧୂପ ପରେ ବଡ଼ସିଂହାର ଶେରେ ଗଜ ଉଦ୍ଧାରଣ ବେଶ ରେ ଠାକୁରଙ୍କୁ ସଜ୍ଜିତ କରାଯାଇଥିଲା। ସତନ୍ତ୍ର ଶେଖରି ଭୋଗଲାଗି କରାଯାଇଥିଲା। ପୁରାଣ ବର୍ଣ୍ଣିତ ଅନୁସାରେ ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉ ଗରୁଡ ପୃଷ୍ଠରେ ରାଜମାନ କରି ସୁଦର୍ଶନ ଚକ୍ର ପ୍ରେରଣ କରି କୁମ୍ଭୀର ଆକ୍ରମଣ ରୁ ଗଜରାଜଙ୍କୁ ଉଦ୍ଧାର କରିବା ଦୃଶ୍ୟ ଶୋଭା ପାଉଥିଲା। । ମହାପ୍ରଭୁ ଚର୍ତୁଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିଲେ। ସିଂହାରୀ ସୋୟତ ନରହରି ମହାପାତ୍ର, ବିରଜା ପ୍ରସାଦ ମହାପାତ୍ର ଏହି ବେଶ କରିଥିବା ବେଳେ ଭଣ୍ଡାର ମେକାପ ଦେବିଦତ୍ତ ମେକାପ ସହଯୋଗ କରିଥିଲେ। ନିକଟବର୍ତ୍ତୀ ପାଣିଓରା ଗ୍ରାମର ସ୍ୱର୍ଗତ ଆନନ୍ଦ ସାହୁ ଏହି ପ୍ରାୟ ୨୫୦ ବର୍ଷ ପୂର୍ବେ ଆରମ୍ଭ କରିଥିଲେ ।ତାଙ୍କ ପରିବାର ପକ୍ଷରୁ ପ୍ରତିବର୍ଷ ଏହି ବେଶ ଅନୁଷ୍ଠିତ ହେଉଅଛି।

# ପିଏସ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ



ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟ(ପିଏସକଲେଜ)ରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଥିବା ଜଣାଯାଇଛି।ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶରେ ପଠାଣି ସାମନ୍ତ ମହାବିଦ୍ୟାଳୟ, ଖଣ୍ଡପଡା ଠାରେ ଛାତ୍ରୀ ଆତ୍ମାସୁରକ୍ଷା ପାଇଁ ଏକ ଆଠଦିନିଆ ପ୍ରଶିକ୍ଷଣ ଶିବିର ଆସନ୍ତା କାଲି ଠାରୁ ଆଠଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ପ୍ରାଥମିକ ଭାବେ ଅନ୍ୟୁନ ୧୬୦ ଜଣ ଛାତ୍ରୀଙ୍କୁ ନେଇ ମହାବିଦ୍ୟାଳୟ ପ୍ରେକ୍ଷାଳୟ ଗୃହରେ ଅଧ୍ୟାପକ ସର୍ବେଶ୍ୱର ମହାରଣାଙ୍କ ପୌରାହିତରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଅଧ୍ୟାପକ ପ୍ରିୟ ରଞ୍ଜନ ରଥ ମୂଖ୍ୟ ଅତିଥି ଓ ଅଧ୍ୟାପକ ଭାଗିରଥି ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା କରିନା ପ୍ରଧାନ ଓ ବିଷ୍ଣୁପ୍ରିୟା ମହାପାତ୍ର ଏହି ବୈଠକରେ ଯୋଗ ଦେଇ ଆତ୍ମ ସୁରକ୍ଷା ଉପରେ ପ୍ରାଥମିକ କୌଶଳ ପ୍ରଦର୍ଶନ କରି ସମସ୍ତଙ୍କୁ ଉତ୍ସାହିତ କରିବା ଲକ୍ଷ କରାଯାଇଥିଲା । ପରିଶେଷରେ ଏହି ଶିବିରର ଦାୟିତ୍ୱରେ ଥିବା ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଅର୍ପଣ କରିଥିବା ଜଣାଯାଇଛି।

# ନବନିର୍ମାଣ କୃଷକ ସଂଗଠନ ବନ୍ଦ ସଫଳ

ଗୋପ, (ସବ୍ୟୁ): ନବର୍ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଠ ଘଣ୍ଟିଆ ଓଡିଶା ବନ୍ଦ ର ପ୍ରଭାବ ଗୋପରେ ଜୋରଦାର ଦେଖିବାକୁ ମିଳିଛି।ସକାଳ ୬ଟାରୁ ଶହ ଶହ ସଂଖ୍ୟାରେ ନବର୍ନିର୍ମାଣ କୃଷକ ସଂଗଠନକର୍ମୀ,କଂଗ୍ରେସ ଓ ବାମଦଳର କର୍ମୀ ମାନେ ଗୋପ ବଜାର ଉପରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ।ସକାଳ ୬ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ କର୍ମୀ ଜାନ ବାହାନ ଚଳା ଚଳ ବନ୍ଦ ରହିଥିଲା।କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଆସୁଥିବା ଶହ ଶହ ସଂଖ୍ୟକ ପର୍ଯ୍ୟଟକ ଙ୍କ ଜାନ ବାହାନ ରାସ୍ତାର ଉଭୟ ପାର୍ଶରେ ଅଟକି ରହିଥିଲା।ଏହି ବନ୍ଦ ଡାକରା ରେ ନବ ନିର୍ମାଣ କୃଷକ ସଙ୍ଗଠନ ର ଗୋପ ବ୍ଲକ ସଂଗଠକ ଆର୍ତ୍ତତ୍ରାଣ ପରିଡା,ବୁଟୁନି ସେନାପତି, ତପନ କୁମାର ପରିଡା,ଗୋପ ବ୍ଲକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ବୁଟୁ ସାହୁ,ସଂଖ୍ୟାଲଘୁ ସେଲର ସଭ୍ୟ ଏମ ଡିଅଜି ଲୁଲ୍ଲା ଙ୍କ ସମେତ ଶହ ଶହ କର୍ମୀ ଉପସ୍ଥିତ ଥିଲେ।

# ସହିଦ ଦିବସରେ ଯୁବ-ଛାତ୍ର ବିଜେଡି କରିବ ବହୁବିଧ କାର୍ଯ୍ୟ

ଆଠଗଡ,(ସବ୍ୟୁ) :ଆଠଗଡ଼ ଯୁବ ଛାତ୍ର ବିଜେଡ଼ି ପକ୍ଷରୁ ଜାନୁଆରୀ ୩୦ ଜାତିର ଜନକ ମହାତ୍ମାଗାନ୍ଧୀ ଙ୍କ ୭୮ତମ ତିରୋଧାନଦିବସ ତଥା ସହିଦ ଦିବସ ଆୟୋଜନ ହୋଇଛି।ଏହି ଅବସରରେ ପ୍ରଭାତରୁ ଆଠଗଡ, ତିଗିରିଆ, ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଞ୍ଚଳ ରେ ରାମଧୂନ ପରିବେଷଣ କରାଯିବା ପରେ ଆଠଗଡ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଗାନ୍ଧିଜୀ ଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବ।ଏହି ଅବସରରେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ,ବ୍ଲକର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଓ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ ।ସଂଧ୍ୟା ରେ ରାମଧୂନ ଓ ଗାନ୍ଧିଜୀ ଙ୍କ ପ୍ରିୟ ଭଜନ ଜାଇ ଏକ ନିର ଶୋଭାଯାତ୍ରା ଆଠଗଡ ସହର ଅଙ୍ଚାଳୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ରଥଗଡା ଛକ ଠାରୁ ବାହାରି ସ୍ୱପ୍ନେଶ୍ୱର ସଭାସ୍ଥଳ ନିକଟରେ ପହଞ୍ଚିବ।ଏଠାର ସର୍ବଧର୍ମ ପ୍ରାର୍ଥନା ହେବା ପରେ ଗାନ୍ଧିଜୀଙ୍କ ଉପରେ ପ୍ରମାଣିକ ବୃତ୍ତଚିତ୍ର ପ୍ରଦର୍ଶନ କରାଯିବ। ପରେ ସଚେତନାତ୍ମକ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହେବ। ଏଥିରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥିଭାବେ ଯୋଗଦବାର କାର୍ଯ୍ୟକ୍ରମ ରହିଛି ବୋଲି ଆଠଗଡ ଏନଏସି ନିକଟସ୍ଥ ଲିଙ୍କୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ନେତୃବୃନ୍ଦ ସୂଚନା ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମ ରେ ଆଠଗଡ ଏନଏସି ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦ, ସାଧାରଣ ସମ୍ପାଦକ ରିଙ୍କୁ ପତ୍ରୀ, ଗିରିଜା ପ୍ରସାଦ ପରିଡା,ଦିନେଶ ପ୍ରଧାନ, ଜନ୍ମେଜୟ ଦାସ ଶଶିକାନ୍ତ ସାହୁ,ଆଠଗଡ ବ୍ଲକ ବିଜେଡି ଯୁବ ବିଜେଡି ସଭାପତି ନୋଦ ମାଝି,ତୋଫାନ ସାମଲ,ମନୋଜ ଦଳେଇ, ହିମାଂଶୁ ଶେଖର ସାଇଁ, ସ୍ମୃତି ରଞ୍ଜନ ଦ୍ଦନ,ଭିକି ସାଇଁ ପ୍ରମୁଖ ଯୋଗଦେଇ ଥିଲେ।

# ସମ୍ପୂର୍ଣ୍ଣତା ଅଭିଯାନ ୨.୦ ର ଶୁଭାରମ୍ଭ

ଦଶପଲ୍ଲା,(ସବ୍ୟୁ) : ଗୁରୁବାର ଦିନ ଦଶପଲ୍ଲା ବ୍ଲକ ରେ ସରକାର ଙ୍କ ସମ୍ପୁର୍ଣତା ଅଭିଯାନ ୨.୦ ର ଶୁଭାରମ୍ଭ ହୋଇଯାଇଛି । ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି । ଏ ଅବସରରେ ଦଶପଲ୍ଲା ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଙ୍କ ସହ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ସାଂସଦ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ , ପ୍ଲାନିଂ ଆଣ୍ଡ ମାନିଟରିଂ ୟୁନିଟ ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଧର ନାୟକ,ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଶେଷ ଭାବେ ଦଶପଲ୍ଲା ବ୍ଲକକୁ ଆକାଂକ୍ଷା ବ୍ଲକ ଘୋଷଣା କରାଯାଇଥିବା ବେଳେଏଥିରେ ଥିବା ୩୪ ଟି ବିଷୟ ମଧ୍ୟରୁ ୬ ଟି ବିଷୟ ରେ ଆଲୋଚନା କରାଯାଇଥିଲା । ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟ ରେ ଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ , ମହିଳା ଓ ଶିଶୁ ବିଭାଗ ରେ ଥିବା ଅଙ୍ଗନବାଡି ଗୃହ ନିର୍ମାଣ ସମ୍ପୂର୍ଣ କରିବା, ଶିଶୁ ଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ ସହ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଏହା ସହ ଗୃହପାଳିତ ପଶୁ ମାନଙ୍କ ର ସମ୍ପୂର୍ଣ ଟୀକା କରଣ, ସମସ୍ତ ଗୃହ ରେ ଶୌଚାଳୟ ନିର୍ମାଣକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ । ଏପ୍ରିଲ ୧୪ ସୁଧା ଏହି କାର୍ଯ୍ୟ ସମ୍ପୂର୍ଣ ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଅଙ୍ଗନବାଡି କର୍ମୀ, ପ୍ରାଣୀମିତ୍ରଙ୍କ ସହ ସ୍ଥାନୀୟ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସଂଗ୍ରାମୀ କୃଷକଙ୍କ ପରଲୋକ

କାକଟପୁର ,(ସବ୍ୟୁ): କାକଟପୁର ଗ୍ରାମ ପଞ୍ଚାୟତ ବର୍ଣ୍ଣେପଦା ଗ୍ରାମର ସଂଗ୍ରାମୀ କୃଷକ (୯୭) ଙ୍କର ନିଜ ବାସଭନରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ନିକଟରେ ପୁତ୍ର , ପୁତ୍ରବଧୁ, ନାତି ନାତୁଣୀ ପରିବାର ବନ୍ଧୁବର୍ଗ ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କର ଅନ୍ତିମ ସଂସ୍କାର ଗ୍ରାମ ଶଶ୍ମାନ ରେ ହୋଇଥିଲା । ଜ୍ୟଷ୍ଠ ପୁତ୍ର ଜଟାଧାରୀ ମୁଖାଗ୍ନି ଦେଇଥିଲେ ।

## ଗୋ ମହିଷାଦି ଟୀକା କରଣ ଶିବିର

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ବନ୍ୟପ୍ରାଣୀ ବନ ଖଣ୍ଡ ଓ ଅସ୍ତରଙ୍ଗ ବନ୍ୟ ପ୍ରାଣୀ ବନାଞ୍ଚଳ ତରଫରୁ ଗୁରୁବାର ଦିନ ଗୋ ମହିଷାଦି ପଶୁ ଟୀକା କରଣ ଶିବିର ଅସ୍ତରଙ୍ଗ ବ୍ଲକ ର ଗୁଣ୍ଡଳବା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ, ପ୍ରଫୁଲ କୁମାର ସିଅଳ, ପ୍ରାଣୀ ଚିକିତ୍ସା ଅଧିକାରୀ ଅସ୍ତରଙ୍ଗ ଡ଼ଃ, ଶୁଭଶ୍ରୀ ପ୍ରଧାନ,ଅସ୍ତରଙ୍ଗ ରେଞ୍ଜର ମୋନାଲିଶା ମହାପାତ୍ର, ପରିବେଶ ବିତ୍ତ ଶୋଭାକାର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିମାପଡା,(ସବ୍ୟୁ) ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ କୁଅଁରପୁର ଠାରେ ଥିବା ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡଃ. ଜେଯାସ୍ମାରାଣୀ ବସ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ସାଂସଦ ବିଭୁ ପସାଦ ତରାଇ,ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡଃ. କୁମର ବର ଦାସ,ସମ୍ମାନୀତ ଅତିଥିଭାବେ ଗଁଦିଆ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଗୋଲକ ନାୟକ,ଶିକ୍ଷବିତ୍ ଡଃ. ତପନ କୁମାର ଜେନା,ସରପଂଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯଯକ୍ରମ ପରିବେଷଣ କରାଯାଇଥିଲା ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୪)**
**ସାଂଖ୍ୟଯୋଗଃ**

ଶ୍ରୀଭଗବାନୁବାଚ

**ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଳେଦ୍ୟୋଽଶୋଷ୍ୟ ଏବ ଚ**
**ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନଃ ।। ୨୪ ।।**

(ଅତ୍ର ହେତୁମାହ)–ଅୟଂ (ଆତ୍ମା) ଅଚ୍ଛେଦ୍ୟଃ (ନିରବୟବତ୍ୱାତ୍), ଅୟଂ ଅଦାହ୍ୟଃ (ଅମୂର୍ତ୍ତତ୍ୱାତ୍), ଅକ୍ଳେଦ୍ୟଃ (ନିରବୟବତ୍ୱାତ୍), ଅୟଂ ଅଶୋଷ୍ୟଃ ଚ ଏବ (ଦ୍ରବତ୍ୱାଭାବାତ୍), (ଯତଃ) ଅୟଂ ନିତ୍ୟଃ (ଅବିନାଶୀ), ସର୍ବଗତଃ (ସର୍ବତ୍ରଗତଃ), ସ୍ଥାଣୁଃ (ସ୍ଥିରସ୍ୱଭାବଃ), ଅଚଳଃ (ପୂର୍ବରୂପ ପରିତ୍ୟାଗ), ସନାତନଃ (ଅନାଦିଃ), ଅୟଂ ଅବ୍ୟକ୍ତଃ (ଇନ୍ଦ୍ରିୟାଣାଂ ଅଗୋଚରଃ), ଅୟଂ ଅଚିନ୍ତ୍ୟଃ (ମନସୋଽପି ଅବଷୟଃ), ଅୟଂ ଅବିକାର୍ଯ୍ୟଃ (କର୍ମେନ୍ଦ୍ରିୟାଣାଂ ଅଗୋଚରଃ) ଉଚ୍ୟତେ ।। ୨୪ ।।



# ଗାନ୍ଧିଜୀ ନାହାନ୍ତି

ଗୁଜରାଟର ପୋର ବନ୍ଦରଠାରେ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଯେଉଁ ବରପୁତ୍ର ଜଣକ ଭୂମିଷ୍ଠ ହୋଇଥିଲେ ୧୫୭ ବର୍ଷ ତଳେ, ସାରା ବିଶ୍ୱରେ ସେ ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ବଳରେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । ସେହି ଆକର୍ଷଣୀୟ ବ୍ୟକ୍ତିତ୍ୱ ଗାନ୍ଧିଜୀଙ୍କୁ ଆମର ରାଷ୍ଟ୍ରୀୟ ପିତାର ମର୍ଯ୍ୟାଦା ଦେଇଥିଲା । ସେପରି ବ୍ୟକ୍ତିଙ୍କୁ ଭୁଲ ବୁଝାମଣାର ଶିକାର ହେବାକୁ ପଡ଼ିଥିଲା ଏବଂ ଅଠୋସ୍ତରୀ ବର୍ଷ ତଳେ ୧୯୪୮ ଜାନୁଆରୀ ୩୦ରେ ଜଣେ ଉଦ୍‌ଭ୍ରାନ୍ତ ଯୁବକର ଗୁଳିମାଡ଼ରେ ସେ ଟଳି ପଡ଼ିଥିଲେ । ଯେଉଁ ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନ ଫଳରେ ଭାରତ ଦୀର୍ଘ ଦିନର ପରାଧୀନତା ପରେ ସ୍ୱାଧୀନତା ଲାଭ କରିଥିଲା, କେବଳ ସେହି ଭାରତକୁ 'ରାମ ରାଜ୍ୟ'ରେ ପରିଣତ କରିବା ପାଇଁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ, ସେ ସ୍ୱପ୍ନ ତାଙ୍କର ଅସମ୍ପୂର୍ଣ୍ଣ ରହିଗଲା । ଆମେମାନେ ତାଙ୍କର ଉପଯୁକ୍ତ ଉତ୍ତରାଧିକାରୀ କି ନୁହେଁ, ତାହା ତାଙ୍କ ଦେହାନ୍ତର ଅଠୋସ୍ତରୀ ବର୍ଷ ପରେ ଚିନ୍ତା କରିବାର ସମୟ ଏବେ ଉପନୀତ । ଗାନ୍ଧିଜୀ ନାହାନ୍ତି ସତ, ମାତ୍ର ତାଙ୍କର ନୀତି ଓ ଆଦର୍ଶକୁ ଆମେମାନେ ପ୍ରତି ମୁହୂର୍ତ୍ତରେ ହତ୍ୟା କରିଚାଲିଛୁଁ । କେବଳ ଜଣିଏ ନାଥୁରାମ ଗଡ଼ସେ ତାଙ୍କୁ ଗୁଳି କରି ମାରି ନଥିଲା, ଏବେ ଆମେ ସବୁ ଭାରତୀୟମାନେ ସତେ ଯେପରିକି ହତ୍ୟା କରି ଚାଲିଛୁଁ ତାଙ୍କୁ, ସେହିପରି ମନେହୁଏ ମୋର ।

**ଗାନ୍ଧିଜୀ କହିଥିଲେ, 'ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ, ମୁଁ ସେ ଜିନିଷ ନେଇ ଯଦି ରଖେଁ, ତା ହେଲେ ଚୋରି କଲି ବୋଲି କହିବାକୁ ହେବ ।' ମାତ୍ର ଭାରତର ଅବସ୍ଥା ଏବେ କ'ଣ ? ଯିଏ ଯେତେ ପାରିଲା, ଅସତ୍ ଉପାୟରେ ଧନ ଅର୍ଜନ କରି ବଡ଼ ଲୋକ ହେଉଛନ୍ତି ।**

ଗାନ୍ଧିଜୀ ଆମକୁ ଦେଇଥିବା ସ୍ୱାଧୀନତାର ୭୫ ବର୍ଷର ପୂର୍ତ୍ତି ଉତ୍ସବ ଆମେ ପାଳନ କରି ସାରିଛୁଁ ପ୍ରାୟ ତିନି ବର୍ଷ ତଳେ । ଆମେ ସାଧାରଣତନ୍ତ୍ରର ୭୫ ବର୍ଷର ପୂର୍ତ୍ତି ଉତ୍ସବ ମଧ୍ୟ ଗତ ବର୍ଷ ପାଳନ କରିଛୁଁ । ଗାନ୍ଧିଜୀଙ୍କ ଜନ୍ମ ଦିବସକୁ ଆମେ କେବଳ ଭାରତ ବର୍ଷରେ 'ଗାନ୍ଧି ଜୟନ୍ତୀ' ଭାବେ ପାଳନ କରିଥାଉଁ ସିନା, ସମଗ୍ର ବିଶ୍ୱ ତାହାକୁ 'ଅହିଂସା ଦିବସ' ବୋଲି ପାଳନ କରି ଚାଲିଛି । ନିଜେ ସ୍ୱାଧୀନତା ପରେ ଗାନ୍ଧିଜୀ ଭାରତର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା କରି ନଥିଲେ । ଭାରତ ଯେଉଁ ଦିନ ୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନତା ଲାଭ କରିଥିଲା, ଅନ୍ୟମାନେ ଦିଲ୍ଲୀର ଲାଲକିଲାଠାରେ ସ୍ୱାଧୀନତା ଉତ୍ସବ ପାଳନ ପାଇଁ ନୂତନ ଉନ୍ମାଦନାରେ ମାତି ଥିଲାବେଳେ, ଗାନ୍ଧିଜୀ ସ୍ୱାଧୀନତାର ଆନନ୍ଦରେ ବିଭୋର ନ ହୋଇ, ସେତେବେଳେ କଲିକତାରେ (ଏବର ନାମ କୋଲକାତା) ଥିଲେ ଓ ଯେଉଁ ସାଂପ୍ରଦାୟିକ ଦଙ୍ଗାଗୋଳ ସେଠାରେ ଚାଲିଥିଲା, ତାହାକୁ ଶାନ୍ତ କରିବାକୁ ଉଦ୍ୟମ କରିଥିଲେ । ସଫଳ ବି ହୋଇଥିଲେ । ପ୍ରଥମ ସ୍ୱାଧୀନତା ଦିବସରେ ଏ ରାଷ୍ଟ୍ରର ମଙ୍ଗଳ କାମନା କରି ସେ ଅନଶନ ଓ ପ୍ରାର୍ଥନା ବି କରିଥିଲେ । ଗାନ୍ଧିଜୀ ରହୁଥିଲେ କଲିକତା ମହାନଗରୀର ଯେଉଁ ଘରେ, ତାହାର ନାମ ଥିଲା 'ହାଇବେରି ମଞ୍ଜିଲ' । ଏବେ ତାହା ଗୋଟିଏ ଯାଦୁଘର ବା ମ୍ୟୁଜିଅମ ହୋଇଛି । କଲିକତାର ବେଲିଆ ଘାଟ ଅଞ୍ଚଳରେ ସେହି ଘରେ ସେ ରହୁଥିଲେ । ଗାନ୍ଧିଜୀଙ୍କ ନୈତିକତା ଓ ବ୍ୟକ୍ତିତ୍ୱର ପ୍ରଭାବ ଯୋଗୁଁ, ଉଭୟ ହିନ୍ଦୁ ଓ ମୁସଲମାନମାନେ ତାଙ୍କ କଥା ମାନି ଦଙ୍ଗାଗୋଳକୁ ବନ୍ଦ କରିଦେଲେ । ବିନା ସୈନିକରେ ଗାନ୍ଧିଜୀ ଏକା ଏକା ଏହି ଦଙ୍ଗାଗୋଳ ବନ୍ଦ କରିଥିବା ଯୋଗୁଁ ତତ୍କାଳୀନ ଭାରତର ଭାଇସ୍‌ରାୟ (ବଡ଼ଲାଟ୍) ମାଉଣ୍ଟ ବ୍ୟାଟେନ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲେ ।

ଗାନ୍ଧିଜୀ କହିଥିଲେ, 'ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ, ମୁଁ ସେ ଜିନିଷ ନେଇ ଯଦି ରଖେଁ, ତା ହେଲେ ଚୋରି କଲି ବୋଲି କହିବାକୁ ହେବ ।' ମାତ୍ର ଭାରତର ଅବସ୍ଥା ଏବେ କ'ଣ ? ଯିଏ ଯେତେ ପାରିଲା, ଅସତ୍ ଉପାୟରେ ଧନ ଅର୍ଜନ କରି ବଡ଼ ଲୋକ ହେଉଛନ୍ତି । ଆୟ ଉପାର୍ଜିତ ଧନଠାରୁ ଅଧିକ ଧନରାଶି ଠୁଳ କରି ଆମର ଲୋକେ କ୍ଷମତାସୀନ ହେବା ଲାଗି ପ୍ରତିଯୋଗିତା ଆରମ୍ଭ କରିଛନ୍ତି । ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଆଧାର କରି ଯେଉଁ ରାଜନେତା, ସରକାରୀ ବା ବେସରକାରୀ ଅଧିକାରୀ ଓ କର୍ମଚାରୀମାନେ ଆମ ଗହଣରେ ରହିଛନ୍ତି, ସେମାନଙ୍କୁ କେହି ପଚାରୁନାହାନ୍ତି ଏବେ ଆମ ସମାଜରେ । ଯୁବ ବର୍ଗ, ଏପରିକି ମହିଳା ଅଧିକାରୀମାନେ ଯେପରି ଦୁର୍ନୀତି ଉପାୟରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରୁଛନ୍ତି, ତାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଏ କ'ଣ ଗାନ୍ଧିଜୀ ସ୍ୱାଧୀନତା ଆଣି ଦେଇଥିବା ସେହି ଭାରତବର୍ଷ, ଯେଉଁଠି ଗାନ୍ଧିଜୀ ଚାହିଁଥିଲେ, ନିଶାର୍ଦ୍ଧରେ ମଧ୍ୟ ଜଣେ ମହିଳା କାହାର ବିନା ସହାୟତାରେ ଏକା ଏକା ଚାଲିପାରିବ ? ଏ କ'ଣ ସେହି ସ୍ୱାଧୀନତା ଯେଉଁଠି ଦେବୀ ସଦୃଶା ମହିଳାମାନଙ୍କୁ, ଏପରିକି ଛୋଟ ଛୋଟ ବାଳିକାମାନଙ୍କୁ ଦିନ ଦ୍ୱିପ୍ରହରରେ ବଳାତ୍କାର କରାଯାଉଛି । ଅନେକଙ୍କୁ ଧରି ଦଣ୍ଡବିଧାନ କରାଯାଉଛି ସତ, ବଳାତ୍କାର ମାତ୍ରା କିନ୍ତୁ କମୁନାହିଁ । ପ୍ରମାଣ ଅଭାବରୁ ଅନେକ ଅପରାଧୀ ଖସି ଯାଉଛନ୍ତି । ଗରିବ ଲୋକେ ଥାନା, ଡାକ୍ତରଖାନା ବା ନ୍ୟାୟାଳୟରେ ଠିକ୍ ଭାବେ ନ୍ୟାୟ ପାଉ ନାହାନ୍ତି କିମ୍ବା ନ୍ୟାୟ ପାଇବାରେ ବିଳମ୍ବ ହେଉଛି । ବିଳମ୍ବିତ ନ୍ୟାୟ କ'ଣ ପ୍ରକୃତ ନ୍ୟାୟ ?

ଯେଉଁ ଗାନ୍ଧିଜୀ ଅଧିକ ଦିନ ବଞ୍ଚିରହି ଲୋକଙ୍କର ସେବା କରିବାକୁ ଚାହୁଁଥିଲେ, ଭାରତର ଦୁର୍ଦ୍ଦଶା ଦେଖି ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ଶୀଘ୍ର ଏ ଦୁନିଆଁରୁ ଚାଲିଯିବା ଲାଗି । ଈଶ୍ୱର ତାଙ୍କ ଡାକ ଶୁଣିଲେ ହୁଏତ । ଏହାର ମାସ କେତେଟା ଭିତରେ ସେ ଚାଲିଗଲେ ଆରପାରିକୁ । ଆମେ ଅଛୁଁ, ଗାନ୍ଧିଜୀ କିନ୍ତୁ ନାହାନ୍ତି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗାନ୍ଧି ହତ୍ୟା ମାମଲାର ଅପରିଚିତ ଅପରାଧୀମାନେ




ପ୍ରହଲାଦ କୁମାର ସିଂହ

ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରାଗଲା ସ୍ୱାଧୀନତା ପ୍ରାପ୍ତିର ମାତ୍ର ୫ ମାସ ୧୬ ଦିନରେ । ଯାହାଙ୍କ ନେତୃତ୍ୱରେ ପରିଚାଳିତ ସତ୍ୟାଗ୍ରହ ସଂଗ୍ରାମର ସୁଫଳ ସ୍ୱରୂପ ସ୍ୱାଧୀନତା ମିଳିଲା ଏବଂ ଦେଶରୁ ବ୍ରିଟିଶ ଶାସନର ଅବସାନ ଘଟିଲା ତାଙ୍କୁ ହତ୍ୟା କରାଯିବା ଯେ କୃତଘ୍ନତାର ଚରମ ନିଦର୍ଶନ ଏହା ଯେ କୌଣସି ଚିନ୍ତାଶୀଳ ବ୍ୟକ୍ତି କହିବେ । ଗାନ୍ଧିଙ୍କୁ କାହିଁକି ସେ ପ୍ରଶଂସା କରନ୍ତି ବୋଲି ଗାନ୍ଧି ହତ୍ୟାକାରୀଙ୍କ କିଛି ସମର୍ଥକ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କୁ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ଆଇନଷ୍ଟାଇନ ସ୍ପଷ୍ଟ କରିଦେଇଥିଲେ ଯେ ଜଣଙ୍କର ବିଚାର ସହିତ ଅନ୍ୟ କାହାର ବିଚାର ମେଳ ନ ଖାଇଲେ ତାହାର ପ୍ରତିକାର ଯଦି ଏକମାତ୍ର ହତ୍ୟାକାଣ୍ଡ ହୁଏ, ତେବେ ଧରାପୃଷ୍ଠରୁ ମଣିଷ ସମାଜ ନିପାତ ହୋଇଯିବ । ଗାନ୍ଧିଙ୍କୁ ନେଇ ବିଶ୍ୱ ଗର୍ବ କରୁଥିବା ବେଳେ ତାଙ୍କ ନିଜ ଦେଶ ଭାରତରେ ତାଙ୍କୁ ହତ୍ୟା କରାଗଲା ଏବଂ ଏହି ଜଘନ୍ୟ ଘଟଣାକୁ ନିନ୍ଦା କରିବା ପରିବର୍ତ୍ତେ କିଛି ଲୋକ ସମର୍ଥନ କରିବା ସେମାନଙ୍କ ରୁଗ୍‌ଣ ମାନସିକତାର ପରିଚାୟକ ବୋଲି ଆଇନଷ୍ଟାଇନ କହିଥିଲେ । ଦକ୍ଷିଣ ଆଫ୍ରିକା ଓ ଭାରତରେ ଗାନ୍ଧିଙ୍କୁ ହତ୍ୟା କରିବା ପାଇଁ ଅନ୍ୟୁନ ୧୦ଥର ଉଦ୍ୟମ ହୋଇଛି । ତେବେ ବାରମ୍ବାର ବ୍ୟର୍ଥ ହେବା ପରେ ଆତତାୟୀମାନଙ୍କ ଷଡଯନ୍ତ୍ର ସଫଳ ହେଲା ୧୯୪୮ ଜାନୁଆରୀ ୩୦ ଅପରାହ୍ନ ୫ଟା ୧୭ ମିନିଟ୍‌ରେ ଯେତେବେଳେ ଦିଲ୍ଲୀର ବିରଳା ଭବନ ପରିସରରେ ଚାଲି ଚାଲି ଗାନ୍ଧି ଆସୁଥିଲେ ତାଙ୍କ ସାନ୍ଧ୍ୟ ପ୍ରାର୍ଥନା ସଭାରେ ଯୋଗ ଦେବା ପାଇଁ । ସେତେବେଳେ ଅନ୍ୟତମ ହତ୍ୟାକାରୀ ନାଥୁରାମ ଗାନ୍ଧିଙ୍କ ଆଗରେ ପ୍ରଣିପାତ ମୁଦ୍ରାରେ ବସିବା ସହିତ ଲାଗଲାଗ ତିନୋଟି ଗୁଳି ଚଳାଇଥିଲା ।

ଗାନ୍ଧିଜୀ 'ହେ ରାମ୍' କହି ଟଳି ପଡ଼ିଥିଲେ । ସେ ସମୟରେ ବିରଳା ଭବନରେ କାମ କରୁଥିବା ଓଡ଼ିଆ ମାଳି ରଘୁନାଥ ନାୟକ ହତ୍ୟାକାରୀକୁ କାବୁ କରିନଥିଲେ ହୁଏତ ସେ ଖସି ପଳାଇଥାନ୍ତା । ଇତିମଧ୍ୟରେ ଗାନ୍ଧି ହତ୍ୟାର ୭୮ବର୍ଷ ବିତିଯାଇଛି । ଗାନ୍ଧି ହତ୍ୟା ମାମଲାର ୯ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ଫାଶୀ ପାଇବା ସହ ୩ଜଣ ଆଜୀବନ କାରାଦଣ୍ଡ ଭୋଗିଛନ୍ତି । ଏ ପ୍ରସଙ୍ଗରେ ଭାରତ ସରକାର ବସାଇଥିବା ତଦନ୍ତ କମିଶନ ରିପୋର୍ଟ ଦେଇଛନ୍ତି । ସଂସଦରେ ବି ବିତର୍କ ହୋଇଛି । ତଥାପି ମଧ୍ୟ ଦେଶର ଆଇନ କାନୁନ, ସମ୍ବିଧାନ, ବିଚାର ବ୍ୟବସ୍ଥା ଏବଂ ସତ୍ୟ ଓ ଅହିଂସାର ବିରୁଦ୍ଧାଚରଣ କରୁଥିବା ମୁଷ୍ଟିମେୟ ବ୍ୟକ୍ତି ଓ ସଂଗଠନମାନେ ବହୁ ଅସତ୍ୟ, ଅର୍ଦ୍ଧସତ୍ୟ ବକ୍ତବ୍ୟମାନ ରଖି ଗାନ୍ଧି ହତ୍ୟାର ଯଥାର୍ଥତା ପ୍ରତିପାଦନ ଲାଗି ଅପଚେଷ୍ଟା କରନ୍ତି । ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନରେ ଜେଲ୍ ଯିବା ତ ଦୂରର କଥା ଏଥିରେ ହତ୍ୟାକାରୀ ନାଥୁରାମ ଓ ତାଙ୍କ ଗୋଷ୍ଠୀର କେହି କେବେ ସଂପୃକ୍ତ ନଥିଲେ । ଇଂରେଜଙ୍କ ବିରୋଧରେ ଗାନ୍ଧି ହତ୍ୟାକାରୀମାନେ କେବେ ସ୍ୱର କି ଶସ୍ତ୍ର ଉଠାଇ ନଥିଲେ । ଗାନ୍ଧି ହତ୍ୟା ମାମଲାରେ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ପରିଚିତି ସଂପର୍କରେ ଜାଣିବା ପାଇଁ ଆଜିର ଦିନରେ ବି ଅନେକ ଚିନ୍ତାଶୀଳ ବ୍ୟକ୍ତି ଇଚ୍ଛାବ୍ୟକ୍ତ କରନ୍ତି । ଗାନ୍ଧି ହତ୍ୟା ମାମଲାର ଅନ୍ୟତମ ବିଚାରପତି ଜି.ଡି. ଖୋସଲାଙ୍କ ଲିଖିତ 'ଦି ମର୍ଡର ଅଫ୍ ଦି ମହାତ୍ମା' ଓ ତୁଷାର ଅରୁଣ ଗାନ୍ଧିଙ୍କ ରଚିତ ଗ୍ରନ୍ଥ 'ଲେଟସ୍ କିଲ୍ ଗାନ୍ଧି' ଆଧାରରେ କିଛି ସଂକ୍ଷିପ୍ତ ତଥ୍ୟ ଏହି ଆଲେଖ୍ୟରେ ଉପସ୍ଥାପନ କରାଯାଇଛି ।

ଗାନ୍ଧି ହତ୍ୟା ମାମଲାରେ ୯ଜଣ ଅଭିଯୁକ୍ତ ଥିଲେ । ଏମାନେ ହେଲେ ନାଥୁରାମ ବିନାୟକ ଗଡସେ (୩୭), ନାରାୟଣ ଦତ୍ତାତ୍ରେୟ ଆପ୍ଟେ (୩୪), ବିଷ୍ଣୁ ରାମକ୍ରିଷ୍ଣ କର୍କରେ (୩୭), ଦିଗମ୍ବର ରାମଚନ୍ଦ୍ର ବାଡ୍‌ଗେ (୩୯), ମଦନଲାଲ କାଶ୍ମୀରଲାଲ ପାହ୍ୱା (୨୦), ଶଙ୍କର କିସ୍ତାୟା (୨୦), ଗୋପାଳ ବିନାୟକ ଗଡ୍‌ସେ (୨୭), ବିନାୟକ ଦାମୋଦର ସାଭରକର (୬୫) ଓ ଦତ୍ତାତ୍ରେୟ ସଦାଶିବ ପର୍ଚୁରେ (୪୦) । ଏମାନଙ୍କ ଛଡା ଆଉ ୩ଜଣ ଅଭିଯୁକ୍ତ ଗଙ୍ଗାଧର ଯାଦବ, ସୂର୍ଯ୍ୟଦେଓ ଶର୍ମା ଓ ଗଙ୍ଗାଧର ଦଣ୍ଡବତିଙ୍କୁ ଧରିବାରେ ପୁଲିସ ବିଫଳ ହୋଇଥିଲା ।

ନାଥୁରାମ ଗଡସେ ତତ୍କାଳୀନ ବମ୍ବେ ପ୍ରଦେଶର ଜଣେ ଗାଁ ପୋଷ୍ଟ ମାଷ୍ଟରଙ୍କ ଦ୍ୱିତୀୟ ପୁଅ । ସେ ଆଦୌ ଭଲ ଛାତ୍ର ନଥିଲେ । ପାଠ ନ ହେବାରୁ ମାଟ୍ରିକ୍ୟୁଲେସନ ପର୍ଯ୍ୟନ୍ତ ଯାଇପାରି ନଥିଲେ । ପାଠ ଛାଡିବା ପରେ ଲୁଗା ଦୋକାନ, ସିଲେଇ ଦୋକାନ ଆଦି କରି ସେଥିରେ ଉଧେଇ ପାରିନଥିଲେ । ୨୨ବର୍ଷ ବୟସରେ ନାଥୁରାମ କେତେକ ସାଂପ୍ରଦାୟିକ ସଂଗଠନ ସହ ଜଡିତ ହେଲେ । ପରେ ସେ ପୁଣେ ଆସି ହିନ୍ଦୁ ମହାସଭା ଆଞ୍ଚଳିକ ଶାଖାର ସମ୍ପାଦକ ହୋଇଥିଲେ । ନାଥୁରାମ ଅବିବାହିତ ଥିଲେ । ଆପ୍ଟେଙ୍କ ସହ ମିଶି ସେ ପୁଣେରେ 'ଅଗ୍ରଣୀ' ନାମରେ ଏକ ପତ୍ରିକା ଆରମ୍ଭ କରିଥିଲେ । ପରେ ଏହାର ନାମ 'ହିନ୍ଦୁ ରାଷ୍ଟ୍ର' ରଖାଯାଇଥିଲା । ଗଡସେ ମରାଠି ଭାଷାରେ ଭଲ ଭାଷଣ ଦେଇ ପାରୁଥିଲେ । ଗାନ୍ଧି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୧୫.୧୧.୧୯୪୯ରେ ନାଥୁରାମ ଓ ଆପ୍ଟେଙ୍କୁ ଏକସଙ୍ଗେ ଅମ୍ବାଲା ଜେଲରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ତାଙ୍କ ସାନଭାଇ ଗୋପାଳ ଗଡସେ ମାଟ୍ରିକ୍ୟୁଲେସନ ପାସ୍ କରିବା ପରେ ବିବାହ କରିବା ସହ ହିନ୍ଦୁ ମହାସଭାରେ ଯୋଗ ଦେଇଥିଲେ । ବ୍ରିଟିଶ ସେନାର ଭଣ୍ଡାର ରକ୍ଷକ ଭାବେ ପୁଣେ ନିକଟସ୍ଥ କିର୍କୀଠାରେ ସେ କାମ କରୁଥିଲେ । ଗାନ୍ଧି ହତ୍ୟା ମାମଲାରେ ଗୋପାଳଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା । ୨୦୦୫ରେ ଗୋପାଳଙ୍କ ମୃତ୍ୟୁ ଘଟିଥିଲା ।



ମୁଖ୍ୟ ଅଭିଯୁକ୍ତ ନାଥୁରାମଙ୍କ ସହ ଫାଶୀ ଦଣ୍ଡ ପାଇଥିବା ନାରାୟଣ ଦତ୍ତାତ୍ରେୟ ଆପ୍ଟେ ଜଣେ ବିଜ୍ଞାନ ସ୍ନାତକ । ସେ ପ୍ରଥମେ ସ୍କୁଲ ଶିକ୍ଷକ ଥିଲେ । ପରେ ହିନ୍ଦୁ ରାଷ୍ଟ୍ର ଦଳରେ ଅଂଶଗ୍ରହଣ କରିଥିଲେ । ବ୍ରିଟିଶ ବାୟୁସେନାରେ ସେ କିଛିଦିନ କାର୍ଯ୍ୟ କରିବା ପରେ ଘରୋଇ ସମସ୍ୟା ଯୋଗୁଁ ଇସ୍ତଫା ଦେଇଥିଲେ । ନାଥୁରାମଙ୍କ ସଂପର୍କରେ ଆସିବା ପରେ ଆପ୍ଟେ ତାଙ୍କ ପତ୍ରିକାର ପରିଚାଳନା ବ୍ୟାପାର ବୁଝୁଥିଲେ । ଅନ୍ୟତମ ଅଭିଯୁକ୍ତ କର୍କରେ ବଢ଼ିଥିଲେ ଏକ ଅନାଥାଶ୍ରମରେ । ପରବର୍ତ୍ତୀ ସମୟରେ ସେ ହୋଟେଲରେ କାମକରି ପେଟ ପୋଷୁଥିଲେ । ଅହମ୍ମଦନଗରରେ ସେ ଏକ ଭୋଜନାଳୟ ଆରମ୍ଭ କରିଥିବା ବେଳେ ହିନ୍ଦୁ ମହାସଭାରେ ଯୋଗ ଦେଇଥିଲେ । ଆପ୍ଟେଙ୍କ ସହଯୋଗରେ କର୍କରେ ଅହମ୍ମଦନଗରରେ ମ୍ୟୁନିସିପାଲିଟିକୁ ମଧ୍ୟ ନିର୍ବାଚିତ ହୋଇଥିଲେ । ଏହି ଅପରାଧୀ ଆଜୀବନ କାରାଦଣ୍ଡ କାଟି ୧୯୬୪ରେ ମୁକ୍ତ ହେବା ପରେ ପୁଣି ହୋଟେଲ ବ୍ୟବସାୟରେ ଥିଲେ । ୧୯୭୪ରେ ତାଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟଜଣେ ଅଭିଯୁକ୍ତ ଯୁବକ ମଦନଲାଲ ପାହ୍ୱା କିଛିଦିନ ବ୍ରିଟିଶ ସେନାବାହିନୀରେ କାମ କରିଥିଲେ । ଦେଶ ବିଭାଜନ ପରେ ତାଙ୍କ ପରିବାର ପାକିସ୍ତାନରୁ ଶରଣାର୍ଥୀ ଭାବେ ଭାରତ ଆସିଥିଲେ । ସେତେବେଳେ ତାଙ୍କ ବାପା ଓ ଖୁଡି ହତ୍ୟାକାଣ୍ଡର ଶିକାର ହୋଇଥିଲେ । ଚାକିରି ଖୋଜି ବୁଲୁଥିବାବେଳେ ୧୯୪୭ ଡିସେମ୍ବରରେ ସେ ଆପ୍ଟେ ଓ ଗଡସେଙ୍କ ସଂସ୍ପର୍ଶରେ ଆସିଥିଲେ । ଆଜୀବନ କାରାଦଣ୍ଡ ଭୋଗିବା ପରେ ପାହ୍ୱା ବମ୍ବେରେ ଛୋଟକାଟର ବ୍ୟବସାୟ କରୁଥିଲେ ଏବଂ ୨୦୦୧ରେ ତାଙ୍କର ମୃତ୍ୟୁ ହୋଇଥିଲା ।

ସେହିଭଳି ଅଭିଯୁକ୍ତ ଶଙ୍କର କିସ୍ତାୟା ଜଣେ ଗ୍ରାମ୍ୟ କାରିଗରଙ୍କ ପୁଅ । ସେ ପୁଣେର ଏକ ଦୋକାନରେ କାମ କରୁଥିବା ବେଳେ ଚୋରା ଅସ୍ତ୍ର ବେପାରି ବାଡ୍‌ଗେ ସହ ପରିଚିତ ହୋଇଥିଲେ ଓ ତା'ପାଖରେ ମାସିକ ୩୦ଟଙ୍କା ବେତନରେ କାମ କରୁଥିଲେ । ଡାକ୍ତର ଦତ୍ତାତ୍ରେୟ ପର୍ଚୁରେ ଗ୍ୱାଲିୟର ରାଜ୍ୟରେ ଡାକ୍ତର ଥିଲେ ଏବଂ କୌଣସି କାରଣରୁ ଚାକିରିରୁ ବହିଷ୍କୃତ ହେବା ପରେ ଘରୋଇ ଚିକିତ୍ସା କରୁଥିଲେ । ସେ ହିନ୍ଦୁ ମହାସଭା ଓ ହିନ୍ଦୁ ରାଷ୍ଟ୍ର ସେନା ସହ ଜଡିତ ଥିଲେ । ଗାନ୍ଧି ହତ୍ୟା ମାମଲାରୁ ଖଲାସ ହେବା ପରେ ପରଚୁରେ ପୁଣି ଡାକ୍ତରୀ ପେଷାରେ ମୃତ୍ୟୁ ପର୍ଯ୍ୟନ୍ତ ରହିଥିଲେ । ଦିଗମ୍ବର ରାମଚନ୍ଦ୍ର ବାଡ୍‌ଗେ ନାମକ ଅନ୍ୟଜଣେ ଅଭିଯୁକ୍ତ ମାଟ୍ରିକ୍ୟୁଲେଟ ହେବା ପୂର୍ବରୁ ପାଠପଢ଼ାରେ ଡୋରି ବାନ୍ଧିଥିଲେ । ବିଭିନ୍ନ ଧନ୍ଦାରେ ବିଫଳ ହେବା ପରେ ସେ ଚୋରା ଅସ୍ତ୍ର ବେପାରରେ ମାତିବା ସହ ସାଂପ୍ରଦାୟିକ ଦଙ୍ଗା ବେଳେ ଚୋରା ଅସ୍ତ୍ର ବେପାର କରି ବେଶ୍ ମୁନାଫା ଉଠାଉଥିଲେ । ବାଡ୍‌ଗେ ମଧ୍ୟ ହିନ୍ଦୁ ମହାସଭା ସହ ଜଡିତ ଥିଲେ । ସେ ବହି ଦୋକାନଟିଏ କରି ସେଥିରେ କିନ୍ତୁ ଚୋରା ଅସ୍ତ୍ର ବେପାର ଚଳାଇଥିଲେ । ପରବର୍ତ୍ତୀ ସମୟରେ ସାବରକର ଓ ଗଡସେଙ୍କ ସହ ତାଙ୍କର ସଂପର୍କ ହୋଇଥିଲା । କାରାମୁକ୍ତ ହେବା ପରେ ମାମଲାର ରାଜସାକ୍ଷୀ ବାଡ୍‌ଗେ ନିରାପତ୍ତା ଦୃଷ୍ଟିରୁ ବମ୍ବେ ପୋଲିସ କମିଶନରଙ୍କ ଦପ୍ତର ପରିସରରେ ଥିବା ଏକ କୋଠରୀରେ ମୃତ୍ୟୁ ପର୍ଯ୍ୟନ୍ତ ରହୁଥିଲେ ।

ଗାନ୍ଧି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିନାୟକ ଦାମୋଦର ସାବରକର ଲଣ୍ଡନରେ ବାରିଷ୍ଟରୀ ପଢ଼ିଥିଲେ । ବିଦେଶରେ ରହି ସଶସ୍ତ୍ର ବିପ୍ଳବୀମାନଙ୍କୁ ସେ ପ୍ରୋତ୍ସାହନ ଯୋଗାଉଥିଲେ ଏବଂ କେତୋଟି ହତ୍ୟାକାଣ୍ଡ ମଧ୍ୟ ଘଟାଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଧରାପଡି ନିର୍ବାସନ ଦଣ୍ଡ ଭୋଗୁଥିବା ବେଳେ କ୍ଷମା ଯାଚିକା ଦାଖଲକରି ସର୍ତ୍ତମୂଳକ ଭାବେ ସେ ବମ୍ବେ ପ୍ରଦେଶର ରତ୍ନଗିରିରେ ରହୁଥିଲେ । ସେ ସମୟରେ ବ୍ରିଟିଶ ସରକାର ସାଭରକରଙ୍କ ପାଇଁ ଭତ୍ତା ଓ ଆବାସ ଯୋଗାଇ ଦେଇଥିଲେ । ୧୯୩୭ରେ ବମ୍ବେ ରାଜ୍ୟର ଶାସନ ଭାର କଂଗ୍ରେସ ହାତକୁ ଆସିବା ପରେ ସାଭରକର ମୁକ୍ତ ହୋଇଥିଲେ । ୧୯୪୨ରେ ଭାରତଛାଡ ଆନ୍ଦୋଳନକୁ ସେ ବିରୋଧ କରିବା ସହ ସେତେବେଳେ ବ୍ରିଟିଶ ସରକାରକୁ ସହଯୋଗ କରିବା ପାଇଁ ବିବୃତି ଜାରି କରିଥିଲେ । ୧୯୪୯ ଫେବୃୟାରୀ ୧୦ରେ ସାବରକରଙ୍କୁ ତୁରନ୍ତ ଦିଲ୍ଲୀ ଛାଡି ପଳାଇବା ପାଇଁ ଜିଲ୍ଲା ପ୍ରଶାସନ ବିଜ୍ଞପ୍ତି ଜାରି କରିଥିଲେ । ୧୯୬୬ରେ ସାବରକରଙ୍କ ଜୀବନ ଦୀପ ଲିଭି ଯାଇଥିଲା । ପ୍ରମାଣ ଅଭାବରୁ ସାଭରକର ଗାନ୍ଧି ହତ୍ୟା ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ଏହି ମାମଲାରେ ବାଡ୍‌ଗେଙ୍କ କ୍ଷମା ଯାଚିକା ଗୃହୀତ ହୋଇଥିଲା ଓ ସେ ରାଜସାକ୍ଷୀ ପାଲଟିଥିଲେ । ଏହି ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣଙ୍କ ଚାରିତ୍ରିକ ସମସ୍ୟା ଥିବା କଥା 'ଲେଟସ କିଲ୍ ଗାନ୍ଧି' ଓ ଅନ୍ୟ କେତେକ ପୁସ୍ତକରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ।

ଦିଲ୍ଲୀର ଲାଲକିଲ୍ଲାରେ ସ୍ୱତନ୍ତ୍ର ଜଜ୍ ଆତ୍ମାଚରଣଙ୍କ ଇଜିଲାସରେ ୧୦.୦୨.୧୯୪୯ରେ ଘୋଷିତ ୨୦୪ ପୃଷ୍ଠାର ରାୟରେ ନାଥୁରାମ ଓ ଆପ୍ଟେଙ୍କୁ ମୃତ୍ୟୁ ଦଣ୍ଡାଦେଶ ଏବଂ ଅନ୍ୟମାନଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା । ଏହାପରେ ଅଭିଯୁକ୍ତମାନେ ପଞ୍ଜାବ ହାଇକୋର୍ଟରେ ଅପିଲ୍ କରିଥିଲେ ଓ ସିମ୍‌ଲାଠାରେ ଭାଇସରାୟଙ୍କ ପରିତ୍ୟକ୍ତ ପ୍ରାସାଦରେ ହାଇକୋର୍ଟର ଏକ ତିନିଜଣିଆ ଖଣ୍ଡପୀଠ ଉକ୍ତ ମାମଲାର ବିଚାରକରି ୨୧.୦୬.୧୯୪୯ରେ ୩୧୫ ପୃଷ୍ଠା ସମ୍ବଳିତ ରାୟ ଦେଇ କିସ୍ତାୟା ଓ ପର୍ଚୁରେଙ୍କୁ ଦୋଷମୁକ୍ତ କରିବା ସହ ଅନ୍ୟମାନଙ୍କ ଦଣ୍ଡାଦେଶ କାଏମ ରଖିଥିଲେ । ଅପରାଧୀମାନେ ହାଇକୋର୍ଟଙ୍କ ଦଣ୍ଡାଦେଶ ବିରୋଧରେ ଇଂରେଜ ସରକାରଙ୍କ ପ୍ରିଭି କାଉନସିଲରେ ଅପିଲ କରିଥିଲେ ମଧ୍ୟ ତାହା ୧୨.୧୦.୧୯୪୯ରେ ନାକଚ ହୋଇଯାଇଥିଲା । ଏହାପରେ ଦିଲ୍ଲୀର ସ୍ୱତନ୍ତ୍ର ଜଜ୍ ଏସ.ଏସ.ଦୁଲ୍ଲାରେ ୨୬.୧୦.୧୯୪୯ରେ ମୃତ୍ୟୁଦଣ୍ଡର ପରଓ୍ୱାନା କାଢ଼ି ୧୫.୧୧.୧୯୪୯ରେ ଅମ୍ବାଲା ଜେଲରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ ।

ନାଥୁରାମଙ୍କ ପିତା-ମାତା ଓ ଆପ୍ଟେଙ୍କ ପତ୍ନୀ ଅପରାଧୀ ଦୁଇଜଣଙ୍କୁ ବଞ୍ଚାଇବା ପାଇଁ ଗଭର୍ଣ୍ଣର ଜେନେରାଲଙ୍କ ନିକଟରେ ଜୀବନଭିକ୍ଷା କରି 'ମର୍ସି ପିଟିସନ' ଦାଖଲ କରିଥିଲେ ମଧ୍ୟ ୦୭.୧୧.୧୯୪୯ରେ ତାହା ଖାରଜ ହୋଇଯିବାରୁ ୧୫.୧୧.୧୯୪୯ରେ ଫାଶୀଦଣ୍ଡ କାର୍ଯ୍ୟକାରୀ ହୋଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ ଗଡ୍‌ସେ ଓ ଆପ୍ଟେଙ୍କ ସମେତ ଗାନ୍ଧି ତହ୍ୟାକାଣ୍ଡର ଅପରାଧୀମାନଙ୍କୁ କ୍ଷମା କରିଦେବା ପାଇଁ ଗାନ୍ଧିଜୀଙ୍କ ଦୁଇପୁତ୍ର ରାମ ଦାସ ଓ ମଣିଲାଲ ଗଭର୍ଣ୍ଣର ଜେନେରାଲ ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ନିବେଦନ କରିଥିଲେ । ଆଜୀବନ କାରାଦଣ୍ଡ ଭୋଗି ଗୋପାଳ ଗଡସେ, କର୍‌କରେ ଓ ପାହ୍ୱା ୧୨.୧୦.୧୯୬୪ରେ କାରାମୁକ୍ତ ହୋଇଥିଲେ । ଗାନ୍ଧିଙ୍କ ପୁତ୍ରବଧୂ ସୁଶୀଳାବେନ୍ ଦକ୍ଷିଣ ଆଫ୍ରିକାରୁ ଆସି ଗୋପାଳ ଗଡସେଙ୍କ ଘରକୁ ଯାଇ ହତ୍ୟାକାରୀମାନଙ୍କୁ ଗାନ୍ଧି ପରିବାର କ୍ଷମା କରିଦେଇଥିବା ସୂଚାଇଥିଲେ । ଏ ପରିପ୍ରେକ୍ଷୀରେ ମନେପଡେ ପଲ୍ଲୀକବି ନନ୍ଦ କିଶୋର ବଳଙ୍କ କାଳଜୟୀ କାବ୍ୟ 'ଶର୍ମିଷ୍ଠା'ର ଗୋଟିଏ ପଂକ୍ତି – 'କ୍ଷମା କଲେ ଝିଅ କ୍ଷମା ତ ମିଳଇ କ୍ଷମାର ନଥାଏ ଅନ୍ତ // କ୍ଷମାର ଗ୍ରହୀତା କ୍ଷମାଦାତା ଦୁହେଁ ଏ ଭୁବନେ ଭାଗ୍ୟବନ୍ତ ।' **ଗାନ୍ଧିଜୀ ମରିବି ଅମର। ଗତ ସହସ୍ରାବ୍ଦୀର ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭିତରେ ଭାରତର କେବଳ ଗୋଟିଏ ନାମ ରହିଛି ସେ ହେଲେ ମୋହନ ଦାସ କରମଚାନ୍ଦ ଗାନ୍ଧି । ତାଙ୍କ ଦେହାବସାନ ପରେ ତାଙ୍କ ବିଚାରକୁ ମାରିବା ପାଇଁ ଲାଗାତାର ଉଦ୍ୟମ ହୋଇଥିଲେ ମଧ୍ୟ ଅମ୍ଳାନ ଗାନ୍ଧି ବିଚାର ଭାରତର ସୀମା ସରହଦ ଡେଇଁ ବିଶ୍ୱରେ ଚମକୁଛି । ତାଙ୍କରି ମାଧ୍ୟମରେ ତାଙ୍କ ମହାପ୍ରୟାଣ ଦିବସ ଜାନୁଆରୀ ୩୦କୁ 'ଶହୀଦ ଦିବସ' ଭାବେ ପାଳନ କରି ଆମେ କୃତଜ୍ଞତାର ସହ ସ୍ମରଣ କରୁ ସେହି ହଜାର ହଜାର ଶହୀଦଙ୍କୁ ଯେଉଁମାନେ ଆମକୁ ସ୍ୱାଧୀନତା ଦେବା ପାଇଁ ବଳିଦାନ ଦେଇଛନ୍ତି ଏବଂ ଆଉ ଯେଉଁ ଲକ୍ଷ ଲକ୍ଷ ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କରି ଆମ ପାଇଁ ମୁକ୍ତିର ସୂର୍ଯ୍ୟୋଦୟ କରାଇଛନ୍ତି।**

E-mail: prahalladsinha@gmail.com
ମୋ-୯୪୩୭୦୧୭୩୯୫

# ପଞ୍ଚସ୍ତରୀତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ



କାଞ୍ଚନାରାୟଣ ମହାନ୍ତି

**(୭୫ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ (ହୀରକ ଜୟନ୍ତୀ) ବୀରତୁଙ୍ଗ, ପୁରୀ, ଜାନୁଆରୀ ୩୧ ରୁ ଫେବୃଆରୀ ୨-୨୦୨୬)**

ଐତିହାସିକ ଯୁଗର ପ୍ରଥମ ଆଚାର୍ଯ୍ୟ ଭଗବାନ ତଥାଗତ ବୁଦ୍ଧଦେବ ଛିନ୍ନବିଚ୍ଛିନ୍ନ ଅସଂଖ୍ୟ ମ୍ଲେଚ୍ଛଜାତି ପରିପ୍ଲାବିତ ଭାରତବର୍ଷର ଧର୍ମ ଗ୍ଲାନି ବିଦୂରୀତ କରି ସମଗ୍ର ଭାରତକୁ ଏକ ଭାବ ଓ ଏକ ଆଦର୍ଶରେ ଅନୁପ୍ରାଣିତ କରି ଗୋଟିଏ ବିରାଟ ଜାତୀୟତା ସୃଷ୍ଟି କରିଥିଲେ । କାଳ ପ୍ରଭାବରେ ବୌଦ୍ଧଧର୍ମର ପତନ ଘଟିଲା । ସନାତନ ଅର୍ଥାତ୍ ଚିରନ୍ତନ, ଏହି ଧାରାକୁ ରକ୍ଷା କରିବା ପାଇଁ ବହୁ ଆଚାର୍ଯ୍ୟମାନେ ଆସିଲେ– ସେମାନଙ୍କ ମଧ୍ୟରେ ଥିଲେ– ଆଚାର୍ଯ୍ୟ ରାମାନୁଜ, ରାମାନନ୍ଦ, କବୀର, ଗୁରୁନାନକ ମହାପ୍ରଭୁ ଗୌରାଙ୍ଗଦେବ, ସେମାନଙ୍କ ପରେ ଆସିଥିଲେ– ଭାସ୍କରାନନ୍ଦ ସ୍ୱାମୀ, ତୈଲଙ୍ଗସ୍ୱାମୀ, ରାମଦାସ, କାଠିଆ ବାବା, ପରମହଂସ ରାମକୃଷ୍ଣ ଦେବ, ସ୍ୱାମୀ ବିବେକାନନ୍ଦ, ବିଜୟକୃଷ୍ଣ ଗୋସ୍ୱାମୀ ପ୍ରଭୃତି ମହାପୁରୁଷ । ସେମାନେ ନିଜ ନିଜର ତପଃଶକ୍ତି ବଳରେ ପୁଣି ସନାତନ ଧର୍ମର ଆଦର୍ଶକୁ ଭାରତରେ ପୁନଃପ୍ରସାର କରିଥିଲେ ।

ପଶ୍ଚାତ୍ୟ ସଭ୍ୟତାର ଐନ୍ଦ୍ରିଜାଲିକ ପ୍ରଭାବରେ ଭାରତର ମ୍ରିୟମାଣ ଜାତି ଓ ସମାଜକୁ ରକ୍ଷା କରିବା ପାଇଁ ଶ୍ରୀଶ୍ରୀଠାକୁର ପରମହଂସ ନିଗମାନନ୍ଦ ସରସ୍ୱତୀ ଦେବଙ୍କର ଆବିର୍ଭାବ ହୋଇଥିଲା ।

ଶ୍ରୀଶ୍ରୀ ଠାକୁର ଚତୁର୍ବିଧ ସାଧନ ସିଦ୍ଧ ଅନନ୍ତ ଶକ୍ତି ସଂପନ୍ନ ସଦ୍‌ଗୁରୁ । ତାଙ୍କରି ଠାରେ ଜଗଦ୍‌ଗୁରୁଙ୍କର ଇଛା ହିଁ ଲୀଳାୟିତ ହୋଇ ଉଠିଥିଲା । ସେ ଦୈବୀପୁରୁଷ, ଧର୍ମର ରକ୍ଷାକାରୀ ମହାସାଧକ ଭାବରେ ଭାରତବର୍ଷକୁ ଯେଉଁ ଉଦ୍‌ବୋଧନୀ ବାଣୀ ପ୍ରଦାନ କରିଛନ୍ତି ତାହା ବର୍ତ୍ତମାନ ମାନବ ସମାଜର ଶାନ୍ତି ଓ ଧର୍ମ ପୃଥିବୀ ବ୍ୟାପୀ ମହାସମର ପ୍ରାଙ୍ଗଣରେ କ୍ଷତବିକ୍ଷତ ଓ ମୁମୂର୍ଷୁ ହୋଇ ଧରାବଲୁଣ୍ଠିତ । ଘୋର ଅଶାନ୍ତି ଓ ଅଧର୍ମ ଜଗତରେ ଘୋଟି ମରଣାପନ୍ନ ଜୀବର ଭୀତିପୂର୍ଣ୍ଣ ମରଣୋଚ୍ଛାସ ଜଗତକୁ ମହାଶ୍ମଶାନରେ ପରିଣତ କରି ପକାଇଛି । ଅଜ୍ଞାନ ଅନ୍ଧକାରର ଚାରିଆଡ଼େ ରାକ୍ଷୁତି, ସ୍ୱାର୍ଥ ଶୃଗାଳ ବିକଟ ଚିତ୍କାର କରୁଅଛି । ବିଷାଦରାକ୍ଷସୀ ଘୋର ଅଟ୍ଟହାସ୍ୟ କରୁଛନ୍ତି ।

ଶ୍ରୀଶ୍ରୀ ଠାକୁରଙ୍କର ଅଭୟ ବାଣୀ ହେଲା– ମନୁଷ୍ୟତ୍ୱ ଲାଭ କରିବା ପାଇଁ ଜୀବନର ଚରମ ସଂକଳ୍ପ କର । ତୁମମାନଙ୍କର ସ୍ୱଭାବ ଯାହା ତାହାର ବିକାଶ କର, ବହୁରୂପୀ ହୁଅନାହିଁ । ମନୁଷ୍ୟତ୍ୱ ଦାବୀ କରିବା ପୂର୍ବରୁ ଖୋଜି ଦେଖ, ତୁମେମାନେ କେତେ ପରିମାଣରେ ମନୁଷ୍ୟ ହୋଇପାରିଛ । ସାଧନା ନକରି ସିଦ୍ଧି ଲାଭର ଚେଷ୍ଟା କରିବା ବିଡ଼ମ୍ବନା ମାତ୍ର ।

ତୁମେମାନେ ଅମୃତର ସନ୍ତାନ । ଜଗତକୁ ଅମୃତ ବିତରଣ କର । ତୁମେମାନେ ହିଁ ଯଜ୍ଞରେ ପୂର୍ଣ୍ଣାହୂତି ଦେଇ ଶାନ୍ତିମନ୍ତ୍ର ପାଠ କରିବାକୁ ଦେବତା କର୍ତ୍ତୃକ ଋତ୍ୱିକ ରୂପରେ ବରିତ ହୋଇଅଛି । ଦେଖ, ଶାନ୍ତିବାରି ସିଞ୍ଚନ କରିବା ପାଇଁ ଜଗଦ୍‌ଗୁରୁଙ୍କର ଆବିର୍ଭାବ ହୋଇଅଛି । ସେ ଉପଯୁକ୍ତ ସମୟର ଅପେକ୍ଷାରେ ଅବସ୍ଥାନ କରୁଛନ୍ତି ।

ତୁମମାନଙ୍କ ମଧ୍ୟରେ ହିଁ ଏହି ଗୁରୁଶକ୍ତିର ବିକାଶ ହେବ । ତୁମେମାନେ ଶୁଦ୍ଧପୂତ ଅକପଟ ଓ ନିର୍ମଳ ହୁଅ । ବ୍ରହ୍ମଚର୍ଯ୍ୟ ପରାୟଣ ହୁଅ, ସତ୍ୟାନ୍ୱେଷୀ ହୁଅ– ତାହାହେଲେ ସିନା ତୁମମାନଙ୍କ ମଧ୍ୟରେ ପୂର୍ଣ୍ଣ ଶକ୍ତିର ଆବିର୍ଭାବ ହେବ ।

ଅପବିତ୍ର ବସ୍ତୁ କଣ ଦେବଭୋଗ ପାଇଁ ଅର୍ପିତ ହୁଏ?

ତୁମମାନଙ୍କଠାରୁ ପ୍ରେମ କାରୁଣ୍ୟ ମନ୍ଦାକିନୀ ଶତଧାରାରେ ପ୍ରବାହିତ ହେବ, ଯାହାର ସୁଶୀତଳ ଧାରାରେ ଜଗତର ଜୀବମାତ୍ରେ ପରିତୃପ୍ତ ହେବେ । ତୁମମାନଙ୍କର ଜୀବନ 'ବହୁଜନ ହିତାୟ ଚ ବହୁଜନ ସୁଖାୟଚ' ହେଉ । ତୁମେମାନେ ସିଂହ ଶିଶୁ ହୋଇ ମେଷ ସାବକ ପରି କାଳଯାପନ କରୁଛ । ନିଜକୁ ଚିହ୍ନିବାକୁ ଆଉ ବିଳମ୍ବ କର ନାହିଁ । ଉପଯୁକ୍ତ ପରିଚାଳକ ଅଭାବରୁ ତୁମ ଭିତରର ଶକ୍ତି ବିଭିନ୍ନ ମୁଖୀ ହୋଇ ଖର୍ବତା ପ୍ରାପ୍ତ ହେଉଅଛି । ବର୍ତ୍ତମାନ ଏଭଳି ଶକ୍ତିମତ୍ତାର ପ୍ରୟୋଜନ ଯେ ସେହି ବିଭିନ୍ନମୁଖୀ ଗତିଶକ୍ତିକୁ ଯେପରି ଏକମୁଖୀ କରି କେନ୍ଦ୍ରୀଭୂତ କରିହେବ । ଭାରତୀୟ ସାଧୁସମାଜରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କୁ ସମସ୍ତେ ଜଣେ ଅଦ୍ୱିତୀୟ ସଦ୍‌ଗୁରୁ ଭାବରେ ଜାଣନ୍ତି ! ନଦିଆଜିଲ୍ଲାର କୁତବପୁରରେ ୧୮୮୦ ମସିହାରେ ପିତା ଭୁବନମୋହନ ଓ ମାତା ମାଣିକ୍ୟ ସୁନ୍ଦରୀଙ୍କଠାରୁ ସେ ଜନ୍ମ । ତନ୍ତ୍ର, ଜ୍ଞାନ, ଯୋଗ, ପ୍ରେମସିଦ୍ଧି ସହିତ ନିର୍ବିକଳ୍ପ ସମାଧିରୁ ଉତ୍‌ଥିତ ହୋଇ ସଦ୍‌ଗୁରୁ ଭାବରେ ଅଧିଷ୍ଠିତ ହୋଇ, ତାଙ୍କର ଅଗଣିତ ଶିଷ୍ୟଭକ୍ତମାନଙ୍କ ମୋକ୍ଷ ପ୍ରଦାନ କରୁଛନ୍ତି ।



ଶ୍ରୀଶ୍ରୀ ଠାକୁରଙ୍କ ଦ୍ୱାରା ରଚିତ ତାଙ୍କ ସିଦ୍ଧିଗ୍ରନ୍ଥ ପାଞ୍ଚଟି ହେଲା ଯୋଗୀଗୁରୁ, ଜ୍ଞାନୀଗୁରୁ, ପ୍ରେମିକଗୁରୁ, ତାନ୍ତ୍ରିକଗୁରୁ ଓ ବ୍ରହ୍ମଚର୍ଯ୍ୟ ସାଧନା ।

ବ୍ରହ୍ମଚର୍ଯ୍ୟ ହିଁ ସନାତନ ଆର୍ଯ୍ୟ ଧର୍ମଧାରା ରକ୍ଷା ପାଇଁ ସଂସାରାଶ୍ରମର ମୂଳବ୍ରତ । ସଂଯମ ସାଧନା ବିନା ଶରୀର, ମନ, ପ୍ରାଣ କେବେ ଧ୍ୟାନ, ଯୋଗ, କର୍ମତତ୍ପର ହୋଇପାରେ ନାହିଁ । ଭାରତର ଆଧ୍ୟାତ୍ମିକ ରାଜ୍ୟରେ ଆଲୋଡ଼ନ ସୃଷ୍ଟିକରିବା ପାଇଁ ସ୍ୱାମୀ ନିଗମାନନ୍ଦ ପରମହଂସ ସରସ୍ୱତୀ ଦେବ ତାଙ୍କର ଅନୁଗାମୀମାନଙ୍କୁ ଆଦର୍ଶଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଓ ଭାବବିନିମୟ ଜରିଆରେ ସନାତନଧର୍ମର ପ୍ରଚାର, ସତଶିକ୍ଷା ବିସ୍ତାର ଓ ଶିବଜ୍ଞାନରେ ଜୀବସେବାକୁ ଜୀବନର ବ୍ରତ ଭାବରେ ପରିଣତ କରି ତାଙ୍କର ବୃହତ୍ତର ଲକ୍ଷ୍ୟ ସର୍ବଧର୍ମ ସମନ୍ୱୟ, ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ଓ ଅସାଂପ୍ରଦାୟିକ ଭାବେ ସନାତନ ଧର୍ମର ପୁନଃ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ । ସେ ଆସମ, ବଙ୍ଗ ପ୍ରଭୃତି ବହୁ ପ୍ରଦେଶରେ ନିଗମ ଭାବଧାରା ପ୍ରଚାର ପାଇଁ ସଂଘ ଓ ଆଶ୍ରମ ପ୍ରତିଷ୍ଠା କରିଥିଲେ । ଶ୍ରୀକ୍ଷେତ୍ରରେ ନୀଳାଚଳକୁଟୀର ନାମରେ ସେ ନିଜର ହାତଗଢ଼ା ଭବ୍ୟ ଏବଂ ଦିବ୍ୟ ଅନୁଷ୍ଠାନରେ ଅବସ୍ଥାନକାଳୀନ ଲୀଳା ଅତ୍ୟନ୍ତ ମହିମାମୟ ଓ ବ୍ୟାପକ ଧର୍ମ ସଂସ୍କାର ଓ ସଂବର୍ଦ୍ଧନର ପୁଣ୍ୟମୟ ଅଧ୍ୟାୟ ।

୧୯୩୪ ମସିହାରେ ତଦୀୟ ଶୁଭ ଜନ୍ମବାସର, ଝୁଲଣ ପୂର୍ଣ୍ଣିମା ଦିନ ନୀଳାଚଳ ସାରସ୍ୱତ ସଂଘର ପ୍ରତିଷ୍ଠା କରିଥିଲେ । ଏହି ଶୁଭକ୍ଷଣରେ ତାଙ୍କର କୃପାଶକ୍ତି ପ୍ରାପ୍ତ ହୋଇଥିବା କେତେକ ଉତ୍କଳୀୟ ସନ୍ତାନ ସେହି ମହତ୍ ଆକାଂକ୍ଷାକୁ ରୂପଦେବା ପାଇଁ ଆଗେଇ ଆସିଥିଲେ । ସେମାନଙ୍କ ମଧ୍ୟରେ ରାମକୃଷ୍ଣ ପରମହଂସଙ୍କର ଅନ୍ୟତମ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ପରି ବୀରତୁଙ୍ଗରେ ଜନ୍ମିତ ସିଦ୍ଧପୁରୁଷ ଦୁର୍ଗାଚରଣ ଭାଇ ଥିଲେ ଆଦର୍ଶ ଗୁରୁ ଅନୁଗତ ଭକ୍ତ ଯେ, କି ସାରା ଓଡ଼ିଶା ତଥା ଭାରତବର୍ଷରେ ଅର୍ଦ୍ଧଶତାବ୍ଦୀକାଳ କେବଳ ଶ୍ରୀଶ୍ରୀ ଠାକୁରଙ୍କର ଇଚ୍ଛାକୁ ରୂପଦେବାରେ ସମର୍ପିତ ଥିଲେ ।

ନୀଳାଚଳ କୁଟୀର ଶ୍ରୀକ୍ଷେତ୍ରରେ ଠାକୁରଙ୍କ ନିତ୍ୟ ବାସସ୍ଥଳୀ । ତାଙ୍କ ରହଣି ପାଇଁ ଛଅହଜାର ଟଙ୍କା ମୂଲ୍ୟରେ କିଣିଥିଲେ ଏବଂ ତାହାକୁ ମାଆମାନଙ୍କୁ ଦେଇଯାଇଛନ୍ତି । ତାଙ୍କର ମାନସକନ୍ୟା ମା' ନାରାୟଣୀ ଦେବୀ ନୀଳାଚଳ ସାରସ୍ୱତ ସଂଘକୁ ମଧ୍ୟ ଭାଇଙ୍କୁ ହସ୍ତାନ୍ତର କରିଦେଇଥିଲେ ।

ଶ୍ରୀଶ୍ରୀ ଠାକୁର ଯେ ଅଛନ୍ତି ଏହି ସତ୍ୟକୁ ପ୍ରତିଷ୍ଠା କରିବା ପାଇଁ ତାଙ୍କ ଶିଷ୍ୟ ଦୁର୍ଗାଚରଣ ଭାଇଙ୍କୁ କେତେ କାଳ ଲାଗିଗଲା । ଶ୍ରୀଶ୍ରୀଠାକୁର କହିଲେ– ମୋ ମୃତ୍ୟୁପରେ ତୁମେମାନେ ଦେଖିବ ମୋର ଆସନ ବର୍ତ୍ତମାନ ଯେପରି ଅଛି, ଏଠାରେ ଠିକ୍ ସେହିପରି ସେହି ସ୍ଥାନରେ ରହିଥିବା ସେହିପରି ସେବା ପରିଚର୍ଯ୍ୟା ଓ ସଜ୍ଜିତ ହୋଇଥିବ, ଭକ୍ତମାନେ ଆସିବେ ଦେଖି ଯାଉଥିବେ । ରାମକୃଷ୍ଣଦେବ କେତେ ଦିନ ଧରି ଦେହତ୍ୟାଗ କଲେଣି, କିନ୍ତୁ ତାଙ୍କର ଆସନ ଏପରି ଭାବରେ ସଜ୍ଜିତ ହୋଇ ରହିଛି ଯେ ଦେଖିଲେ ଜଣାଯିବ ସତେ ଯେପରି ସେ ବାହାରକୁ ଯାଇଛନ୍ତି, ବର୍ତ୍ତମାନ ଫେରି ଆସିବେ । ଏହା କଲେ ଯଥାର୍ଥରେ ମୋର ସ୍ମୃତିରକ୍ଷା ହେବ । ଏହି ଭାବରେ ଯେଉଁଠାରେ ମୋର ଆସନ ରଖାଯିବ ତାହା ହିଁ ହେବ ମୋର ସ୍ମୃତି ମନ୍ଦିର । ଶ୍ରୀଶ୍ରୀଠାକୁର ଆଦେଶ ଓ ଉପଦେଶକୁ ମର୍ମେ ମର୍ମେ ଉପଲବ୍ଧି ତଥା ଉପଯୋଗ ପାଇଁ ଦୁର୍ଗାଚରଣ ଭାଇ ବିଭିନ୍ନ ଆସନ ସମୂହର ବିଧି ପ୍ରଚଳନ କରିଛନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କର ପୂଜାର୍ଚ୍ଚନା ଧାରା ବ୍ୟବସ୍ଥା କରିଛନ୍ତି । ଠାକୁରଙ୍କ ସ୍ଥୂଳ ବିଦ୍ୟାମାନତାକୁ ଭାଇ ଯେଉଁ ଯେଉଁ କ୍ଷେତ୍ରରେ ଉପଯୋଗ କରିଛନ୍ତି । ସେ ସବୁଗୁଡ଼ିକ ମଧ୍ୟରେ, କେନ୍ଦ୍ର ଆସନ, ସମ୍ମିଳନୀ ଆସନ, ଶାଖା ସଂଘ ଆସନ, ଗୃହାସନ, ଶିକ୍ଷାସନ, ପାଠଚକ୍ର ଆସନ ଇତ୍ୟାଦି । ଶ୍ରୀଶ୍ରୀଠାକୁରଙ୍କ ଦ୍ୱାରା ପ୍ରବର୍ତ୍ତିତ ଭକ୍ତ ସମ୍ମିଳନୀ ହେଉଛି ତାଙ୍କର ଭକ୍ତ ପ୍ରୀତିର ପ୍ରକୃଷ୍ଟ ନିଦର୍ଶନ ଦୀର୍ଘବର୍ଷ ଅତିବାହିତ ହୋଇ ଉତ୍କଳରେ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ ବର୍ଷର ସମାରୋହ କେନ୍ଦ୍ର ଆସନ ମନ୍ଦିର ବୀରତୁଙ୍ଗଠାରେ ପାଳନ କରାଯାଉଛି । ସାରା ଓଡ଼ିଶା ତଥା ଭାରତବର୍ଷରୁ ବହୁ ସଂଖ୍ୟକ ଠାକୁରଙ୍କର ଶିଷ୍ୟ ଭକ୍ତମାନଙ୍କର ସମାଗମ ମଧ୍ୟରେ ତ୍ରିଦିବସୀୟ ସମ୍ମିଳନୀ ଏତେ ଆନନ୍ଦ ଉଲ୍ଲାସର ସହ ସମାହିତ ହେବ ତାହାକୁ ପ୍ରତ୍ୟକ୍ଷ କଲେ ଯେ କେହି ଅଭିଭୂତ ହୋଇ ଠାକୁରଙ୍କର ସ୍ଥୂଳବିଦ୍ୟମାନତାକୁ ସ୍ୱୀକାର କରିବାକୁ ବାଧ ହେବେ । ଶ୍ରୀଶ୍ରୀ ଠାକୁର କହିଛନ୍ତି ଯେ ମୁଁ ଆଉ କିଛି ନ କରିଥିଲେ କେବଳ ଏଇ ସମ୍ମିଳନୀ ହିଁ ମୋର ସ୍ମୃତିରକ୍ଷା କରିବ ।

ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ-ଶକ୍ତିର ପ୍ରତିଷ୍ଠା ଓ ଭାବବିନିମୟ ହେଉଛି ଶ୍ରୀଶ୍ରୀଠାକୁରଙ୍କ ସମ୍ମିଳନୀର ଆଦର୍ଶ-ଉଦ୍ଦେଶ୍ୟ ଭିତରେ ଅନ୍ୟତମ ପ୍ରଧାନ ଆଦର୍ଶ ଓ ଉଦ୍ଦେଶ୍ୟ ତ୍ରୟ । ସମ୍ମିଳନୀର ଅନୁଷ୍ଠାନଦ୍ୱାରା କିପରି ଭାବରେ ସଂଘ-ଶକ୍ତିର ପ୍ରତିଷ୍ଠା ହେଉଛି, ତାହା ବର୍ତ୍ତମାନ ଆଲୋଚନା କରିବା । ଶ୍ରୀଶ୍ରୀଠାକୁର ଆମମାନଙ୍କୁ ସଂଘବଦ୍ଧ ହେବାକୁ ବାରମ୍ବାର କହିଚନ୍ତି । ସେ ଯାହା ଚାହୁଁଛନ୍ତି, ସଂଘ ଭିତରେ ତାହା ଆତ୍ମପ୍ରକାଶ କରିବ ବୋଲି ତାଙ୍କର ଧାରଣା । ସଂଘର ଗୌରବ, ସଂଘର ମାନମର୍ଯ୍ୟାଦା ସମଷ୍ଟିକୁ ନେଇ । କେବଳ ବ୍ୟଷ୍ଟି ଦ୍ୱାରା ସଂଘର ବିରାଟ କାର୍ଯ୍ୟ ସାଧିତ ହୋଇପାରିବ ନାହିଁ । କଳିଯୁଗରେ ମନୁଷ୍ୟ ସବୁ ଦିଗରୁ ବିକଳାଙ୍ଗ, ତେଣୁ ସଂଘବଦ୍ଧ ହୋଇ ନ ପାରିଲେ ମନୁଷ୍ୟ ପକ୍ଷରେ ପଦେହେଲେ ଅଗ୍ରସର ହେବା ସମ୍ଭବ ନୁହେଁ । ସଂଘ ଭିତରେ ଆତ୍ମ ପ୍ରକାଶ କରିବେ ବୋଲି ଠାକୁର ଅନ୍ତର୍ଦ୍ଧାନ ହୋଇଛନ୍ତି । ସୁତରାଂ ଆମେ ସଂଘବଦ୍ଧ ହୋଇ ନ ପାରିଲେ ତାଙ୍କ ଆତ୍ମପ୍ରକାଶ ପଥରେ ବାଧା ସୃଷ୍ଟି କରିବା ସିନା ! ଯେଉଁମାନଙ୍କର ଧ୍ୟେୟବସ୍ତୁ, ଶ୍ରୀଶ୍ରୀଠାକୁର ସେମାନଙ୍କ ମଧ୍ୟରେ ସଂଘବଦ୍ଧଭାବ ନିଶ୍ଚୟ ଦେଖାଦେବ। ଆତ୍ମପ୍ରତିଷ୍ଠା-ଭାବ ଥିଲେ ସଂଘବଦ୍ଧ ହେବାରେ ବାଧା ଜାତ ହୁଏ । ଆମକୁ ସର୍ବତୋ ଭାବରେ ଏହି ଆତ୍ମପ୍ରତିଷ୍ଠା ଭାବକୁ ଘୃଣା କରିବାକୁ ହେବ ।

ଶ୍ରୀଶ୍ରୀଠାକୁର ତାଙ୍କ ଅନ୍ତର୍ନିହିତ ଇଚ୍ଛାକୁ ସବୁଠାରେ ବ୍ୟକ୍ତି କରି ନାହାନ୍ତି । ଅନ୍ତରଙ୍ଗ ଲୋକ ପାଇଲେ ତାଙ୍କର ହୃଦୟ-ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସେତେବେଳେ ସେ ତାଙ୍କ ପ୍ରାଣର ଇଚ୍ଛା ସଂଗୋପନରେ ବ୍ୟକ୍ତ କରିଥାନ୍ତି । ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କ କାର୍ଯ୍ୟ କରିବାକୁ ଇଚ୍ଛା କରି ବାହାରୁଛନ୍ତି, ସେମାନେ କଳିଗୋଳ ଆଡ଼କୁ ମନ ଦେବା ଉଚିତ ନୁହେଁ । ଅଖଣ୍ଡ ମନ-ପ୍ରାଣ ନେଇ ଆମକୁ ସଂଘବଦ୍ଧ ହେବାକୁ ପଡ଼ିବ । ଅନ୍ୟ କୌଣସି ଆକର୍ଷଣ, ଅନ୍ୟ କୌଣସି ଅବଲମ୍ବନ ଥିଲେ ଚଳିବ ନାହିଁ । କେବଳ ଗୋଟିଏ ଚିନ୍ତାରେ କାଳ କଟାଇବାକୁ ହେବ । ସମସ୍ତଙ୍କ ଅନ୍ତର ଠାକୁରମୁଖୀ ହେଲେ ବିନା ଆୟାସରେ ସଂଘ ଗଠିତ ହୋଇଯିବ ।

ସଦ୍‌ଗୁରୁ ବିରଳ ଓ ଦୁର୍ଲ୍ଲଭ । ଏମାନଙ୍କ ଆଗମନର ଗୋଟିଏ ଧାରାବାହିକ କ୍ରମ ଅଛି । ଏମାନେ ଜଣକପରେ ଜଣେ ଆସନ୍ତି । ସବୁ ସିଦ୍ଧ ମହାପୁରୁଷମାନେ ମଧ୍ୟ ସଦ୍‌ଗୁରୁ ହୋଇପାରନ୍ତି ନାହିଁ । ବହୁ ଜନ୍ମ-ଜନ୍ମାନ୍ତରରୁ ସାଧସାଧନନା କରି ଯେ ଜୀବନ୍ମୁକ୍ତ ମହାପୁରୁଷ ହୋଇଛନ୍ତି, ତାଙ୍କର ଶୁଦ୍ଧ ଆଧାରରେ ଜଗଦ୍‌ଗୁରୁଙ୍କ ଇଚ୍ଛା ପ୍ରକଟିତ ହୁଏ । ସଦ୍‌ଗୁରୁଙ୍କର ଅପାର ମହିମା। ତାହା ସାଧାରଣଙ୍କ ବୁଦ୍ଧିର ଅଗୋଚର । କେବଳମାତ୍ର ବିଶୁଦ୍ଧ ଚିତ୍ତରେ ସେମାନଙ୍କ ମହିମା ପ୍ରକଟିତ ହୋଇଥାଏ । ଶ୍ରଦ୍ଧାବାନ୍ ବ୍ୟକ୍ତିମାନେ ସେହି କୃପା ଧାରଣ କରିପାରନ୍ତି । ଶ୍ରୀଗୁରୁ ହେଉଛନ୍ତି ଜଣେମାତ୍ର ଶ୍ରେଷ୍ଠ ମନୁଷ୍ୟ । ସେ ଜାଣନ୍ତି, ଜଣେ ସାଧାରଣ ମନୁଷ୍ୟପରି ଯଦି ଭଗବାନଙ୍କୁ ଲାଭ କରା ନଯାଏ, ତେବେ ମନୁଷ୍ୟ ତୃପ୍ତ ହୋଇପାରିବ ନାହିଁ ।

ନୀଳାଚଳ ସାରସ୍ୱତ ସଂଘ,
ବୀରତୁଙ୍ଗ, ପୁରୀ

# ଗୁଳି ବିନିମୟରେ ଦୁଇ ମାଓବାଦୀ ନିପାତ

## ଏକେ-୪୭ ସହ ବିସ୍ଫୋରକ ଜବତ

ମାଲକାନଗିରି (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ମାଓ- ପୁଲିସ ମୁହାଁମୁହିଁ ହୋଇଥିଲେ। ଗୁଳିବିନିମୟରେ ୨ ଜଣ ମାଓବାଦୀ ନିହତ ହୋଇଥିବା ବେଳେ ଏକେ-୪୭ ବନ୍ଧୁକ ସହ ମାଓ ସାମଗ୍ରୀ ଜବତ ହୋଇଛି ।

ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଜିଲ୍ଲାର ଦକ୍ଷିଣ ବସ୍ତର ଅଞ୍ଚଳକୁ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲେ। ଗୁରୁବାର ସକାଳୁ ତେଲେଙ୍ଗାନା ଏବଂ ବିଜାପୁର ଜିଲ୍ଲାର ସୀମାନ୍ତ ଅଭୟାରଣ୍ୟରେ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଦୁଇ ପଟୁ ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିବା ଜଣାପଡିଛି। ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୨ ଜଣ ମାଓବାଦୀଙ୍କ ଶବ ଉଦ୍ଧାର କରିଥିବା ଜଣାପଡିଛି । ଏଥିସହ ଏକେ-୪୭ ବନ୍ଧୁକ, ୯ ଏମଏମ ପିସ୍ତଲ ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଥିବା ଜଣାପଡିଛି ।

# କାଶ୍ମୀରରେ ଓଡ଼ିଆ ଯବାନଙ୍କ ମୃତ୍ୟୁ : ଗାଁରେ ଶୋକାକୁଳ ପରିବେଶ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲା ଇଟାମାଟି ଥାନା ଆନନ୍ଦପଲ୍ଲୀ ଗାଁର ଯବାନ ଜିତୁ ବେହେରା(୩୧) ଜାନୁଆରୀ ୨୬ରେ କଶ୍ମୀରରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି । ଜିତୁଙ୍କ ମରଶରୀର ବୁଧବାର ସନ୍ଧ୍ୟାରେ ଆନନ୍ଦପଲ୍ଲୀରେ ପହଞ୍ଚିବା ପରେ ଗାଁରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି ।ମରଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ଇଟାମାଟି ଓ ନୟାଗଡ଼ ଜିଲା ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପରେ ମରଶରୀରକୁ ଦାହ କରାଯାଇଥିଲା । କଶ୍ମୀରର ମାହାରରେ ଆର୍ମିର ଏନେP ର୍ୟାଙ୍କରେ ଜିତୁ କାମ କରୁଥିଲେ । ସୋମବାର ସାଧାରଣତନ୍ତ୍ର ଦିବସ ଡ୍ୟୁଟି ସାରି ଘରକୁ ଆସି ବିଶ୍ରାମ ନେଇଥିଲେ । ପୁଣି ଡ୍ୟୁଟିକୁ ଗଲାବେଳେ ହୃଦ୍‌ଘାତ ହେବାରୁ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଗତ କିଛି ମାସ ତଳେ ତାଙ୍କର ବିବାହ ହୋଇଥିବାରୁ ଜିତୁଙ୍କ ଅକାଳ ବିୟୋଗକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ସ୍ତ୍ରୀ ।

# ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରୟାସ'-୨୦୨୬




ରଣପୁର (ସବ୍ୟୁ) : ଓଡିଶା ଆଦର୍ଶ ବିଦ୍ୟାଳୟର ବଳରାମପୁର ରଣପୁରରର ବାର୍ଷିକ ଉତ୍ସବ ପ୍ରୟାସ -୨୦୨୬ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମ ଯୋଗଦେଥିବା ଅତିଥିଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ କ୍ରାପଫ ପ୍ରଦର୍ଶନୀକୁ ଉଦଘାଟନ କରି ପରିଦର୍ଶନ କରିଥିଲେ । ପରେ ଅଧକ୍ଷ ବିଶ୍ୱରଞ୍ଜନ ବଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ସୁରମା ପାଢ଼ୀ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଜିଲ୍ଲାପରିଷଦ ସଭାପତି ଙ୍କ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବେହେରା, ରଣପୁର ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ଏଡିଓ ବନଲତା ବେହେରା, ସିଆରସିସି ସୁଧାକର ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସଂଗ୍ରାମ କେଶରୀ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଶୁଭସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ୧୫ରେ ଲଡୁବାବାଙ୍କ ଜାଗର ଯାତ୍ରା




ଶରଣକୁଳ, (ସବ୍ୟୁ): ଶରଣକୁଳର ପ୍ରମୁଖ ଶୈବକ୍ଷେତ୍ର ଲଡୁବାବାଙ୍କ ପୀଠରେ ଫେବୃଆରୀ ମାସ ୧୫ରେ ଅନୁଷ୍ଠିତ ହେବ । ଏହି ମହାଶିବରାତ୍ରୀ ଜାଗର ଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା ତଥା ସମାପନ ପାଇଁ ଗୁରୁବାର ଶରଣକୁଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଓ ବିଡ଼ିଓ ପ୍ରୀତିବାଳା ରଣା, ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଥାନା ଅଧିକାରୀ ସୁଜିତ କୁମାର ଦାସ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଓଡଗାଁ ଏନଏସି ଏଜିକ୍ୟୁଟିଭି ଅଫିସରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଆଦି ଯୋଗ ଦେଇଥିଲେ । ବୈଠକରେ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଜାଗର ଯାତ୍ରା ଦିନର ଅବକାଶ ନୀତିଠାରୁ ସକାଳ ପୂଜାନୀତି ପୂର୍ବ ରାତ୍ର ୧୨ ଘଣ୍ଟାରୁ ଆରମ୍ଭ ହୋଇ ଭୋର ୩ଟା ମଧ୍ୟରେ ସମ୍ପାଦନ କରାଯିବ । ଭୋର ୪ଟାରୁ ସନ୍ଧ୍ୟା ସାଢ଼େ ୬ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ । ସନ୍ଧ୍ୟା ୬.୩୦ରୁ ରାତି ୭.୩୦ ମଧ୍ୟରେ ସନ୍ଧ୍ୟାନୀତି ପୂଜା ନୀତି ସମ୍ପର୍ନ୍ନ କରାଯିବ । ରାତ୍ର ୭.୩୦ରୁ ରାତ୍ର ୧୦.୩୦ ପର୍ଯ୍ୟନ୍ତ ପୁଣି ସର୍ବସାଧାରଣ ଦର୍ଶନ କରାଯିବ । ରାତ୍ର ୧୦.୩୦ରୁ ମହାଶିବରାତ୍ରୀ ବେଢ଼ା ପରିକ୍ରମା ଆରମ୍ଭ ହୋଇ ବେଢ଼ା ଶେଷରେ ଅନ୍ୟାନ୍ୟ ଦେବନୀତି ସମ୍ପର୍ନ କରାଯାଇ ମନ୍ଦିର ବନ୍ଦ ହେବ ।

ଚଳିତ ବର୍ଷ ରାତ୍ରି ୧୨ଟା ମଧ୍ୟରେ ମହାଦୀପ ଉଠିବା ନିମନ୍ତେ ବୈଠକରେ ନିଷ୍ପତି ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ନୀତି ଓ ଯାତ୍ରୀ ଦର୍ଶନ କାର୍ଯ୍ୟ ଶୃଙ୍ଖଳାରେ କରାଯିବା ପାଇଁ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ଶରଣକୁଳ ଏସଡ଼ିପିଓ ଓ ଥାନା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ନିଆଗଲା । ଜାଗର ଯାତ୍ରାରେ ଶ୍ରଦ୍ଧାଳୁ, ଭକ୍ତ ଓ ଯାତ୍ରୀ ସିଂହଦ୍ୱାରରୁ ବାରିକେଡ଼ ଦେଇ ଠାକୁରଙ୍କୁ ଦର୍ଶନ କରି ମନ୍ଦିର ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରିବେ । ପାଳିଆ ସେବାୟତମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ପରିଚୟପତ୍ର ଯୋଗାଇ ଦେବା ନିମନ୍ତେ ସ୍ଥିର ହୋଇଥିଲା । ମହାଶିବରାତ୍ରୀ ଦିନ ବୋଲବମ ଭକ୍ତମାନେ ବାବାଙ୍କୁ ଜଳ ଲାଗି କରିବା ପାଇଁ ଅନୁମତି ଦିଆଯିବ ନାହିଁ ଏବଂ ନଡ଼ିଆ, କଦଳୀ ଆଦି ଫଳଭୋଗ ସବୁ ବେଢ଼ା ମଧ୍ୟରେ ପୂଜା କରାଯିବ ବୋଲି ନିଷ୍ପତି ହୋଇଥିଲା । ବୈଠକରେ ଜିଲାପାଳ ଶାନ୍ତି କମିଟିରେ ନୂତନ ସଦସ୍ୟ ନେବା ସହ ମନ୍ଦିର ପରିସରକୁ ପଲିଥିନ ମୁକ୍ତ କରିବା ପାଇଁ ଗୁରୁତ୍ୱ ଦେବା ସହ ଯାତ୍ରା ପରେ ସମୀକ୍ଷା ବୈଠକ କରିବା ଏବଂ ଯାତ୍ରା ପରଦିନ ମନ୍ଦିର ପରିସର, ପୁଷ୍କରିଣୀ ସମେତ ବାହାର ଅଞ୍ଚଳ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଉତ୍ତମ ସଫେଇ କରିଥିବା ସ୍ୱେଚ୍ଛାସେବୀ ସଂଗଠନକୁ ପ୍ରଶଂସା ପତ୍ର ପ୍ରଦାନ କରିବା ପାଇଁ କହିଥିଲେ । ଏହି ବୈଠକରେ ଦେବୋତ୍ତର ବିଭାଗ ପରିଚାଳକ ତାପସ ରଞ୍ଜନ ପଟ୍ଟନାୟକ, ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼, ଶୈବ ସେବାୟତ ସଂଘ ସମ୍ପାଦକ, ବଣିକ ସଂଘ ସଭାପତି ଦିଲୀପ କୁମାର ମିଶ୍ର, ସମସ୍ତ ଖବରଦାତାଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳ ମା ପାର୍ବତୀଙ୍କ ମନ୍ଦିର ସମ୍ମୁଖରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପ୍ରଦାନ କରିଥିବା ଏକ ନୂତନ ହୁଣ୍ଡୀକୁ ସ୍ଥାପନ କରିଥିଲେ ।

# ଶ୍ୟାମ ମେଟାଲିକ୍ସରେ ଦିନିକିଆ କର୍ମଶାଳା

ଭୁବନେଶ୍ୱର/ସମ୍ବଲପୁର (ସବ୍ୟୁ) : ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଇସ୍ପାତ ମନ୍ତ୍ରଣାଳୟ ତରଫରୁ ତା ୨୯.୦୧.୨୦୨୬ ରେ ଓଡ଼ିଶାର ସମ୍ବଲପୁରରେ ଥିବା ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡରେ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ, ଥ୍ରିପିର ଏକ ଅଂଶ ଭାବରେ) ଆୟୋଜନ କରିଛି । ଶ୍ୟାମ ମେଟାଲିକ୍ସ ଲପାଙ୍ଗାର ଜି.ଏମ୍ , ମାନବସମ୍ବଳ ଶ୍ରୀ ଭୂପିନ୍ଦର ସିଂହ କୁଶୱାହା ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ । ପ୍ରତିଷ୍ଠାନ ପକ୍ଷରୁ

ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ପ୍ରଦାନ କରିଥିଲେ. ଏବଂ ଶ୍ୟାମ ମେଟାଲିକ୍ସ ର କାର୍ଯ୍ୟରତ ବୃତ୍ତିଗତ ଇଂଜିନିୟମାନଙ୍କୁ କାର୍ଯ୍ୟକ୍ରମର ସୂଚୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆଇଟି, ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମ କୃଷ୍ଣ ସାବତ ଡି ଆର୍ ଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କର ବକ୍ତୃତା ଉପସ୍ଥାପନ କରିଥିଲେ। ଅପରାହ୍ନ ଅଧିବେଶନରେ, ଡକ୍ଟର ରାମକୃଷ୍ଣ ସାବତ, ଶ୍ୟାମ ମେଟାଲିକ୍ସ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କୁ ଇଣ୍ଡ୍ୟୁସିଅନ୍ ଫର୍ଣ୍ଣେସ୍ ଦ୍ୱାରା ଇସ୍ପାତ ତରଳାଇବା, ବୈଦ୍ୟୁତିକ ଆର୍କ ଫର୍ଣ୍ଣେସ୍, ହିଟ୍ ଟ୍ରିଟମେଣ୍ଟ ଏବଂ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ଏକ ବିସ୍ତୃତ ଆଦାନପ୍ରଦାନ ଅଧିବେଶନ ଉପସ୍ଥାପନ କରିଥିଲେ। ପରିଶେଷରେ ପ୍ରତିଷ୍ଠାନର ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ସଫଳତାର ସହ ସମାପ୍ତ ହୋଇଛି ଓ ଅଂଶଗ୍ରହଣକାରୀମାନଙ୍କଠାରୁ ପ୍ରଶଂସା ପତ୍ର ଗ୍ରହଣ କରାଯାଇଛି ।

# ଫୋର୍ଟିସ୍ ହସ୍ପିଟାଲରୁ ନୂଆ ଜୀବନ ପାଇଲେ ଆହତ ଦମ୍ପତି

ଭୁବନେଶ୍ୱର (ସବ୍ୟୁ) : ମୁମ୍ବାଇର ଫୋର୍ଟିସ୍ ହସ୍ପିଟାଲ୍ ମୁଲୁଣ୍ଡରୁ ନୂଆ ଜୀବନ ପାଇ ଘରକୁ ଫେରିଛନ୍ତି ଦମ୍ପତି ସୁନୀଲ ଅଗ୍ରୱାଲ ଏବଂ ସବିତା ଅଗ୍ରୱାଲ।

ରାଉରକେଲାରେ ଘଟିଥିବା ବିମାନ ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ପ୍ରାଥମିକ ଭାବରେ ଜରୁରୀକାଳୀନ ପରିଚାଳନା ପାଇଁ ସ୍ଥାନୀୟ ଟ୍ରମା ସେଣ୍ଟରକୁ ପଠାଯାଇଥିଲା । ରାଉରକେଲାର ଡାକ୍ତରୀ ଦଳ ମୁମ୍ବାଇର ଫୋର୍ଟିସ୍ ହସ୍ପିଟାଲ୍ ମୁଲୁଣ୍ଡର ବରିଷ୍ଠ ପରାମର୍ଶଦାତା - ଅର୍ଥୋପେଡିକ୍ସ ସର୍ଜରୀ ଡାକ୍ତର ସଚିନ ଭୋନ୍ସଲେଙ୍କ ସହ ପରାମର୍ଶ କରିଥିଲେ । ସେମାନଙ୍କ ସ୍କାନ ଏବଂକ୍ଲିନିକାଲ୍ ସ୍ଥିତିର ସତର୍କତାର ସହିତ ବିଶ୍ଳେଷଣ କରିବା ପରେ, ରୋଗୀମାନଙ୍କୁ ମୁମ୍ବାଇ ସ୍ଥାନାନ୍ତର କରିବା ପୂର୍ବରୁ ସ୍ଥାନୀୟ ଭାବରେ ସ୍ଥିର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେମାନଙ୍କ ଅବସ୍ଥା ସ୍ଥିର ହେବା ପରେ, ଦମ୍ପତିଙ୍କୁଜାନୁଆରୀ ୧୧, ରେ ଏକ ଏୟାର ଆମ୍ବୁଲାନ୍ସରେ ମୁମ୍ବାଇର ଫୋର୍ଟିସ୍ ହସ୍ପିଟାଲ୍ ମୁଲୁଣ୍ଡକୁ ବିମାନରେ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେମାନଙ୍କର ଚିକିତ୍ସା କରାଯାଇଥିଲା ।ଆରୋଗ୍ୟ ଲାଭ କରିବା ପରେ ଦମ୍ପତି ଡାକ୍ତର, ନର୍ସ, ପ୍ରଶାସନିକ କର୍ମଚାରୀ ଏବଂ ସହାୟକ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ମାଟି ବୋଝେଇ ଟ୍ରାକ୍ଟର ଛାଡି ଚାଳକ ଚମ୍ପଟ, ଥାନାରେ ମାମଲା

ଗୋପ, (ସବ୍ୟୁ): ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଏବେ ଆକ୍ସନ ମୁଡ୍‌ରେ ଥିବା ବେଳେ ବେଆଇନ ଭାବବରେ ବିଭିନ୍ନ ସରକାରୀ ଜମିରୁ ଚୋରା ରେ ମାଟି ବାଲି ଉଠାଉଥିବା ଦୃବୃତ ମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି ।ତହସିଲଦାର ଶ୍ରୀ ଦାଶ ଗୋଟିଏ ନମ୍ବର ବିହୀନ ମାଟି ବୋଝେଇ ଟ୍ରାକଟର ଜବତ କରିଥିବା ବେଳେ ଘଟଣା ସ୍ଥଳରୁ ମାଟି ବୋଝେଇ ଟ୍ରାକଟର ଛାଡି ଚାଳକ ଫେରାର ହୋଇଯାଇଥିବା ଗୋପ ଥାନା ଅଧିକାରୀ କହିଛନ୍ତି । ଏସମ୍ପର୍କରେ ଗୋପ ଥାନାରେ ଏକ ମାମଲା ରୁଜୁ ହୋଇଛି ।

ପ୍ରକାଶ ଯେ ଦୁଇ ଦିନ ତଳେ ଗୋପ ତହସିଲଦାର ଦୁଇ ଗୋଟି ବାଲି ବୋଝେଇ ହାଇବା ଜବତ କରିଥିବ ବେଳେ ଚୋରା ଚାଲାଣ କରୁଥିବା ବାଲି ମାଟି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ । କିଛି ଦିନ ଧରି ଗୋପ ତହସିଲ ଅନ୍ତର୍ଗତ ଅଣ୍ଡରା ଇଚ୍ଛାପୁର, ଗୋପ, ନାଗପୁର, ବେଦପୁର, ଡଭାର, ଗଣେଶ୍ୱରପୁର , ନୂଆଖୋଲମରା, ରାହଁଗୋରଡ଼ା, ବଣିଆ ସାହି ପଞ୍ଚାୟତ ସହିତ ଆଉ କେତକ ପଞ୍ଚାୟତରୁ ଦୈନ ଦିନ ମାଟି ବାଲି ଚୋରା ଚାଲାଣ କରାଯାଉଥିବା ଭଳି ଅଭିଯୋଗ ହେଉଥିଲା ।ଏହି ସବୁ ଅଭିଯୋଗକୁ ଗୁରୁତ୍ୱ ଦେଇ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଏହି ଚଢ଼ାଉ ଜାରି ରଖିଥିବା ଜଣା ପଡ଼ିଛି ।ଜବତ ମାଟି ବୋଝେଇ ଟ୍ରାକଟର କୁ ନେଇ ଗୋପ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ କହିଛନ୍ତି ।

# ଅଟୋ ଦୁର୍ଘଟଣାରେ : ୪ ଅଙ୍ଗନୱାଡ଼ି କର୍ମୀ ଆହତ

ବାଲିପାଟଣା, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ଥାନା ଅଞ୍ଚଳର ମହାବୀରପୁବାଗଡ଼ ରାସ୍ତାରେ ଗୁରୁବାର ସକାଳେ ଏକ ଦ୍ରୁତଗାମୀ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ୪ ଜଣ ମହିଳା ଅଙ୍ଗନଓ୍ୱାଡ଼ି କର୍ମୀ ଆହତ ହୋଇଛନ୍ତି । ଏଥିରେ ଜଣେ କର୍ମୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ବାଲିପାଟଣା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗର ତୁରିନ୍ତିରାସ୍ଥିତ କଲ୍ୟାଣ ମଣ୍ଡପରେ ଗୁରୁବାର ଦିନି ବ୍ଲକ ସ୍ତରୀୟ ପ୍ରୋଜେକଫ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଯୋଗଦେବା ପାଇଁ ବ୍ଲକ ଅନ୍ତର୍ଗତ ୧୫୪ ଟି ଅଙ୍ଗନବା କେନ୍ଦ୍ରରୁ କର୍ମୀମାନେ ଏକ ଅଟୋରେ ଯାତ୍ରା କରୁଥିଲେ ।ମହାବୀରରୁ ପୁବାଗଡ଼ ଦିଗକୁ ଯାଉଥିବା ସମୟରେ ଅଟୋଟି ଏକ କାରକୁ ଓଭରଟେକ କରିବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଗାଡ଼ିଭିତରେ ଥିବା କର୍ମୀମାନେ ଚାପି ହୋଇ ଆହତ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦୨୫-୨୬ରେ...

ସଂଗ୍ରହ ବଜେଟ୍ ବାର୍ଷିକ ଲକ୍ଷ୍ୟର ୫୩%ରେ ପହଞ୍ଚିଛି । ପୁଞ୍ଜି ବ୍ୟୟ ବୃଦ୍ଧି ରେକର୍ଡ କରିଛି ନଭେମ୍ବର ୨୦୨୫ ସୁଦ୍ଧା ବଜେଟ ଆବଣ୍ଟନର ୬୦% ହୋଇଛି ।

ବିଶ୍ୱ ବାଣିଜ୍ୟ ଅନିଶ୍ଚିତତାର ପୃଷ୍ଠଭୂମିରେ ଭାରତର ମୋଟ ରପ୍ତାନୀ ୨୦୨୪-୨୫ରେ ୮୨୫.୩ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି । ୨୦୨୫-୨୬ରେ ଏହି ଗତି ଜାରି ରହିଛି । ୧୬ ଜାନୁଆରୀ ୨୦୨୬ ସୁଦ୍ଧା ୧୧ ମାସରୁ ଅଧିକ ଆମଦାନୀ ଓ ସେପ୍ଟେମ୍ବର ୨୦୨୫ ସୁଦ୍ଧା ବକେୟା ବାହ୍ୟ ଋଣର ପ୍ରାୟ ୩୪% ବିଦେଶୀ ଭଣ୍ଡାରରେ ଅନ୍ତର୍ଭୁକ୍ତ କରାଯାଇଛି । ବିଶ୍ୱ ଅର୍ଥନୀତି ପାଇଁ ଦୃଷ୍ଟିକୋଣ ମନ୍ଥର ରହିଛି । ନିମ୍ନଗାମୀ ବିପଦ ପ୍ରାଧାନ୍ୟ ବିସ୍ତାର କରୁଛି । ବିଶ୍ୱସ୍ତରରେ ଅଭିବୃଦ୍ଧି ସାଧାରଣ ରହିବ ବୋଲି ଆଶା କରାଯାଉଛି । ଯାହା ବ୍ୟାପକ ଭାବରେ ସ୍ଥିର ସାମଗ୍ରୀ ମୂଲ୍ୟଧାରା ଆଡକୁ ନେଉଛି ସାମ୍ପ୍ରତିକ ବର୍ଷଗୁଡ଼ିକରେ ନୀତିଗତ ସଂସ୍କାରରେ ସଂଗୃହିତ ପ୍ରଭାବ ଅର୍ଥନୀତିର ମଧ୍ୟମକାଳୀନ ଅଭିବୃଦ୍ଧି ସମ୍ଭାବନାକୁ ୭% ନିକଟତର କରିଥିବା ମନେ ହେଉଛି । ବର୍ଷକ ମଧ୍ୟରେ ଯୁକ୍ତରାଷ୍ଟ୍ର ସହ ଚାଲିଥିବା ବାଣିଜ୍ୟ ଆଲୋଚନା ସମାପ୍ତ ହେବ ବୋଲି ଆଶା କରାଯାଉଛି । ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଭାରତରେ ସ୍ଥିର ଅଭିବୃଦ୍ଧିର ସମ୍ଭାବନା ରହିଛି ।

### ସୁନା...

ରୁପା କେଜି ୬୦ ହଜାର ଟଙ୍କା ବଢ଼ିଛି । ଚଳିତ ମାସ ୨୩ ତାରିଖ ପରଠାରୁ ରୁପା ଦର ଲଗାତାର ଭାବେ ବୃଦ୍ଧି ପାଉଛି । ଏହି ୭ ଦିନରେ ତାହା ୮୫ ହଜାର ଟଙ୍କା ମହଙ୍ଗା ହୋଇଛି । ଆମେରିକାର ଫେଡେରାଲ ରିଜର୍ଭର ସୁଧ ନିଷ୍ପତ୍ତି ଉପରେ ସମସ୍ତ ନଜର ରହିଥିବାରୁ ସୁନା ଓ ରୁପା ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି । ଏହା ବ୍ୟତୀତ ବାଣିଜ୍ୟ କଟକଣା, ଭୂରାଜନେତିକ ସଙ୍କଟ ଓ ଶକ୍ତିଶାଳୀ ଡଲାର ମଧ୍ୟ ଏହି ଦୁଇ ମୂଲ୍ୟବାନ ଧାତୁ ଦରବୃଦ୍ଧିର କାରଣ ହୋଇଛି । ଅନିଶ୍ଚିତତା ସମୟରେ ନିବେଶକମାନେ ସୁନା ଓ ରୁପା ଭଳି ସୁରକ୍ଷିତ ମାଧ୍ୟମରେ ନିବେଶ କରିବାକୁ ପସନ୍ଦ କରିଥାନ୍ତି। ସେମାନେ ନିବେଶ ବଢ଼ାଉଥିବାରୁ ଉଭୟ ସୁନା ଓ ରୁପାର ଚାହିଦା ବଢ଼ିବା ସହ ତାହାର ଦରବୃଦ୍ଧି ଘଟିଛି । ସମଗ୍ର ବିଶ୍ୱରେ ଯୋଗାଣ ତୁଳନାରେ ଚାହିଦା ଅଧିକ ରହୁଛି । ଶିଳ୍ପ କାରଖାନାରେ ମଧ୍ୟ ରୁପାର ବ୍ୟବହାର ବଢ଼ିଛି । ବିଶେଷ କରି ଇଲେକଟ୍ରିକ ଯାନ, ସୋଲାର ଉପକରଣ, ଗାଡ଼ି ଶିଳ୍ପରେ ରୁପା ଉପଯୋଗ ବୃଦ୍ଧି ପାଇଛି ।

### ନୂଆ...

ଖଣ୍ଡପୀଠ ମାମଲାର ଶୁଣାଣି କରି ଶିକ୍ଷାନୁଷ୍ଠାନରେ ମୁକ୍ତ, ସମାନ ଓ ଅନ୍ତର୍ଭୁକ୍ତିମୂଳକ ପରିବେଶ ଚାହୁଁଥିବା କହିଥିଲେ। ନୂତନ ନିୟମାବଳୀ ସମାଜକୁ ବିଭାଜିତ କରିବାରେ ସକ୍ଷମ । ଆବେଦନକାରୀମାନେ ୟୁଜିସିର ନୂଆ ନିୟମଗୁଡ଼ିକୁ ଅନୁଚିତ ଏବଂ ଏଥିରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ରହିଛି ବୋଲି ଦର୍ଶାଇବା ସହ ସମ୍ଭାବ୍ୟ ଅପବ୍ୟବହାର ନେଇ ଆଶଙ୍କା ବ୍ୟକ୍ତ କରିଥିଲେ । ସାଧାରଣବର୍ଗଙ୍କ ପକ୍ଷରୁ କୋର୍ଟଙ୍କ ସମ୍ମୁଖରେ ଦାଖଲ ହୋଇଥିବା ଆବେଦନଗୁଡ଼ିକରେ ଅଭିଯୋଗ କରାଯାଇଥିଲା ଯେ ୟୁଜିସି ଜାତିଭିତ୍ତିକ ଭେଦଭାବ, ପରିଭାଷା କିଛି ବର୍ଗଙ୍କୁ ସଂସ୍ଥାଗତ ସୁରକ୍ଷାରୁ ବାଦ୍ ଦେଇଛି । ପ୍ରଧାନ ବିଚାରପତି ୟୁଜିସିକୁ ପଚାରିଛନ୍ତି ଯେ ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଜାତିବିହୀନ ସମାଜ ଗଠନ କରିବା ପାଇଁ ଆମେ ଯାହାସବୁ ହାସଲ କରିଛୁ ପୁଣି ସେ ସବୁକୁ ନେଇ ପୁଣି ଗୋଟିଏ କ'ଣ ରକ୍ଷଣଶୀଳ ସମାଜ ଗଠନ କରୁଛେ କି? ର୍ୟାଗିଂରେ ଘଟୁଥିବା ସବୁଠୁ ଖରାପ ଜିନିଷ ହେଉଛି ଯେ ଦକ୍ଷିଣ ଓ ଉତ୍ତରପୂର୍ବରୁ ଆସୁଥିବା ଶିକ୍ଷାର୍ଥୀମାନେ ନିଜସ୍ୱ ସଂସ୍କୃତି ନେଇ ଆସନ୍ତି । କିନ୍ତୁ ଏ ସମ୍ପର୍କରେ ଜାଣିନଥିବା କିଛି ଅଜଣା ଲୋକ ସେମାନଙ୍କ ଉପରେ ଟିପ୍ପଣୀ କରନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଯଦି ଆମେ ଏଥିରେ ହସ୍ତକ୍ଷେପ ନ କରିବୁ ତେବେ ଭୟଙ୍କର ପ୍ରଭାବ ପଡିବ । ଏହା ସମାଜକୁ ଭାଗ ଭାଗ କରିପାରେ। ଏହାର ସାଂଘାତିକ ପ୍ରଭାବ ଭବିଷ୍ୟତରେ ଦେଖାଯାଇପାରେ। ପ୍ରାଥମିକ ଆକଳନରୁ ନିୟମର ଭାଷା ଅସ୍ପଷ୍ଟ ଓ ଏହାକୁ ବିଶେଷଜ୍ଞମାନେ ଦେଖିବା ଆବଶ୍ୟକ ।

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
A-1333 LOWER INDRA CANAL DIVISION NO-III, BANGOMUNDA
AT/PO-BORABAHAL DIST:-BALANGIR, ODISHA, PIN:-767040
e-Procurement Notice No. SELICD-01/2025-26, Dt.17.01.2026 (online)
E-mail ID: eelicd3bangomunda@gmail.com

1st CORRIGENDUM

No. 61 / Dated : 21.01.2026

In partial modification of this office **e-Procurement Notice No. SELICD-01/2025-26, dated 17.01.2026 (Online)**, issued by the Superintending Engineer, Lower Indra Canal Division No-III, Bangomunda, it is hereby notified that **due to unavoidable circumstances**, the following amendment has been made:

The Bid Submission Closing Time has been revised to **10.00 A.M. on 02.02.2026** in place of 5.00 P.M. on 01.02.2026.

All other terms and conditions of the tender shall remain unchanged.

Sd/- (Er. Soumya Kishore Jaipuria)
Superintending Engineer,
Lower Indra Canal Division No-III, Bangomunda

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
13001/7/2526
OFFICE OF THE MUNICIPAL COUNCIL : JATANI
ସ୍ଥାନ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At-Ps- Jatani, Dist- Khordha (Odisha), Pin-752050
E-mail-municipalityjatni@gmail.com, Phone. No. 0674-2490626
No. 521 / Jatni, Date- 28.01.2026

Expression of Interest

Sealed quotations are invited from registered Architectural Firms/Reputed Firms having valid Income Tax, GST Registration Certificates and Company Registered Certificate for "Supply of items as mentioned in list in respect of Jatni Municipality" in two cover bid. The cover 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes conveyance etc complete in all respect. The tender paper will be available in Jatni Municipality Office on payment of Rs. 1000/- (Rupees One Thousand) and EMD of Rs.3,000/- (Rupees Three Thousand) in shape of Bank Draft/Cheque/Card transaction in favour of Executive Officer, Jatni Municipality payable at Jatni. The Quotation will be received on or before dt. 17.2.26 at 3:00 pm and the bid will be opened at 4:00 pm in the presence of the bidders or their authorized representative. The details of quotation schedule available in office of undersigned or downloaded from www.khordha.nic.in / www jatnimunicipality.in.

The undersigned reserves all rights to accept / reject any or all EOI without assigning any,, reason thereof.

OIPR : 13001/13041/1/25-26/0007

Sd/- Executive Officer
Jatni Municipality

ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର/ ଚକ୍ରଧରପୁର ନିମ୍ନ ସୂଚିତ ଟେଣ୍ଡର ନଂ ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୧୯.୦୨.୨୦୨୬ ତାରିଖ ୧୫.୦୦ ଘଣ୍ଟିକା ସମୟରେ ଖୋଲାଯିବାର ଅଛି । ଏହି ଟେଣ୍ଡର ବିପକ୍ଷରେ ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. ଟେଣ୍ଡର ନୋଟିସ୍ ନଂ ଓ କାର୍ଯ୍ୟର ନାମ ନିମ୍ନରେ ଦିଆଯାଇଛି : ୧. ଏସ୍‌ଡି-ସିକେପି-ଓଟି-୨୫-୨୬-୧୧୦ । ୧୧ଟି ଅବସ୍ଥିତିରେ ହାତୀମାନଙ୍କର ଚଳପ୍ରଚଳ ପାଇଁ ହାତୀ ଚଲାପଥ (ଅଣ୍ଡର ପାସ୍/ଓଭର ପାସ୍) ଚଲାପଥ ନିର୍ମାଣ ସହାଣେ ଏସ୍ ଆଣ୍ଡ ଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୧,୮୪,୦୬,୧୪୧.୪୦, ଅମାନତ ଅର୍ଥ : ଟ. ୨,୪୭,୦୦୦/- । ୨. ଏସ୍‌ଡି-ସିକେପି-ଓଟି-୨୫-୨୬-୧୧୧ । ଏସ୍ଏସ୍ଇ/ସିଗ୍ନାଲ/ଚକ୍ରଧରପୁର ଅଧୀନରେ ଦୁଇ ବର୍ଷ ପାଇଁ ସିଗ୍ନାଲିଂ ଗିଅର ଓ ବୃତନ୍ତ୍ର କାର୍ଯ୍ୟର ରକ୍ଷଣାବେକ୍ଷଣ ପାଇଁ ଭଡ଼ା ସୂତ୍ରରେ ଚୁକ୍ତିଭିତ୍ତିକ ଷ୍ଟାଫ୍ । ଟେଣ୍ଡର ମୂଲ୍ୟ : ଟ. ୧,୨୩,୬୦,୩୬୦/- , ଅମାନତ ଅର୍ଥ : ଟ. ୨,୧୧,୮୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଟ. କ୍ର.ନଂ ୧ ପାଇଁ ଶୂନ୍ୟ ଏବଂ କ୍ର.ନଂ. ଟ. ୫,୦୦୦/- । ସମାପ୍ତି ସମୟ : କ୍ର.ନଂ. ୧ ପାଇଁ ୧୨ ମାସ ଓ କ୍ର.ନଂ. ୨ ପାଇଁ ୨୪ ମାସ । କ୍ର.ନଂ. ୧୧୧ ପାଇଁ "ଦୁଇ ପ୍ୟାକେଟ୍ ସିଷ୍ଟମ" (ଟେକ୍ନିକାଲ, ଫାଇନ୍-ସର୍ଭିସ୍ ଟେଣ୍ଡର) ରେ ଟେଣ୍ଡର ପଡାଯିବ ଏବଂ କ୍ର.ନଂ. ୧୧୦ରେ "ସିଙ୍ଗଲ ପ୍ୟାକେଟ୍ ସିଷ୍ଟମ"ରେ ଟେଣ୍ଡର ପଡିବ । ସବିଶେଷ ଟେଣ୍ଡର ବିବରଣୀ ୱେବସାଇଟ www.ireps.gov.in ରେ ଦେଖାପାରିବେ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । କ୍ର.ନଂ. ୧୧୦ ପାଇଁ ଇ-ଟେଣ୍ଡର ଫର୍ମ ମାଗଣାରେ ଯୋଗାଇ ଦିଆଯିବ ।

(PR-1116)

CDA

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ ରୋଡ୍,କଟକ-୧୨

ସୂଚନା

ଏତଦ୍ ଦ୍ୱାରା ରତାଗଡ଼ ଲେଙ୍କାସାହି ଓ ଚଣ୍ଡୀପ୍ରସାଦ ଗ୍ରାମର ସମସ୍ତ ଜମି ମାଲିକଙ୍କୁ ଜଣାଇ ଦିଆଯାଉଛି ଯେ ପ୍ରସ୍ତାବିତ ଟାଉନ୍ ପ୍ଲାନିଂ ଯୋଜନା-୧ (TP Scheme-1) ସନ୍ଦର୍ଭରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆସନ୍ତା ୩୧ ଜାନୁଆରୀ ସକାଳ ୧୦ ଘଟିକାରେ ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯିବ।

ଏହି ସଭାରେ ଟାଉନ୍ ପ୍ଲାନିଂ ଯୋଜନା-୧ ସହ ସମ୍ପର୍କିତ ବିଷୟ ତଥା ସ୍ଥାନୀୟବାସିନ୍ଦାଙ୍କ ମତାମତ, ପ୍ରସ୍ତାବ ବିଷୟରେ ଆଲୋଚନା କରାଯିବ। ଉକ୍ତ ସଭାରେ ଉପସ୍ଥିତ ରହିବା ପାଇଁ ସମସ୍ତ ବାସିନ୍ଦା, ଜମି ମାଲିକ ଓ ହିତାଧିକାରୀମାନଙ୍କୁ ଅନୁରୋଧ କରାଯାଉଛି।

ଉପାଧକ୍ଷ
କଟକ ଉନ୍ନୟନ କର୍ତ୍ତୃପକ୍ଷ

ଜଷ୍ଟିସ (ଅବସରପ୍ରାପ୍ତ) ଆର.ଏମ୍. ଲୋଧା କମିଟି
(ପିଏସିଏଲ ଲିଃ. ପ୍ରସଙ୍ଗରେ)

ସର୍ବସାଧାରଣ ନୋଟିସ୍

ହରିଆଣା- କୁରୁକ୍ଷେତ୍ର, ଓଡ଼ିଶା- ନୟାଗଡ଼, ଦିଲ୍ଲୀ- ଦକ୍ଷିଣ ପୂର୍ବରେ ପିଏସିଏଲ ଲିଃ.ର ସମ୍ପତ୍ତିର ଇ-ନିଲାମ ।

୧. ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଫେବୃଆରୀ ୦୨, ୨୦୧୬ ତାରିଖର ଆଦେଶ ଅନୁଯାୟୀ ଏବଂ ଅନୁଯାୟୀ ଗଠିତ ବିଚାରପତି (ଅବସରପ୍ରାପ୍ତ) ଆର.ଏମ୍. ଲୋଧା କମିଟି (ପିଏସିଏଲ୍ ଲିମିଟେଡ୍ ପ୍ରସଙ୍ଗରେ), ପିଏସିଏଲ୍ ଲିମିଟେଡ୍ ଦ୍ୱାରା କ୍ରୟ କରାଯାଇଥିବା ଜମିର ବିନିଯୋଗ ପାଇଁ ସିଭିଲ୍ ଅପିଲ୍ ନମ୍ବର ୧୩୩୦୧/୨୦୧୫ ଶୀର୍ଷକ ସୁବ୍ରତ ଭଟ୍ଟାଚାର୍ଯ୍ୟ ବନାମ ସେବି ଏବଂ ଅନ୍ୟାନ୍ୟ ସହିତ ଜଡିତ ମାମଲା ସହିତ ଭାରତର ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ପାସ୍ କରାଯାଇଛି । ବିକ୍ରୟ ଅର୍ଥ ଏହାର ନିବେଶକମାନଙ୍କୁ ପ୍ରଦାନ କରାଯାଇପାରିବ, ଯାହାଦ୍ୱାରା ଉପରୋକ୍ତ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଗୃହୀତ ଅଗଷ୍ଟ ୦୮,୨୦୨୪ ତାରିଖର ନିର୍ଦ୍ଦେଶ ପାଳନ କରି, **ହରିୟାଣା- କୁରୁକ୍ଷେତ୍ର, ଓଡିଶା-ନୟାଗଡ, ଦିଲ୍ଲୀ- ଦକ୍ଷିଣ ପୂର୍ବ**ରେ ଅବସ୍ଥିତ ସମ୍ପତ୍ତିର ଇ-ନିଲାମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି ଏବଂ ଫଳସ୍ୱରୂପ ପ୍ରସ୍ତାବ ପାଇଁ ଅନୁରୋଧ (ଆରଏଫ୍‌ପି) ଜାରି କରିଛି ଯାହା https://www.sebi.gov.in/notice-for-eoi-proposals.html,https://www.bankeauctions.com ରେ ପ୍ରବେଶ କରାଯାଇପାରିବ ।

୨. ସମ୍ପତ୍ତି ଡକ୍ୟୁମେଣ୍ଟଗୁଡିକ https://sebipaclproperties.com ଏବଂ https://www.bankeauctions.com ରେ ପ୍ରବେଶ କରାଯାଇପାରିବ ।

୩. ଇ-ନିଲାମରେ ଅଂଶଗ୍ରହଣ ପାଇଁ ବିବରଣୀ ଆରଏଫପିରେ ଉପଲବ୍ଧ । ଆରଏଫ୍‌ପିର ମୁଖ୍ୟ ତାରିଖଗୁଡ଼ିକ ନିମ୍ନରେ ପ୍ରଦତ୍ତ: -

- ଆରଏଫ୍‌ପି ପ୍ରକାଶନ ତାରିଖ - ଜାନୁଆରୀ ୩୦, ୨୦୨୬
- ବିଡ୍ ଦାଖଲର ଆରମ୍ଭ ତାରିଖ - ଜାନୁଆରୀ ୩୦, ୨୦୨୬
- ପ୍ରଶ୍ନ ଦାଖଲର ଶେଷ ତାରିଖ - ଫେବୃଆରୀ ୧୩, ୨୦୨୬
- ବିଡ୍ ଦାଖଲର ଶେଷ ତାରିଖ ଏବଂ ସମୟ - ମାର୍ଚ୍ଚ ୦୯, ୨୦୨୬ (୧୭:୦୦ ଘଣ୍ଟା)
- ଇ-ନିଲାମର ଆରମ୍ଭ ତାରିଖ - ମାର୍ଚ୍ଚ ୨୩, ୨୦୨୬ (୧୧:୦୦ ଘଣ୍ଟା)

ପ୍ରଯୁଜ୍ୟ ସର୍ତ୍ତାବଳୀ :

- ସମସ୍ତ ସମ୍ପତ୍ତି ଯେପରି ଅଛି, ଯେଉଁଠାରେ ଅଛି, ଯାହା ଅଛି ଆଧାରରେ ବିକ୍ରି କରାଯିବ ଏବଂ କ୍ରେତା ଏଥି ସହିତ ଜଡିତ ସମସ୍ତ ଦାବି, ଦାୟୀ ଏବଂ/ଅଥବା ଭାର ପାଇଁ ଦାୟୀ ରହିବେ ।
- ଏହି ନୋଟିସରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିର ବିବରଣୀ ଏବଂ ଏହି ଟେଣ୍ଡର ଡକ୍ୟୁମେଣ୍ଟ ଅଧୀନରେ ଆରଏଫ୍‌ପି ବିକ୍ରେତାଙ୍କୁ ଉପଲବ୍ଧ ବିବରଣୀ ଅନୁଯାୟୀ ଅଟେ ଏବଂ ବିକ୍ରେତା କିମ୍ବା ଏଜେନ୍ସି କୌଣସି କାରଣରୁ ସମ୍ପତ୍ତିର ପରିମାଣରେ କୌଣସି ପରିବର୍ତ୍ତନ ପାଇଁ ଦାୟୀ ରହିବେ ନାହିଁ ।
- ସମ୍ପତ୍ତି/ସେମାନଙ୍କର ଟାଇଟଲ୍ ଡିଡ୍‌ରେ କୌଣସି ପ୍ରକାରର ଅସଙ୍ଗତି ପାଇଁ କମିଟି କୌଣସି ପ୍ରକାରେ ଦାୟୀ ରହିବ ନାହିଁ ଏବଂ ବିଡରମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସମ୍ପତ୍ତିର ଟାଇଟଲ୍ ସମ୍ପର୍କରେ ନିଜର ସ୍ୱାଧୀନ ଯତ୍ନ ଅଭ୍ୟାସ କରିବା ପରେ ହିଁ ସେମାନଙ୍କର ବିଡ ଦାଖଲ କରନ୍ତୁ ।

CBC 15204/12/0226/2526

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କଟକ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

## ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ) : ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଗୁରୁବାର ଉନ୍ନତି ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କଟକ ସହରର ଜାରି ରହିଥିବା ଏବଂ ପ୍ରସ୍ତାବିତ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସିଲଭର ସିଟି ବା କଟକର ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା, ନାଗରିକ ସୁବିଧା ସୁଯୋଗରେ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କ ଜୀବନଶୈଳୀକୁ ଉନ୍ନତ କରିବା ଲକ୍ଷ୍ୟରେ କଟକ ମହାନଗର ନିଗମ (ସିଏମସି) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସିଏମସି କମିଶନର ତଥା ସିଡିଏ ଭିସି କିରଣଦୀପ କୌର ସାହୋତା ପ୍ରାଥମିକତା ଭିତ୍ତିକ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ । ଗୋରା କବର ବିକାଶ ଏହାର ଐତିହାସିକ ଗୁରୁତ୍ୱକୁ ବଜାୟ ରଖିବା ସହ ସୌନ୍ଦର୍ଯ୍ୟକରଣ କରାଯିବା , ରାଜସ୍ୱ ବିଭାଗ ଅଧୀନରେ ଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ସେଗୁଡ଼ିକର ଆଖପାଖରେ ଥିବା ଖାଲି ସ୍ଥାନର ସଦୁପଯୋଗ କରି ପରିବେଶରେ ସନ୍ତୁଳନ ରକ୍ଷା କିରବା, ସହରାଞ୍ଚଳରେ ଗୋରୁ ଗାଈଙ୍କ ଉପଯୁକ୍ତ ପରିଚାଳନା ପାଇଁ ଗୋଶାଳାର ଆଧୁନିକୀକରଣ ଓ ସମ୍ପ୍ରସାରଣ। ବହୁମୁଖୀ ପାର୍କର ବିକାଶ, ମାଛ ବଜାରର ସମ୍ପ୍ରସାରଣ ଏବଂ ସହରର ସମସ୍ତ ପାର୍କର ସଠିକ୍ ରକ୍ଷଣାବେକ୍ଷଣ



ଏବଂ ସ୍ଥାୟୀ ଏବଂ ସମାବେଶୀ ନଗର ଉନ୍ନୟନ ପାଇଁ ଅନ୍ୟାନ୍ୟ ଜନକଲ୍ୟାଣକାରୀ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନ କରିଥିଲେ ।ଅଧିକାରୀମାନଙ୍କୁ ସମ୍ବୋଧିତ କରି ଡକ୍ଟର ମହାପାତ୍ର ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ ସିଏମସି ଏବଂ ସିଡିଏ ମଧ୍ୟରେ ସମନ୍ୱୟ ରକ୍ଷା କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କଟକବାସୀଙ୍କ ଆଶା ପୂରଣ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ସେ ଦୋହରାଇବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା, ଗୁଣବତ୍ତା ବଜାୟ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ସିଏମସି ଏବଂ ସିଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କଟକର ଐତିହ୍ୟ ସଂରକ୍ଷଣ ସହିତ ଆଧୁନିକ ସହରୀ ବିକାଶର ସମନ୍ୱୟ ରକ୍ଷା କରି ଏହାର ସର୍ବାଙ୍ଗୀନ ରୂପାନ୍ତରଣ ସରକାରଙ୍କର ମୁଖ୍ୟ ପ୍ରାଥମିକତା ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

# ବିଲରୁ ମିଳିଲା ନିଖୋଜ ଡେଲିଭରୀ ବଏଙ୍କ ଶବ

ଭୁବନେଶ୍ୱର, (ସବ୍ୟୁ) : ଦୁଇଦିନ ହେବ ନିଖୋଜ ଥିବା ଡେଲିଭରୀ ବଏ ନୀଳାମ୍ବର ଭୋଇଙ୍କ ଶବ ପାଣ୍ଡରା ନିକଟ ବିଲରୁ ମିଳିଛି । ମଞ୍ଚେଶ୍ୱର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ନୀଳାମ୍ବର ଭୋଇ ଡେଲିଭରୀ ବଏ ଭାବେ କାମ କରିବା ସହ ସପରିବାରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମହାବୀରନଗରରେ ରହୁଥିଲେ । ସେ ଦୁଇଦିନ ହେବ ଘରକୁ ନଫେରିବାରୁ ପରିବାର ଲୋକେ ଲକ୍ଷ୍ମୀସାଗର ଥାନାରେ ଏତଲା କରିଥିଲେ । ଲକ୍ଷ୍ମୀସାଗର ଥାନା ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଗୁରୁବାର ତାଙ୍କ ଶବ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ନିକଟ ବିଲରୁ ମିଳିଛି । ଏ ସମ୍ପର୍କରେ ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଶବ ପଞ୍ଚନାମା କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ଶବ ପରିବାରକୁ ହସ୍ତାନ୍ତର କରାଯାଇଛି । ରାସ୍ତାଠାରୁ ୧୦୦ମିଟର ଦୂରରେ ଶବ ପଡିଥିଲା । ବେକରେ କପଡା ଗୁଡା ହୋଇଥିବା ବେଳେ ତାଙ୍କ ସାଇକେଲ ପାଖରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ମଞ୍ଚେଶ୍ୱର ଥାନା ଇନ୍ସପେକଟର କହିଛନ୍ତି, ସେ ବୋଧେ ଆତ୍ମହତ୍ୟା ପାଇଁ ନିମ୍ବ ଗଛରେ ଝୁଲିପଡିଥିଲା । ବେକରେ ଲାଗିଥିବା କପଡା ଛିଣ୍ଡିଯିବାରୁ ସେ ତଳେ ପଡିଯାଇଥାଇପାରେ । ହେଲେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି ।ତାଙ୍କୁ କେହି ହତ୍ୟା କରି ବିଲରେ ଫୋପାଡି ଦେଇଥିବା ପରିବାର ଲୋକେ ସନ୍ଦେହ କରୁଥିବା ବେଳେ ମଞ୍ଚେଶ୍ୱର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ୩୬ କୋଟି ଭାରତୀୟଙ୍କୁ ଆଡୋବି ଏକ୍ସପ୍ରେସ୍ ପ୍ରିମିୟମର ନିଶୁଳ୍କ ଅଭିଗମ୍ୟତା ପ୍ରଦାନ କଲା ଏୟାରଟେଲ୍

ଭୁବନେଶ୍ୱର , (ସବ୍ୟୁ) : ଭାରତୀ ଏୟାରଟେଲ, ଶୀଘ୍ର ଓ ସହଜ ଭାବେ ସବୁକିଛି ସୃଷ୍ଟି କରିପାରିବା ଆପ୍ 'ଆଡୋବି ଏକ୍ସପ୍ରେସର ଶକ୍ତିକୁ ସାରା ଭାରତର ତାଙ୍କର ୩୬ କୋଟି ଗ୍ରାହକଙ୍କ ହାତରେ ପହଞ୍ଚାଇବାକୁ ଯାଉଛି। ଏହି ଐତିହାସିକ ଏବଂ ପ୍ରଥମ ଥର ପାଇଁ ହୋଇଥିବା ଏହି ଭାଗୀଦାରୀ ମାଧ୍ୟମରେ, ସମସ୍ତ ଏୟାରଟେଲ ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ସୋସିଆଲ୍ ଆସେଟ୍, ମାର୍କେଟିଂ ସାମଗ୍ରୀ, ଛୋଟ ଭିଡିଓ ଏବଂ ସେମାନେ ଯାହାକୁ ଶୀଘ୍ର ଓ ସହଜ ଭାବେ ଡିଜାଇନ କରିବାକୁ ଚାହାଁନ୍ତି, ସେସବୁ ସୃଷ୍ଟି କରିବା ପାଇଁ 'ଆଡୋବି ଏକ୍ସପ୍ରେସ୍ ପ୍ରିମିୟମ୍‌ର ଅଭିଗମ୍ୟତା ମିଳିବ। ପ୍ରାୟ ୪,୦୦୦ ମୂଲ୍ୟର 'ଆଡୋବି ଏକ୍ସପ୍ରେସ୍ ପ୍ରିମିୟମ ଏବେ ଗୋଟିଏ ବର୍ଷ ପାଇଁ ନିଶୁଳ୍କ ଉପଲବ୍ଧ ଥିବାରୁ, ସମସ୍ତ ଏୟାରଟେଲ ଗ୍ରାହକ ତାଙ୍କର ଡିଜାଇନ ଅଭିଜ୍ଞତା ଯେପରି ହେଉ, ନିଜ ସୃଜନାତ୍ମକ କ୍ଷମତାକୁ ପ୍ରକାଶ କରି ପେଶାଦାର ଗୁଣମାନର ବିଷୟବସ୍ତୁ ସୃଷ୍ଟି କରିପାରିବେ। 'ଆଡୋବି ଏକ୍ସପ୍ରେସ୍ ପ୍ରିମିୟମ ସବ୍ସକ୍ରିପ୍ସନ୍ ମୋବାଇଲ୍, ୱାଇ-ଫାଇ ଏବଂ ଡିଟିଏଚ୍ ଗ୍ରାହକ ସହିତ ସମସ୍ତ ଏୟାରଟେଲ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଗ୍ରାହକମାନେ କୌଣସି କ୍ରେଡିଟ୍ କାର୍ଡ ଆବଶ୍ୟକତା ବିନା 'ଏୟାରଟେଲ ଥ୍ୟାଙ୍କ୍ସ ଆପ୍ସ ରେ ଲଗ୍‌ଇନ୍ କରି ଏହି ସବ୍ସକ୍ରିପ୍ସନ୍ ଗ୍ରହଣ କରିପାରିବେ। ଏହି ଭାଗୀଦାରୀ ସମ୍ପର୍କରେ ମତାମତ ରଖି, ଭାର୍ତ୍ତି ଏୟାରଟେଲର ସିଇଓ କନେକ୍ଟେଡ୍ ହୋମ୍ସ ଏବଂ ଡାଇରେକ୍ଟର ମାର୍କେଟିଂ, ସିଦ୍ଧାର୍ଥ ଶର୍ମା କହିଛନ୍ତି। "ଏହି ଭାଗୀଦାରୀ କେବଳ ପ୍ରଯୁକ୍ତି ସମ୍ପର୍କିତ ନୁହେଁ। ଏହା ଆଧୁନିକ ଏଆଇ ଟୁଲ୍‌ମାନଙ୍କ ସାହାଯ୍ୟରେ ଲକ୍ଷାଧିକ ଭାରତୀୟଙ୍କୁ ସୃଜନ ଓ ନବୀନତା ପାଇଁ ସଶକ୍ତ କରିବା ସମ୍ପର୍କିତ। ପ୍ରଥମ ଥର ପାଇଁ ନିଜର ରେଜ୍ୟୁମେ ତିଆରି କରୁଥିବା ଜଣେ ଛାତ୍ରଠାରୁ ଆରମ୍ଭ କରି, ପୋଷ୍ଟର ଡିଜାଇନ କରୁଥିବା ଜଣେ ଛୋଟ ବ୍ୟବସାୟୀ କିମ୍ବା ନିଜ ଅନୁସରଣକାରୀମାନଙ୍କ ପାଇଁ ଭିଡିଓ ସମ୍ପାଦନା କରୁଥିବା ଜଣେ ସ୍ରଷ୍ଟା ପର୍ଯ୍ୟନ୍ତଭୁଆମେ ପ୍ରତ୍ୟେକ ଏୟାରଟେଲ ଗ୍ରାହକଙ୍କୁ ନିଜ ଆତ୍ମପ୍ରକାଶ ପାଇଁ ଆବଶ୍ୟକ ଉପକରଣ ସହିତ ସଶକ୍ତ କରିବାକୁ ଚାହୁଁଛୁ। '

# ଭୁବନେଶ୍ୱରରେ ଆରମ୍ଭ ହେଲା "କଳିଙ୍ଗସ୍ କିଚେନ୍"

## ଘରୋଇ ଶୈଳୀର ଖାଦ୍ୟ ସବସ୍କ୍ରିପସନ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : କଳିଙ୍ଗ ଗ୍ରୁପ୍ କଳିଙ୍ଗସ୍ କିଚେନ୍ ସେବା ଆରମ୍ଭ କରିଛି, ଯାହା ଏକ ମାସିକ ଖାଦ୍ୟ ସବସ୍କ୍ରିପସନ୍ ସେବା । ସହର ସାରା ପରିବାରକୁ ଘରୋଇ ଶୈଳୀ, ପୁଷ୍ଟିକର, ସ୍ୱାସ୍ଥ୍ୟକର ଏବଂ ବଜେଟ୍ ଅନୁକୂଳ ଖାଦ୍ୟ ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି। ନିର୍ଭରଯୋଗ୍ୟ, ସୁସ୍ଥ ଏବଂ ଆରାମଦାୟକ ଦୈନିକ ଖାଦ୍ୟର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସଂକଳ୍ପିତ । କଳିଙ୍ଗସ୍




କିଚେନ୍ ସଦ୍ୟ ପ୍ରସ୍ତୁତ ଖାଦ୍ୟ ପ୍ରଦାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ ଯାହା ପ୍ରକୃତରେ ଘରେ ରନ୍ଧା ଅନୁଭବ ହୁଏ । ଆରାମ, ଯତ୍ନ ଏବଂ ସମୟୋଚିତ ଖାଦ୍ୟ ଖୋଜୁଥିବା ବରିଷ୍ଠ ନାଗରିକ, ଦୈନନ୍ଦିନ ରୋଷେଇ ଘରର କାର୍ଯ୍ୟରୁ ମୁକ୍ତି ଖୋଜୁଥିବା କର୍ମଜୀବୀ ଦମ୍ପତି, ଘରୁ ଦୂରରେ ରହି ସୁଲଭ ଏବଂ ସୁସ୍ଥ ଖାଦ୍ୟ ଆବଶ୍ୟକ କରୁଥିବା ଛାତ୍ରମାନେ, ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ଘରୋଇ ଶୈଳୀର ଖାଦ୍ୟ ହାତ ଛାଡୁନଥିବା କର୍ପୋରେଟ୍ ବୃତ୍ତିଗତ ମାନଙ୍କ ପାଇଁ ଏହି ସେବା ଆରମ୍ଭ କରାଯାଇଛି । କଳିଙ୍ଗ ' କିଚେନ୍ ପ୍ରତିଦିନ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନ ବିତରଣ ପ୍ରଦାନ କରେ। ଉନ୍ମୋଚନ ଅବସରରେ, କଳିଙ୍ଗସ ଗ୍ରୁପର ନେତୃତ୍ୱ କହିଥିଲେ ଯେ କଳିଙ୍ଗସ୍ କିଚେନ୍ "ଆମ ରୋଷେଇ ଘରଠାରୁ ଆପଣଙ୍କ ଘର ପର୍ଯ୍ୟନ୍ତ" ଏକ ସରଳ ଦର୍ଶନରେ ମୂଳ ସୁସ୍ଥ, ଘରୋଇ ଶୈଳୀ ଏବଂ ଅସୁବିଧା ମୁକ୍ତ ଖାଦ୍ୟ ଯୋଗାଇବା ।କଳିଙ୍ଗସ୍ କିଚେନର ପରିଚାଳନା ନିର୍ଦ୍ଦେଶକ ଟୁଟୁଲ୍ କିଶୋର ଦାସ ଏବଂ ନିର୍ଦ୍ଦେଶକ ସିକତା ଦାସଙ୍କ ନେତୃତ୍ୱରେ ଏକ ପଦକ୍ଷେପ ଯାହା କେନ୍ଦ୍ରିକ ସେବା, ଗୁଣବତ୍ତା ଏବଂ ବିଶ୍ୱାସ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ) : ଫେବୃୟାରୀ ମାସ ୩ ତାରିଖରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ପ୍ରସ୍ତାବିତ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ବୁଧବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫେବୃୟାରୀ ୩ ତାରିଖ ଅପରାହ୍ନ ରେ ମହାମହୀମ ରାଷ୍ଟ୍ରପତି ପୁରୀରେ ପହଞ୍ଚିବେ। ତା ପରଦିନ ଅର୍ଥାତ ୪ ତାରିଖ ପ୍ରତ୍ୟୁଷରୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ଠାରେ ଯେପରି କିଛି ତୃଟି ନ ରୁହେ ସେଥି ପ୍ରତି ଯତ୍ନବାନ ହେବା ସହ ପାରସ୍ପରିକ ସହଯୋଗ ମଧ୍ୟରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।ଏସ ପି ପ୍ରତୀକ ସିଂ ଟ୍ରାଫିକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିବା ସହ ପୂର୍ବ ସମୟର ରାଷ୍ଟ୍ରପତି ଙ୍କ ଗସ୍ତର ଅଭିଜ୍ଞତା ଆଧାର ରେ ଚଳିତ ଗସ୍ତ କୁ ଆହୁରି ଭଲ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ତାଳବଣିଆ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ , କର୍ମଚାରୀ ମାନଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା,ବ୍ୟାରିକେଡ ଓ ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀଜୀଉଙ୍କ ଦର୍ଶନ ବ୍ୟବସ୍ଥା ଓ ୪ ତାରିଖରେ ଫେରିବା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ ହୋଇ ଥିବାରୁ ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳା ର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

# ପୌରପାଳିକା କାର୍ଯ୍ୟାଳୟ ଆଗରେ ପାରିଷଦଙ୍କ ଧାରଣା

ସୋର,(ସବ୍ୟୁ) ସୋର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଚାରି ଦଫା ଦାବୀ ନେଇ ବିଭିନ୍ନ ଓ୍ୱାର୍ଡର ପାରିଷଦମାନେ ଗୁରୁବାର ଦିନ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ସୋର ପୌରପାଳିକାରେ ବର୍ତ୍ତମାନ ଅଧକ୍ଷ ପଦ ଫାଙ୍କା ପଡିଥିବାରୁ ଜିଲ୍ଲାପାଳ ଏହାର ଅଧକ୍ଷ ଦାୟିତ୍ୱରେ ଅଛନ୍ତି ।ତେବେ ପାରିଷଦ ବୈଠକ ଗତ ତିନି ମାସ ଧରି ନ ହେବା,ଟେଣ୍ଡର ପ୍ରକ୍ରିୟାରେ ବହୁ ବିଳମ୍ବ, କାର୍ଯ୍ୟାଦେଶ ବଣ୍ଟନରେ ବିଳମ୍ବ, ରାସ୍ତା ଆଲୋକର ଅବ୍ୟବସ୍ଥା ଆଦି ଚାରିଦଫା ଦାବି ନେଇ ପାରିଷଦ ମାନେ ଏହି ଧାରଣା ଦେଇଥିଲେ । ଆଗାମୀ ସାତଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ ୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ପରିଷଦମାନେ କହିଛନ୍ତି । ଏନେଇ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଚାରି ଦଫା ସମ୍ବଳିତ ଦାବିପତ୍ର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ଏହି ଧାରଣାରେ ପାରିଷଦ ରାଜେନ୍ଦ୍ର ମହାନ୍ତି, ନିଶାକର ମହାନ୍ତି, ଜିତ୍ତ ରଞ୍ଜନ ମହାପାତ୍ର,ପାର୍ବତୀ ତରେଇ, ଅହଲ୍ୟା ବେହେରା, ରମେଶ ସିଂହ, ସାହେବ ଖାନ କାଦ୍ରୀ, ସରୋଜିନୀ ନାୟକ, ସଂଗ୍ରାମ କେଶରୀ ମହାପାତ୍ର, ଭଜହରୀ ପୃଷ୍ଟି, ବର୍ଷାରାଣୀ ଦାସ ସାମିଲ ହୋଇଥିଲେ ।

# କବୟିତ୍ରୀ ମନସ୍ୱିନୀ ପରିଜା ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ): କୁଜଙ୍ଗ ବ୍ଲକର କବୟିତ୍ରୀ ମନୋସ୍ୱିନୀ ପରିଜାଙ୍କୁ ଉଲ୍ଲେଖନୀୟ କବିତା ବୃତ୍ତି ଲାଗି ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି। ଓଡ଼ିଶା କଲଚରାଲ ଆକ୍ଟ, ସଂସ୍କୃତି ବିଭାଗ ଏବଂ ସଂଗୀତ ମୂର୍ଚ୍ଛନା ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ପୁରୀ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କବୟିତ୍ରୀ ମନୋସ୍ୱିନୀ ପରିଜାଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି। ସେହିଭଳି ବିଶ୍ୱଶାନ୍ତି ସେବାଶ୍ରମ ପକ୍ଷରୁ କୋଣାର୍କ ମାଧବ ପୀଠରେ ଆୟୋଜିତ ୩୩ତମ ବାର୍ଷିକ ସାରସ୍ୱତ ସମ୍ମାନରେ ଶ୍ରୀମତୀ ପରିଜାଙ୍କୁ ଧର୍ମପଦ ରତ୍ନ ପୁରସ୍କାରେ ସମ୍ମାନୀତ କରାଯାଇଛି ।

ଶ୍ରୀକ୍ଷେତ୍ର ପୁରୀ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ.ତ୍ରିଲୋଚନା ବରାଳ ସମ୍ମାନୀତ ଅତିଥି ଭାବେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଗବେଷକ ଅନୀଲ ଧୀର, ବିଶିଷ୍ଟ ବ୍ୟଙ୍ଗକବି ସୁବାଷ ରଥ, ଡକ୍ଟର ସମ୍ପଦ ରଥ ଓ ଇଞ୍ଜିନିୟର ଅଭୟ କୁମାର ସୁତାରଙ୍କ ଉପସ୍ଥିତିରେ ଶ୍ରୀମତୀ ପରିଜାଙ୍କୁ ଉପଢ଼ୌକନ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି କୋଣାର୍କ ମାଧବ ପୀଠରେ ଆୟୋଜିତ ବାର୍ଷିକ ସାରସ୍ୱତ ସମାରୋହ ଗୁରୁଜୀ, ଗାୟକ ଲକ୍ଷ୍ମୀଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଐତିହାସିକ ଗୋଲକ ବିହାରୀ ସିଂ, ମୁଖ୍ୟବକ୍ତା ଭାବେ ବସନ୍ତ ରାଉତ, ଶ୍ରୀମଦ୍ ଗୀତାବ୍ୟାସ, ପ୍ରଶାନ୍ତ ଶତପଥୀ, ଚଳଚ୍ଚିତ୍ର ନିର୍ମାତା, ସୁବାଷ ରଥ, ବନବିହାରୀ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଶ୍ରୀମତୀ ପରିଜାଙ୍କୁ ମାନପତ୍ର, ଉପଢ଼ୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



# ହିମାଳୟ ୱେଲନେସ ଏବଂ ଆରସିବି ମହିଳା ଟିମ

## ଭବିଷ୍ୟତ ମହିଳା କ୍ରିକେଟର ଗଢି ତୋଳିବାକୁ ହାତ ମିଳାଇଲେ

ଭୁବନେଶ୍ୱର, (ସବ୍ୟୁ) : ଭାରତର ୧ ନମ୍ବର ଫେସ ୱାଶ ବ୍ରାଣ୍ଡ ହିମାଳୟ



ୱେଲନେସ ରାଷ୍ଟ୍ରୀୟ କନ୍ୟାଶିଶୁ ଦିବସ ସହିତ ତାଳଦେଇ ୧ ଡରଓମାନ ଏକାଡେମୀ ଶୁଭାରମ୍ଭ କରିଛି । କିଶୋରୀ ବାଳିକାମାନଙ୍କୁ ଚାଲେଞ୍ଜର ଉର୍ଦ୍ଧ୍ୱକୁ ଉଙ୍ଗିବା ନିମନ୍ତେ ସମର୍ଥନ ଦେଉଥିବ ଏବଂ ସେମାନଙ୍କର ପସନ୍ଦର କ୍ଷେତ୍ରରେ ୧ ନମ୍ବର ହେବାକୁ ଆକାଂକ୍ଷା ରଖିବା ନିମନ୍ତେ ପ୍ରେରଣା ଦେଉଥିବା ୧ଡରଓମାନ ଇନିସିଏଟିଭର ଗତିଶୀଳତାକୁ ଆଧାର କରି ଏହି ପ୍ଲାଟଫର୍ମ କିଶୋରୀ ବାଳିକା ଏବଂ ସେମାନେ ପ୍ରଶଂସା କରୁଥିବା ତଥା ଲକ୍ଷ ରଖୁଥିବା ମହିଳା କ୍ରିକେଟରଙ୍କ ମଧ୍ୟରେ ତାରତମ ଦୂର କରିବାକୁ ଡିଜାଇନ କରାଯାଇଛି। ୧ ଡରଓମାନ ଏକାଡେମୀ ବାସ୍ତବ ସୁଯୋଗ ସୃଷ୍ଟି କରିବାର ପ୍ରତିବଦ୍ଧତା ଭାବରେ ଡିଜାଇନ କରାଯାଇଛି । ଏକାଡେମୀ ଜରିଆରେ ହିମାଳୟ ୱେଲନେସ ସମଗ୍ର ଭାରତରୁ ଆକାଂକ୍ଷୀ ଯୁବ କ୍ରିକେଟରମାନଙ୍କୁ ୧୦୦ଟି ସ୍କଲାରସିପ ମଧ୍ୟରୁ ଗୋଟିଏ ହାସଲ କରିବା ସୁଯୋଗ ଲାଭ କରିବା ଏବଂ ସେହି ସମୟରେ ଆରସିବି ମହିଳା ଟିମ ନିକଟରୁ ପ୍ରତକ୍ଷ ଭାବରେ କ୍ରିକେଟ ଖେଳ ସମ୍ପର୍କିତ ଅନ୍ତର୍ଦୃଷ୍ଟି ଓ ଆତ୍ମବିଶ୍ୱାସ ସୃଷ୍ଟିକାରୀ ମାର୍ଗଦର୍ଶନ ହାସଲ କରିବା ପାଇଁ ନାମ ପଞ୍ଜିକୃତ କରିବାକୁ ଆହ୍ୱାନ କରୁଛି ।

# ଜଗତସିଂହପୁରର ୧୬ ଟି ଅଙ୍ଗନୱାଡି କେନ୍ଦ୍ରରେ

## ଏଏମ୍ / ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ

ଜଗତସିଂପୁର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ),ହ୍ୟୁମାନାର ସହଭାଗୀତାରେ ଜାତୀୟ ବାଳିକା ଦିବସ ପାଳନ କରିଛି। ଜଗତସିଂହପୁର ଜିଲ୍ଲାର ୧୬ଟି ଅଙ୍ଗନୱାଡି କେନ୍ଦ୍ରରେ ସପ୍ତାହବ୍ୟାପୀ ଚାଲିଥିବା ଏହି ଶିକ୍ଷାଗତ କାର୍ଯ୍ୟକ୍ରମ, ଏଏମ୍/ଏନ୍ଏସ୍ ଇଣ୍ଡିଆର ସିଏସ୍ଆର ପ୍ରକଳ୍ପ ପଢେଗା ଭାରତର ସ୍ମାର୍ଟ ଅଙ୍ଗନୱାଡି ପଦକ୍ଷେପ ଅଧୀନରେ ଆୟୋଜିତ ହୋଇଥିଲା। ହସଖୁସିର ପରିବେଶ ସୃଷ୍ଟି କରିବା ସହିତ କନ୍ୟା ସନ୍ତାନଙ୍କ କଲ୍ୟାଣ ଏବଂ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ଏହି ପଦକ୍ଷେପର ପ୍ରମୁଖ ଲକ୍ଷ୍ୟ ଥିଲା । ସପ୍ତାହବ୍ୟାପୀ ଏହି ଉତ୍ସବରେ କିଶୋରୀ ବାଳିକା, ମହିଳା ଗୋଷ୍ଠୀ ଏବଂ ସ୍ଥାନୀୟ ଗ୍ରାମର ପିଲାମାନେ ରଙ୍ଗୋଲି, ମେହେନ୍ଦି ଏବଂ ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ଏବଂ ଦକ୍ଷତାର ପ୍ରଦର୍ଶନ କରିଥିଲେ। ଏଥିସହ ଲିଙ୍ଗଗତ ସମାନତା ଓ ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରା




ମଧ୍ୟ ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମନୋବଳ ବଢ଼ାଇବା ଓ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ ଶେଷରେ ଆକର୍ଷଣୀୟ ପୁରସ୍କାର ବିତରଣ କରାଯାଇଥିଲା। ଏଏମ୍ / ଏନ୍ ଏସ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍ ) ବିଭାଗ ମୁଖ୍ୟ ଡକ୍ଟର ବିକାଶୟାଦବେନ୍ଦୁ କହିଛନ୍ତି, ଝିଅମାନଙ୍କୁ ସଶକ୍ତ କରିବା ଏକ ପ୍ରଗତିଶୀଳ ସମାଜର ମୂଳଦୁଆ ବୋଲି, ଏଏମ୍ / ଏନ୍ ଏସ୍ ଇଣ୍ଡିଆର ଦୃଢ ବିଶ୍ୱାସ ରହିଛି । ପଢେଗା ଭାରତ ପ୍ରକଳ୍ପ ଅନ୍ତର୍ଗତ ସ୍ମାର୍ଟ ଅଙ୍ଗନୱାଡି ପଦକ୍ଷେପ ମାଧ୍ୟମରେ, ଆମେ କେବଳ ଏକ ଦିବସ ପାଳନ କରୁନାହୁଁ ବରଂ ଏକ ସ୍ଥାୟୀ ପରିବେଶର ନିର୍ମାଣ କରୁଛୁ, ଯେଉଁଠାରେ ପ୍ରତ୍ୟେକ ଝିଅକୁ ନିଜ ସ୍ୱପ୍ନକୁ ପୂରଣ କରିବାର ଆତ୍ମବିଶ୍ୱାସ ରହିବ। ଜିଲ୍ଲାର ପ୍ରତ୍ୟେକ ଝିଅଙ୍କ ପାଇଁ ଏକ ନିରାପଦ ପରିବେଶ ଦିଗରେ କାର୍ଯ୍ୟ ଜାରି ରଖିବା ପାଇଁ ଗୋଷ୍ଠୀ ସଦସ୍ୟ ଏବଂ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଏକ ମିଳିତ ପ୍ରତିଶ୍ରୁତି ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। କନ୍ୟା ସନ୍ତାନଙ୍କ ଶିକ୍ଷା, ସଶକ୍ତିକରଣ ଏବଂ ସୁସ୍ଥତା ପାଇଁ କମ୍ପାନୀର ପ୍ରତିବଦ୍ଧତା କେବଳ ଏହି ବାର୍ଷିକ ଉତ୍ସବରେ ସୀମିତ ନୁହେଁ। "ପଢ଼େଗା ଭାରତ' ପ୍ରକଳ୍ପ ଅଧୀନରେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ବର୍ତ୍ତମାନ ୨୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୩୩୩ ଜଣ କିଶୋରୀଙ୍କୁ ନେଇ ମାସିକ ସଭା ଆୟୋଜନ କରାଯାଉଛି। ଏହି ଅଧିବେଶନଗୁଡ଼ିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପୁଷ୍ଟିକର ଓ ସନ୍ତୁଳିତ ଆହାରର ଗୁରୁତ୍ୱ ଏବଂ ଜୀବନ କୌଶଳ ଉପରେ ତାଲିମ ଭଳି ପ୍ରମୁଖ ବିଷୟରେ ସଚେତନତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ପ୍ରଣାଳୀ ଭାବେ କାର୍ଯ୍ୟ କରୁଛି।

# ବେଦାନ୍ତ ଲିମିଟେଡ୍‌ର ରେକର୍ଡ ସହିତ ତୃତୀୟ ତ୍ରୈମାସିକ ରିପୋର୍ଟ

## ଲାଭ ୬୦% ବୃଦ୍ଧି ପାଇ ୭,୮୦୭ କୋଟି ଟଙ୍କାରେ ପହଞ୍ଚିଛି, ରାଜସ୍ୱ ୧୯% ବୃଦ୍ଧି ପାଇଛି

ଭୁବନେଶ୍ୱର, (ସବ୍ୟୁ) : ବେଦାନ୍ତ ଲିମିଟେଡ ୩୧ ଡିସେମ୍ବର ୨୦୨୫ ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଏବଂ ନଅ ମାସ ପାଇଁ ଏହାର ଅନିରୀକ୍ଷିତ ସମନ୍ୱିତ ଫଳାଫଳ ଘୋଷଣା କରିଛି । ବେଦାନ୍ତ ୬୦% ବୃଦ୍ଧି ପାଇ ଟ.୭,୮୦୭ କୋଟିରେ ପହଂଚିବା ପରେ ଲାଭ ସହିତ ଅସାଧାରଣ ଆର୍ଥିକ ପ୍ରଦର୍ଶନ ପ୍ରଦାନ କରିଛି । କମ୍ପାନୀ ଟ.୧୫,୧୭୧ କୋଟିର ରେକର୍ଡ ତ୍ରୈମାସିକ ଇବିଆଇଟିଡିଏ ରିପୋର୍ଟ ପ୍ରକାଶ କରିଛି, ଯାହା ୬୨୯ ବିପିଏସ୍ ମାର୍ଜିନ୍ ବିସ୍ତାର ଦ୍ୱାରା ୩୪% ବୃଦ୍ଧି ପାଇଛି । କମ୍ପାନୀ ଟ.୪୫,୮୯୯ କୋଟିର ସର୍ବାଧିକ ତ୍ରୈମାସିକ ରାଜସ୍ୱ ମଧ୍ୟ ରେକର୍ଡ କରିଛି, ଯାହାକି ବାର୍ଷିକ ୧୯% ବୃଦ୍ଧି ପାଇଛି ।ବେଦାନ୍ତର ନେଟ୍ ଋଣ ଏବଂ ଇବିଆଇଟିଡିଏ ଅନୁପାତ ୧.୪୦ ଗୁଣରୁ ୧.୨୩ ଗୁଣକୁ ବୃଦ୍ଧି ପାଇଛି, ପୁଞ୍ଜି ଉପରେ ଦୁଇ ଅଙ୍କ ବିଶିଷ୍ଟ ରିଟର୍ଣ୍ଣ ୨୭% ହୋଇଛି, ଯାହା ବାର୍ଷିକ ୨୯୬ ବିପିଏସ୍ ବୃଦ୍ଧି ପାଇଛି । ବେଦାନ୍ତ ଆର୍ଥିକବର୍ଷ ୨୬ ର ନଅ ମାସରେ




ଅଭିବୃଦ୍ଧି ପୁଞ୍ଜି ଖର୍ଚ୍ଚରେ ପ୍ରାୟ ୧.୩ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି । ଆଲୁମିନିୟମ ଏହାର ସର୍ବୋଚ୍ଚ ତ୍ରୈମାସିକ ଉତ୍ପାଦନ ୬୨୦ କେଟି ରେକର୍ଡ କରିଛି, ଯାହା ବାର୍ଷିକ ୧% ବୃଦ୍ଧି ପାଇଛି, ଯେତେବେଳେ ଆଲୁମିନା ଉତ୍ପାଦନ ବାର୍ଷିକ ୫୭% ବୃଦ୍ଧି ପାଇଛି, ଯାହା ଉନ୍ନତ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ବୃଦ୍ଧି ପଦକ୍ଷେପକୁ ପ୍ରତିଫଳିତ କରୁଛି । ଜିଙ୍କ ଇଣ୍ଡିଆ ତୃତୀୟ ତ୍ରୈମାସିକରେ ଖଣିରୁ ଧାତୁ ଉତ୍ପାଦନ ସର୍ବାଧିକ ୨୭୬ କେଟିରେ ପହଂଚିଛି, ଯାହା ବାର୍ଷିକ ୪% ବୃଦ୍ଧି ପାଇଛି, ଏବଂ ରିଫାଇଣ୍ଡ ଧାତୁ ଉତ୍ପାଦନ ୨୭୦ କେଟି ସହିତ ୪% ବୃଦ୍ଧି ପାଇଛି । ଉଲ୍ଲେଖନୀୟ ଯେ, ଜିଙ୍କ ଇଣ୍ଡିଆ ଗତ ପାଂଚ ବର୍ଷ ମଧ୍ୟରେ ଏହାର ସର୍ବନିମ୍ନ ତ୍ରୈମାସିକ ଉତ୍ପାଦନ ମୂଲ୍ୟ ଡ.୯୪୦/ଟନ୍ ହାସଲ କରିଛି, ଯାହା ବାର୍ଷିକ ୧୦% ହ୍ରାସ ପାଇଛି । ଜିଙ୍କ ଇଂଟରନ୍ୟାସନାଲ୍ ଅପରେସନ୍ସ ୫୯ କେଟି ଉତ୍ପାଦନ ରିପୋର୍ଟ କରିଛି, ଯାହା ବାର୍ଷିକ ୨୮% ବୃଦ୍ଧି ପାଇଛି । ଲୁହାପଥର ବ୍ୟବସାୟ ତ୍ରୈମାସିକ ଖଣିଜ ଉତ୍ପାଦନ ୧.୨ ନିୟୁତ ଟନ୍ ରିପୋର୍ଟ କରିଛି,ଏହା ବାର୍ଷିକ ୩% ବୃଦ୍ଧି ପାଇଛି, ଯେତେବେଳେ ପିଗ୍ ଲୁହା ଉତ୍ପାଦନ ୨୨୯ କେଟି ବୃଦ୍ଧି ପାଇଛି, ଯାହା ବାର୍ଷିକ ୬% ବୃଦ୍ଧି ପାଇଛି । କପର କ୍ୟାଥୋଡ୍ ଉତ୍ପାଦନ ୪୫ କେଟିରେ ପହଂଚିଛି, ଯାହା ଗତ ସାତ ବର୍ଷ ମଧ୍ୟରେ ସର୍ବାଧିକ ତ୍ରୈମାସିକ ଉତ୍ପାଦନ । ଫେରୋ କ୍ରୋମ୍ ଉତ୍ପାଦନ ଦ୍ରୁତ ଗତିରେ ୨୪ କେଟିରେ ପହଂଚିଛି, ଯାହା ବାର୍ଷିକ ୩୨% ବୃଦ୍ଧି ପାଇଛି । ବେଦାନ୍ତ ତ୍ରୈମାସିକ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ହାସଲ କରିଛି । କମ୍ପାନୀକୁ ଏହାର ପ୍ରସ୍ତାବିତ ବିଚ୍ଛିନ୍ନତା ପାଇଁ ମାନ୍ୟବର ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (ଏନସିଏଲଟି) ଠାରୁ ଅନୁମୋଦନ ମିଳିଛି, ଯାହା ଦୀର୍ଘକାଳୀନ ମୂଲ୍ୟକୁ ଅନଲକ୍ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କମ୍ପାନୀ ଏହି ତ୍ରୈମାସିକରେ ମୋଟ ୩୦% ଅଂଶୀଦାର ଗତ ୫ ବର୍ଷ ପାଇଁ ମୋଟ ଅଂଶୀଦାର ରିଟର୍ଣ୍ଣ ୪୨୮% ଥିଲା, ଯାହା ସହିତ ୭୩.୫% ର କ୍ରମାଗତ ଲାଭାଂଶ ମଧ୍ୟ ରହିଛି । ତ୍ରୟମାସିକ ଆର୍ଥିକ ବର୍ଷ ୨୬ ଫଳାଫଳ ଉପରେ ମତାମତ ଦେଇ, ବେଦାନ୍ତର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅରୁଣ ମିଶ୍ର କହିଛନ୍ତି, ତ୍ରୟମାସିକ ଆର୍ଥିକ ବର୍ଷ ୨୬ ବେଦାନ୍ତ ପାଇଁ ଏକ ଐତିହାସିକ ତ୍ରୟମାସିକ ହୋଇଛି, ଯାହା ଆମର ସର୍ବାଧିକ ଇବିଆଇଟିଡିଏ ଟ.୧୫,୧୭୧ କୋଟି ପ୍ରଦାନ କରିଛି।


# ସୋଆ , ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

## ମଧ୍ୟରେ ମିଳିତ ଗବେଷଣା ନିମନ୍ତେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ମଧ୍ୟରେ କୃଷି ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ, ଗବେଷଣାତ୍ମକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସହଭାଗିତାକୁ ନେଇ ଏଠାରେ ବୁଧବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ବୁଝାମଣା ଅନୁଯାୟୀ ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଏବଂ ତତ୍‌ସଂଲଗ୍ନ ବିଭିନ୍ନ କ୍ଷେତ୍ରରେ ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ମିଳିତ ଭାବେ କାର୍ଯ୍ୟ କରିବେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସେହିପରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର




ଡକ୍ଟର ମଞ୍ଜୁଶ୍ରୀ ସିଂହ ଏବଂ ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ଡକ୍ଟର ସଞ୍ଜୟ କେ. ପ୍ରଧାନ ବୁଝାମଣା ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ । ବୁଝାମଣା ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ମେଥୋଡଲଜି, ଟେକ୍ନୋଲଜି, ବିଜ୍ଞାନ ଏବଂ ସୂଚନାର ଆଦାନପ୍ରଦାନ ହେବ । ଏଥି ସହିତ ଦୁଇଟି ଅନୁଷ୍ଠାନ ମଧ୍ୟରେ ଲାବୋରେଟୋରୀ ସୁବିଧା ମଧ୍ୟ ବ୍ୟବହାର କରାଯିବାର ନିଷ୍ପତି ନିଆଯାଇଛି ।








ନୂଆଦିଲ୍ଲୀର ବିଜୟ ଚୌକରେ ଆୟୋଜିତ ସାଧାରଣତନ୍ତ୍ର ଦିବସର ଧ୍ୱଜାବତରଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଅଜିତ୍ ପାୱାରଙ୍କୁ ଅଶ୍ରୁଳ ବିଦାୟ



ନୂଆଦିଲ୍ଲୀ: ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କର ଶେଷକୃତ୍ୟ ଆଜି ସମ୍ପନ୍ନ ହୋଇଛି। ବାରାମତିର ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ ହଜାର ହଜାର ସମର୍ଥକଙ୍କ ଗହଣରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଛଳ ଛଳ ଓ ଅଶ୍ରୁଳ ଆଖିରେ ତାଙ୍କର ପ୍ରିୟ ନେତାଙ୍କୁ ସମର୍ଥକମାନେ ଶେଷ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଅଜିତ୍ ଦାଦା ଅମର ରହେ ସ୍ଲୋଗାନରେ ସମଗ୍ର ଅଞ୍ଚଳ ମୁଖରିତ ହୋଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ନିଜ ଗାଁ କାଟେୱାଡିରୁ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମର ଶରୀରକୁ ବାରାମତିର ବିଦ୍ୟା ପ୍ରତିଷ୍ଠାନ ପର୍ଯ୍ୟନ୍ତ ଅଣାଯାଇଥିଲା । ବୈଦିକ ମନ୍ତ୍ର ଉଚ୍ଚାରଣ ଭିତ୍ତିରେ ଦୁଇ ପୁଅ ପାର୍ଥ ଓ ଜୟ ମିଳିତ ଭାବେ ଅଜିତ୍‌ଙ୍କୁ ମୁଖାଗ୍ନି ଦେଇଛନ୍ତି ।

ଅଜିତ୍‌ଙ୍କର ଅନ୍ତିମ ଶୋଭାଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ନୀତିନ ଗଡକରି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ପାୱାର, ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ସେଠାରେ ଉପସ୍ଥିତ ଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିଶ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଅଜିତ୍ ପାୱାରଙ୍କ ପତ୍ନୀ ସୁନେତ୍ରା, ତାଙ୍କ ସମ୍ପର୍କୀୟ ଭଉଣୀ ସୁପ୍ରିୟା ସୁଲେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ୍ଲ ପଟେଲ ପ୍ରମୁଖ ଉପସ୍ଥିତ ରହି ଶେଷ ବିଦାୟ ଦେଇଥିଲେ। ସୂଚନାଯୋଗ୍ୟ ଗତକାଲି ଏକ ବିମାନ ଦୁର୍ଘଟଣାରେ ଅଜିତ୍ ପାୱାରଙ୍କର ମୃତ୍ୟୁ ଘଟିଥିଲା ।

## ଆଇଆରଏଡିଇ ଅନ୍ତର୍ଜାତୀୟ ସମ୍ମିଳନୀ

# ବିକଶିତ ଭାରତ ଗଠନରେ ସ୍ୱଚ୍ଛଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର ଆଜି ଆଇଆରଏଡିଇରେ 'ଦୀର୍ଘସ୍ଥାୟୀ ଶକ୍ତି ପରିବର୍ତ୍ତନ- ବୈଶ୍ୱିକ ଦୃଷ୍ଟିକୋଣ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଉଦବୋଧନ ଦେଇଛନ୍ତି। ଡକ୍ଟର ମିଶ୍ର କହିଛନ୍ତି, ସ୍ୱଚ୍ଛ ଶକ୍ତି ବିକଶିତ ଭାରତର ଦୃଷ୍ଟିକୋଣରେ ଗଭୀର ଭାବରେ ନିହିତ ଅଛି। ଏହା ଆଉ ଏକ କ୍ଷେତ୍ରୀୟ ଏଜେଣ୍ଡା ନୁହେଁ, ବରଂ ଏହା ଅଭିବୃଦ୍ଧି, ପ୍ରତିଯୋଗିତାମୂଳକ କ୍ଷମତା, ସାମାଜିକ ସମାବେଶନ ଏବଂ ଶକ୍ତି ସୁରକ୍ଷାର କେନ୍ଦ୍ରବିନ୍ଦୁ। ଡକ୍ଟର ମିଶ୍ର କହିଛନ୍ତି, ଗତ ବର୍ଷ ଏନର୍ଜି ଇଣ୍ଡିଆ ୱିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ଏକ ବିକଶିତ ଭାରତ ସ୍ୱଚ୍ଛ ଶକ୍ତି, ସବୁଜ ଅଭିବୃଦ୍ଧି ଏବଂ ସ୍ଥାୟୀ ଜୀବନଶୈଳୀ ଉପରେ ନିର୍ମିତ ହେବ" ହେବ ବୋଲି କହିଥିଲେ । ଏହା ଦେଶ ପାଇଁ ଏକ ପ୍ରେରଣାଦାୟୀ ଆହ୍ୱାନ । ୨୦୧୪ ପରଠାରୁ ଭାରତର ଶକ୍ତି ପରିବର୍ତ୍ତନ ଦୁଇଟି ପ୍ରମୁଖ ଶିକ୍ଷା ଦେଇଥାଏ। ପ୍ରଥମତଃ, ମହତ୍ୱାକାଂକ୍ଷୀ ଲକ୍ଷ୍ୟଗୁଡ଼ିକ କେବଳ ସେତିକିବେଳେ ବିଶ୍ୱସନୀୟତା ହାସଲ କରେ ଯେତେବେଳେ ସଂସ୍ଥାଗତ ଢାଞ୍ଚା, ନିରନ୍ତର




ଆର୍ଥିକ ପ୍ରତିବଦ୍ଧତା ଏବଂ ସ୍ଥିର କାର୍ଯ୍ୟକାରିତା ଦ୍ୱାରା ଏହାକୁ ସମର୍ଥନ ମିଳିଥାଏ। ୨୦୩୦ ବଦଳରେ ୨୦୨୫ ସୁଦ୍ଧା ସ୍ୱଚ୍ଛ ଶକ୍ତି ପାଇଁ ସ୍ଥାପିତ କ୍ଷମତାର ୫୦% ଏବଂ ପୂର୍ବ ଲକ୍ଷ୍ୟ ଠାରୁ ବହୁତ ପୂର୍ବରୁ ୧୦୦ ଗିଗାୱାଟ୍ ସୌର କ୍ଷମତା ହାସଲ କରି ଭାରତ ନିଜ ସାମର୍ଥ୍ୟର ପରିଚୟ ଦେଇଛି । ଏହା ନୀତିଗତ ନିରନ୍ତରତା ଏବଂ ସଂସ୍ଥାଗତ ଶକ୍ତି ଉପରେ ଭାରତର ଗୁରୁତ୍ୱକୁ ପ୍ରଦର୍ଶନ କରେ। ଦ୍ୱିତୀୟତଃ, ଶକ୍ତି ପରିବର୍ତ୍ତନଗୁଡ଼ିକ ସେତେବେଳେ ସର୍ବାଧିକ ଦୀର୍ଘସ୍ଥାୟୀ ହୁଏ ଯେତେବେଳେ ସେଗୁଡ଼ିକ ଉଲ୍ଲେଖନୀୟ କଲ୍ୟାଣର ଲାଭ ପ୍ରଦାନ କରନ୍ତି। ଡକ୍ଟର ମିଶ୍ର ଆହୁରି ମଧ୍ୟ କହିଥିଲେ, କୃଷକମାନଙ୍କ ଉପରେ ପିଏମ-କୁସୁମର ପ୍ରଭାବ, ପରିବାର ପାଇଁ ପିଏମ ସୂର୍ଯ୍ୟ ଘରର ଆଶ୍ୱସ୍ତି ଓ ସୌର ଶକ୍ତି ଉତ୍ପାଦନ ଏବଂ ବୈଦ୍ୟୁତିକ ଗତିଶୀଳତା ମାଧ୍ୟମରେ ନିଯୁକ୍ତି ସୃଷ୍ଟି ହୋଇପାରିଛି । ଏହା ଦର୍ଶାଏ ଯେ ଅଙ୍ଗାରକାମ୍ଳ ହ୍ରାସ ଏବଂ ବିକାଶ ପରସ୍ପରକୁ ଦୁର୍ବଳ କରିବା ପରିବର୍ତ୍ତେ ସୁଦୃଢ଼ କରିପାରିବ।

ଡକ୍ଟର ମିଶ୍ର ଶକ୍ତି ସୁରକ୍ଷା, ସୁଲଭତା ଏବଂ ସାର୍ବଜନୀନ ପ୍ରବେଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଗ୍ଲୋବାଲ୍ ସାଉଥ୍ ସପକ୍ଷରେ ମତ ରଖି କହିଥିଲେ, ଶକ୍ତି କ୍ଷେତ୍ରରେ ଏହି ପରିବର୍ତ୍ତନ ନ୍ୟାୟପୂର୍ଣ୍ଣ, ସମାବେଶୀ ଏବଂ ବିକାଶ ଆଧାରିତ ହେବା ଉଚିତ। ଏହି ପରିପ୍ରେକ୍ଷୀରେ ଭିନ୍ନ ଦାୟିତ୍ୱ, ଜାତୀୟ ପରିସ୍ଥିତି ଏବଂ ନିରନ୍ତର ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତାକୁ ସେ ସ୍ୱୀକାର କରିଥିଲେ ।ଡକ୍ଟର ମିଶ୍ର ଭବିଷ୍ୟତକୁ ନେଇ ଆଶାବାଦ ପ୍ରକଟ କରି କହିଥିଲେ, ଭାରତ ୨୦୨୫ ରୁ 2020 ମଧ୍ୟରେ ଏହାର ଜିଡିପିରେ ଅଙ୍ଗାରକାମ୍ଳ ତୀବ୍ରତାକୁ ପ୍ରାୟ ୩୬ ପ୍ରତିଶତ ହ୍ରାସ କରିସାରିଛି । ୨୦୩୦ ସମୟସୀମାର ନଅ ବର୍ଷ ପୂର୍ବରୁ ପ୍ୟାରିସ ଚୁକ୍ତିନାମା ପ୍ରତିବଦ୍ଧତା ପୂରଣ କରିବାରେ ପ୍ରଥମ ଜି ୨୦ ଦେଶ ହୋଇଛି। ଏହି ପୃଷ୍ଠଭୂମିରେ ଆମକୁ ଭାରତର ଶକ୍ତି ପରିବର୍ତ୍ତନ ରଣନୀତିକୁ ଦେଖିବାକୁ ପଡିବ ବୋଲି ସେ କହିଛନ୍ତି।

## ଅଜିତଙ୍କ ପତ୍ନୀଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତାବ

**ମୁମ୍ବାଇ:** ମହାରାଷ୍ଟ୍ରର ଦିବଂଗତ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଏନସିପି ପ୍ରସ୍ତାବ ଦେବ ବୋଲି ଗୁରୁବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସୁନେତ୍ରା ଏବେ ରାଜ୍ୟସଭା ସାଂସଦ ଅଛନ୍ତି। ଏନସିପି ନେତା ତଥା ମହାରାଷ୍ଟ୍ରର ଏଫଡିଏ ମନ୍ତ୍ରୀ ନରହରି ଜିରୱାଲ କହିଛନ୍ତି ଯେ ସୁନେତ୍ରା ପାୱାରଙ୍କୁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଉ ବୋଲି ଲୋକେ ଚାହୁଁଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, ଏନ୍‌ସିପିର ବରିଷ୍ଠ ନେତା ପ୍ରଫୁଲ ପଟେଲ, ଛଗନ ଭୁଜବଳ, ଧନଞ୍ଜୟ ମୁଣ୍ଡେ ଓ ସୁନୀଲ ତଟକରେ ରାଜ୍ୟସଭା ସାଂସଦ ସୁନେତ୍ରା ପାୱାରଙ୍କ ସହିତ ଏକ ବୈଠକ କରିସାରିଛନ୍ତି। ଯାହା ଜଣାପଡୁଛି ସ୍ୱାମୀ ଅଜିତ ପାୱାରଙ୍କ ମୃତ୍ୟୁ ଯୋଗୁ ଖାଲି ହୋଇଥିବା ବାରାମତି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି ସୁନେତ୍ରା। ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଦଳ ଯୋଜନା କରିଛି। ଏହି ପ୍ରସ୍ତାବ ନେଇ ଏନ୍‌ସିପି ନେତାମାନେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସଙ୍କୁ ଭେଟିବେ ଓ ତା'ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ଜଣାପଡ଼ିଛି। ଏହା ବି ସୂଚନା ମିଳିଛି ଯେ ବର୍ତ୍ତମାନ ପାଇଁ ଏନସିପିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ ପଟେଲ ଦଳର କଥା ବୁଝାବୁଝି କରିପାରନ୍ତି। ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପି-ଏସପି ସହିତ ସମ୍ଭାବ୍ୟ ମିଶ୍ରଣ ନେଇ ପରବର୍ତ୍ତୀ ସମୟରେ ଆଲୋଚନା ହୋଇପାରେ। ମହାନଗର ନିଗମ ନିର୍ବାଚନ ସମୟରୁ ଏନସିପି (ଏସସି) ସହିତ ମିଶ୍ରଣ ନେଇ ଅଜିତ ପାୱାର କଥାବାର୍ତ୍ତା ଜାରି ରଖିଥିଲେ ବୋଲି କୁହାଯାଉଛି।



## ▶▶ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# ଭାରତ-ଇୟୁ ବାଣିଜ୍ୟ ଚୁକ୍ତିର ଫାଇଦା ଉଠାଅ

**ନୂଆଦିଲ୍ଲୀ:** ସଂସଦରେ ଅର୍ଥନୈତିକ ସର୍ବେ ରିପୋର୍ଟ ଉପସ୍ଥାପନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ସାଂସଦ ଓ ଦେଶବାସୀଙ୍କୁ ବଡ଼ ପରାମର୍ଶ ଦେଇଛି। ନିକଟରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିର ସୁଯୋଗ ସମସ୍ତ ଉତ୍ପାଦନକାରୀ ଉଠାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି। ଏହାବାଦ ଭାରତ ଏବେ ସଂସ୍କାରମୂଳକ ଏକ୍ସପ୍ରେସରେ ବସି ସାରିଥିବା ସେ କହିଛନ୍ତି। ମୋଦି କହିଛନ୍ତି, "ଏହି ଅଧିବେଶନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆତ୍ମବିଶ୍ୱାସ ପୂର୍ଣ୍ଣ ଭାରତ ବିଶ୍ୱରେ ଆକର୍ଷଣର କେନ୍ଦ୍ର ପାଲଟିଛି। ଭାରତ-ଇୟୁ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ହୋଇଛି। ଭାରତ ପାଇଁ ବଡ଼ ବଜାର ଖୋଲିଛି। ରାଷ୍ଟ୍ରର ପ୍ରଗତି ପାଇଁ ଏହି ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତ-ଇୟୁ ମଧ୍ୟରେ ହୋଇଥିବା ଚୁକ୍ତିର ସୁଯୋଗ ଉତ୍ପାଦନକାରୀମାନେ ଉଠାଇବା ଦରକାର ।ଇୟୁ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଯୋଗୁ ଖୋଲିଥିବା ନୂଆ ମାର୍କେଟର ଫାଇଦା ଉତ୍ପାଦନକାରୀ ଉଠାନ୍ତୁ। ଚୁକ୍ତି ପରେ ଗୋଟିଏ ନୂଆ ମାର୍କେଟ ଖୋଲିଛି। ସମସ୍ତେ ୟୁରୋପୀୟ ସଂଘରର ସମସ୍ତ ୨୭ ସଦସ୍ୟ ରାଷ୍ଟ୍ରକୁ ଗୁଣବତ୍ତାପୂର୍ଣ୍ଣ ଉତ୍ପାଦ ଉପଲବ୍ଧ କରାନ୍ତୁ। ଏହି



ସରକାର ସଂସ୍କାର, ପ୍ରଦର୍ଶନ ଓ ପରିବର୍ତ୍ତନ ପାଇଁ ବେଶ ପରିଚିତ। ଏବେ ଆମ ସଂସ୍କାର ରାସ୍ତାରେ ଚାଲିବା ଆରମ୍ଭ କରିଛେ। ଭାରତ ସଂସ୍କାର ଏକ୍ସପ୍ରେସରେ ବସି ସାରିଛି। ମୁଁ ସଂସଦରେ ଥିବା ମୋର ସମସ୍ତ ସହଯୋଗୀଙ୍କ ପ୍ରତି କୃତଜ୍ଞତା ଜଣାଉଛି। ବିଶେଷ କରି ଯେଉଁମାନେ ଏହି ସଂସ୍କାର ଗତିରେ ନିଜର ସକାରାତ୍ମକ ଯୋଗଦାନ ଦେଉଛନ୍ତି, ସେମାନଙ୍କୁ ଧନ୍ୟବାଦ ।ସେମାନଙ୍କ ସହଯୋଗରେ ହିଁ ସଂସ୍କାରର ରାସ୍ତା ଅଧିକ ଦ୍ରୁତଗତିରେ ଆଗକୁ ବଢୁଛି। ଏବେ ଦେଶ ଦୀର୍ଘ ସମୟ ଧରି ରହିଥିବା ସମସ୍ୟାକୁ ପଛରେ ପକାଇ ଦୀର୍ଘକାଳୀନ ସମାଧାନର ରାସ୍ତାରେ ପାଦ ରଖିବାରେ ଲାଗିଛି।" ସେ ଆହୁରି କହିଛନ୍ତି ଯେ "ଏକବିଂଶ ଶତାବ୍ଦୀର ୧/୪ ଅଂଶ ଶେଷ ହୋଇଗଲାଣି। ଏହା ପରବର୍ତ୍ତୀ କ୍ୱାର୍ଟରର ଆରମ୍ଭ। ୨୦୪୭ରେ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ୨୫ ବର୍ଷର ଆରମ୍ଭ ହୋଇଯାଇଛି। ଦ୍ୱିତୀୟ କ୍ୱାର୍ଟରର ପ୍ରଥମ ବଜେଟ ଉପସ୍ଥାପନ ହେବାକୁ ଯାଉଛି ।ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ପ୍ରଥମଥ ଅର୍ଥମନ୍ତ୍ରୀ ଓ ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ଯିଏ କ୍ରମାଗତ ତଥା ରେକର୍ଡ ୯ମ ଥର ପାଇଁ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହା ନିଶ୍ଚିତ ଭାବେ ଦେଶର ସଂସଦୀୟ ଇତିହାସରେ ଗୋଟିଏ ଐତିହାସିକ ମୁହୂର୍ତ୍ତ ଭାବେ ଲିପିବଦ୍ଧ ହୋଇ ରହିବ।" ପ୍ରଧାମନ୍ତ୍ରୀ ମୋଦିଙ୍କ କହିବା କଥା ଯେ ବୁଧବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ୧୪୦ କୋଟି ଭାରତୀୟଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିପାଦନ କରିଛି। ଯୁବଗୋଷ୍ଠୀର କ୍ଷମତା ଓ ଆଶାକୁ ଏହା ଦର୍ଶାଇଛି ।ରାଷ୍ଟ୍ରପତିଙ୍କ ଅଭିଭାଷଣ ସମସ୍ତ ସାଂସଦଙ୍କ ପାଇଁ ବଜେଟ ଅଧିବେଶନ ପୂର୍ବରୁ ମାର୍ଗଦର୍ଶକ ଭାବେ ଉଭା ହୋଇଛି। ରାଷ୍ଟ୍ରପତି ଦେଖାଇଥିବା ମାର୍ଗକୁ ସମସ୍ତ ସାଂସଦ ଗୁରୁତ୍ୱର ସହ ନେଇ କାମ କରିବେ ବୋଲି ମୋଦି ଆଶା କରିଛନ୍ତି।

## ପ୍ରଧାନମନ୍ତ୍ରୀ ଇସ୍ରାଏଲ୍ ଯିବେ

**ନୂଆଦିଲ୍ଲୀ:** ଇସ୍ରାଏଲ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦୀ । ଛାନିଆ ହେଲାଣି ପାକିସ୍ତାନ । ଆସନ୍ତା ମାସ ୨୭-୨୮ରେ ଇସ୍ରାଏଲ୍ ଗସ୍ତ କରିପାରନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଯଦି ଏହା ହୁଏ, ତେବେ ଏହା ୨୦୧୭ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଇସ୍ରାଏଲ ଗସ୍ତ ହେବ। ଏହି ଗସ୍ତର ଉଦ୍ଦେଶ୍ୟ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ ବୋଲି ବିଶ୍ୱାସ କରାଯାଉଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିମନ୍ତ୍ରଣରେ ଏହି ଗସ୍ତ ହେଉଛି। ପ୍ରତିରକ୍ଷା, ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୁଇ ନେତା ଆଲୋଚନା କରିବେ ବୋଲି ଆଶା କରାଯାଉଛି। ମଧ୍ୟପ୍ରାଚ୍ୟର ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହି ଗସ୍ତକୁ ଭାରତର ବୈଦେଶିକ ନୀତି ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

## ଆମେରିକା ଗସ୍ତରେ ଯିବେ ଜୟଶଙ୍କର

**ନୂଆଦିଲ୍ଲୀ :** ଆସନ୍ତା ସପ୍ତାହରେ "କ୍ରିଟିକାଲ୍ ମିନେରାଲ୍ସ" ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆମେରିକା ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର। ୱାଶିଂଟନ୍ ଡିସିରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଉଚ୍ଚସ୍ତରୀୟ ବୈଠକ। ଏହି ଅବସରରେ ଜୟଶଙ୍କର ଓ ରୁବିଓ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି ।ଏହି ବୈଠକର ଲକ୍ଷ୍ୟ ହେଉଛି ବିଶ୍ୱର ଦେଶଗୁଡ଼ିକୁ ଏକତ୍ରିତ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ପାଇଁ ସହଯୋଗ ବୃଦ୍ଧି କରିବା, ଯେଉଁଥିରେ ଲିଥିୟମ୍, କୋବାଲ୍ଟ ଓ ନିକେଲ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ବୈଦ୍ୟୁତିକ ଯାନବାହନ ଏବଂ ନବୀକରଣୀୟ ଶକ୍ତି ଭିତ୍ତିଭୂମି ଠାରୁ ଆରମ୍ଭ କରି ପ୍ରତିରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ସବୁକିଛିର ମୂଳଦୁଆ।

# ମଧ୍ୟପ୍ରାଚ୍ୟରେ ଆମେରିକାର ସାମରିକ ଉପସ୍ଥିତି ଜାହିର

**ୱାଶିଂଟନ:** ଆମେରିକା-ଇରାନ୍ ଦୁଇ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ହିନ୍ଦ ମହାସାଗର ଏକ ଯୁଦ୍ଧକ୍ଷେତ୍ର ପାଲଟିଛି। ଏହି ରାସ୍ତା ଦେଇ ଆମେରିକୀୟ ଯୁଦ୍ଧଜାହାଜ ନିରନ୍ତର ଇରାନ ଆଡକୁ ଗତି କରୁଛି। ଆମେରିକା ମଧ୍ୟପ୍ରାଚ୍ୟରେ ନିଜର ସାମରିକ ଉପସ୍ଥିତିକୁ ଅଭୂତପୂର୍ବ ସ୍ତରକୁ ବିସ୍ତାର କରିଛି। ଆମେରିକୀୟ ନୌସେନା ଅନୁଯାୟୀ, ବର୍ତ୍ତମାନ 'ସେଣ୍ଟକମ୍' ଅଞ୍ଚଳରେ ୧୦ଟି ଆମେରିକୀୟ ଯୁଦ୍ଧଜାହାଜ ମୁତୟନ କରାଯାଇଛି। ଏଥିରେ ବିଧ୍ୱଂସକ ଗାଇଡେଡ୍-ମିସାଇଲ୍ ଅନ୍ତର୍ଭୁକ୍ତ। ପୂର୍ବରୁ ବି ଆମେରିକାର ସାମୁଦ୍ରିକ ଦାନବ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ ଏଠାରେ ଘୂରି ବୁଲୁଛି। ଏହା ସହିତ ଯୁଦ୍ଧଜାହାଜ ଏବଂ ଆମେରିକୀୟ ଲଢୁଆ ବିମାନର ମୁତୟନ ହୋଇ ରହିଛନ୍ତି। କେବଳ ଏତିକି ନୁହେଁ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକୀୟ ଆଡଭାନ୍ସ ଯୁଦ୍ଧଜାହାଜର ଏକ ବାହିନୀ ଇରାନ ଆଡକୁ ବଢୁଛି। ତେଣୁ ଆମେରିକାର ଏହି ଶକ୍ତି ପ୍ରଦର୍ଶନକୁ ବିଚାର କଲେ, ଏହା ଦେଖାଯାଉଛି ଯେ ଆମେରିକା ଇରାନ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ, କିନ୍ତୁ ଇରାନ କେତେବେଳେ ଆତ୍ମସମର୍ପଣ କରିବ, ସେହି ଅପେକ୍ଷାରେ ରହିଛି ଆମେରିକା। ଆମେରିକା ବିରୁଦ୍ଧରେ ପ୍ରସ୍ତୁତିରେ ଇରାନ ପଛରେ ନାହିଁ। ଇରାନ ମଧ୍ୟ ତାର ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କରିଛି, ଯଦିଓ ସେଗୁଡ଼ିକ ଟେକନିକ୍ ଦୃଷ୍ଟିରୁ ଏତେ ଉନ୍ନତ ନୁହେଁ। ତଥାପି ଆମେରିକା ସହ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ରଖିଛି ଇରାନ। ଇରାନ ତାର ଡ୍ରୋନ୍ କ୍ୟାରିୟର୍ ଶାହେଦ୍ ବାଘେରିକୁ ସେହି ଅଞ୍ଚଳରେ ମୁତୟନ କରିଛି, ଯେଉଁଠାରେ ଆମେରିକାର ଏମକ୍ୟୁ-୪ସି ଟ୍ରାଇଟନ୍ ନିରୀକ୍ଷଣ ଡ୍ରୋନ୍ ଉଡୁଛି। ଏହି ଡ୍ରୋନ୍ ବାହକ ଡ୍ରୋନ୍ ଏବଂ ହେଲିକପ୍ଟର ଉତକ୍ଷେପଣ କରିପାରିବାର କ୍ଷମତା ରଖେ। ଏଥିରୁ ନୁର୍ ଓ କାଦେର ଭଳି ଆଣ୍ଟି ସିପ୍ ମିସାଇଲ୍ ମଧ୍ୟ ଉତକ୍ଷେପଣ କରାଯାଇପାରିବ।



## ମୁମ୍ବାଇରେ 'ଏକବିଂଶ ଶତାବ୍ଦୀର ଦକ୍ଷତା ସମ୍ମିଳନୀ

**ମୁମ୍ବାଇ:** ରିଲାଏନ୍ସ ଫାଉଣ୍ଡେସନ ଏହାର ଦକ୍ଷତା ବିକାଶ ପଦକ୍ଷେପ ଗୁଡ଼ିକରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ୩ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ଦକ୍ଷତା ତାଲିମ ପ୍ରଦାନ ଏବଂ ୧ ଲକ୍ଷ ୮୦ ହଜାରରୁ ଅଧିକ ଲୋକଙ୍କୁ ରୋଜଗାର ଦେଇଛି। ରିଲାଏନ୍ସ ଫାଉଣ୍ଡେସନ ଏପର୍ଯ୍ୟନ୍ତ ୧୨ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି। ମୁମ୍ବାଇରେ ଅନୁଷ୍ଠିତ ଏକବିଂଶ ଶତାବ୍ଦୀର ଦକ୍ଷତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ସରକାରୀ ଅଧିକାରୀ, ଶିଳ୍ପ ପ୍ରତିନିଧି, ସ୍କିଲିଂ ବିଶେଷଜ୍ଞ ଏବଂ ଯୁବପିଢ଼ି ଉପସ୍ଥିତ ରହିଥିଲେ। ଭବିଷ୍ୟତର ନିଯୁକ୍ତି, ବଦଳୁଥିବା କାର୍ଯ୍ୟ ପରିବେଶ ଏବଂ ନିଯୁକ୍ତି ପାଇଁ ଯୁବକଯୁବତୀମାନଙ୍କୁ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ, ରିଲାଏନ୍ସ ଫାଉଣ୍ଡେସନର ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକରେ ସାମିଲ ଥିବା ସାରା ଦେଶର ୪୦ ଜଣ ଯୁବକ ଯୁବତୀଙ୍କୁ ସେମାନଙ୍କ ସଫଳ କ୍ୟାରିଅର ପାଇଁ ସମ୍ମାନିତ କରାଯାଇଥିଲା। ମହାରାଷ୍ଟ୍ର ସରକାରଙ୍କ ବୃତ୍ତିଗତ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ମାଧବୀ ସରଦେଶମୁଖ କହିଛନ୍ତି, "ଆଜି କେବଳ ଡିଗ୍ରୀ ନୁହେଁ, ବରଂ କାମ କରିବାର କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତ ପାଇଁ ଏକ ମଜଭୁତ କାର୍ଯ୍ୟବଳ ଗଠନରେ ସରକାରୀ ଏବଂ ବେସରକାରୀ କ୍ଷେତ୍ର ମଧ୍ୟରେ ସହଭାଗୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।" ରିଲାଏନ୍ସ ଫାଉଣ୍ଡେସନର ଦକ୍ଷତା ବିକାଶ ଏବଂ ନିଯୁକ୍ତି କାର୍ଯ୍ୟକ୍ରମର ମୁଖ୍ୟ ନୁପୁର ବହଲ କହିଛନ୍ତି, "ଯେତେବେଳେ ଯୁବପିଢ଼ିଙ୍କ ପାଖରେ ସଠିକ୍ ଦକ୍ଷତା ଏବଂ ନିଯୁକ୍ତି ସୁଯୋଗ ରହେ ସେତେବେଳେ ଏକ ଦେଶ ପ୍ରଗତୀ କରିଥାଏ।

# ସଞ୍ଜୁଙ୍କୁ ସମୟ ଦିଅ, ସେ ଭଲ ଖେଳିବେ



ମୁମ୍ବାଇ,୨୯।୧(ଏଜେନ୍ସି): ସଞ୍ଜୁ ସାମସନ ଫର୍ମ ଫେରି ପାଇବାକୁ ସଂଘର୍ଷ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ୩ଟି ମ୍ୟାଚରେ ଅତି ଦୟନୀୟ ଫର୍ମରେ ଅଛନ୍ତି ସଞ୍ଜୁ। ଚତୁର୍ଥ ମ୍ୟାଚରେ ଗୋଟିଏ ଦୁଇଟି ବଡ଼ ସଟ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା। ସବୁ ଭାବି ଥିଲେ ସଞ୍ଜୁ ଫର୍ମକୁ ଫେରି ଆସିଛନ୍ତି। ବେଶି କିଛି କରିସ୍ମା ନକରି ମିଚେଲ ସାଣ୍ଟନରଙ୍କ ବଲରେ ବୋଲ୍ଡ ହୋଇଥିଲେ। ତାଙ୍କ ଫର୍ମକୁ ନେଇ ଦଳର ମ୍ୟାନେଜମେଣ୍ଟ ଏବଂ କୋଚ ଗୌତମ ଗମ୍ଭୀରଙ୍କୁ ଚେତାବନୀ ଦେଇଛନ୍ତି ମହମ୍ମଦ କୈଫ। ସେ କହିଛନ୍ତି ଭାରତୀୟ ଦଳରେ ସଞ୍ଜୁଙ୍କୁ ନେଇ ସମାଲୋଚନା ହେଉଛି। ସେ ସ୍କୋର କରିପାରୁନାହାନ୍ତି। ଦଳରେ ତାଙ୍କୁ ଜାଗା ନଦେବାକୁ ମଧ୍ୟ ଅପିଲ ହେଉଛି। କିନ୍ତୁ ବର୍ତ୍ତମାନର ସମୟରେ ଦଳରେ ସଞ୍ଜୁଙ୍କର ଆବଶ୍ୟକତା ରହିଛି। ସେ ଟି-୨୦ ଫର୍ମାଟରେ ୩ଟି ଶତକ ମାରିଛନ୍ତି। ଅନେକ ସମୟରେ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତାଙ୍କ ପାଖରେ ସାମର୍ଥ ରହିଛି। ସେ ଆହୁରି କହିଛନ୍ତି ଯେ, ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ବିପକ୍ଷରେ ସୂର୍ଯ୍ୟ କୁମାର ଯାଦବ ଫ୍ଲପ ହୋଇଥିଲେ। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଫର୍ମ ଫେରିପାଇଛନ୍ତି। ସେହିପରି ସଞ୍ଜୁ ମଧ୍ୟକୁ ଆଗକୁ ଲୟ ଫେରିପାଇବେ। କେବଳ ଧୈର୍ଯ୍ୟ ଧରି ସମୟକୁ ଅପେକ୍ଷା କରିବାକୁ ହେବ। ସୂର୍ଯ୍ୟ ଦଳର ଅଧିନାୟକ ଫର୍ମରେ ନଥାଇ ମଧ୍ୟ ଆତ୍ମବିଶ୍ୱାସ ହରାଇ ନଥିଲେ। ନିଜ ଦକ୍ଷତା ଉପରେ ଭରପୂର ବିଶ୍ୱାସ ଥିଲା। ଦଳ ତାଙ୍କୁ ଲଗାତାର ସୁଯୋଗ ଦେଲା, ତେଣୁ ସେ ଲୟକୁ ଫେରିଛନ୍ତି। ଭାରତୀୟ ଦଳର ପୂର୍ବତନ ଖେଳାଳି କୈଫ ଆହୁରି କହିଛନ୍ତି ଯେ, ଇଶାନ କିଷାନ ଦଳକୁ ଫେରିଛନ୍ତି, ସେ ଭଲ ବ୍ୟାଟିଂ କରିଛନ୍ତି ସଞ୍ଜୁଙ୍କ ସ୍ଥାନ ଦେବାକୁ କେହି କେହି କହୁଛନ୍ତି। କୌଣସି ଖେଳାଳି ସବୁଦିନ ଭଲ ଖେଳିବେନି। ସଞ୍ଜୁ କେବେ ହେଲେ ଦଳରେ ନିୟମିତ ସ୍ଥାନ ପାଇନାହାନ୍ତି ତେଣୁ ତାଙ୍କୁ ସୁଯୋଗ ଦିଆଯିବା ଦରକାର ବୋଲି କୈଫ କହିଛନ୍ତି।

## ରଣଜୀ ଟ୍ରଫି

# ସ୍ୱସ୍ତିକ, ଗୋବିନ୍ଦଙ୍କ ଅର୍ଦ୍ଧଶତକ: ଓଡ଼ିଶା ୨୪୨/୬

ଭୁବନେଶ୍ୱର,୨୯।୧(ସବ୍ୟୁ): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ ଏ'ର ସପ୍ତମ ପର୍ଯ୍ୟାୟ ଆରମ୍ଭ ହୋଇଛି। ଜାମସେଦପୁରରେ ଖେଳାଯାଉଥିବା ଏହି ମ୍ୟାଚରେ ଘରୋଇ ଝାଡ଼ଖଣ୍ଡକୁ ଭେଟିଛି ଓଡ଼ିଶା ଦଳ। ପ୍ରଥମ ଦିନ ଓଡ଼ିଶା ବ୍ୟାଟର ଭଲ ଖେଳ ଦେଖାଇଛନ୍ତି। ସ୍ୱସ୍ତିକ ସାମଲ (୭୯) ଓ ଗୋବିନ୍ଦ ପୋଦ୍ଦାର (୬୪)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଓଡ଼ିଶା ପ୍ରଥମ ଦିବସ ଷ୍ଟମ୍ପଅପସାରଣ ସୁଧା ୯୨ ଓଭରରେ ୬ ୱିକେଟ୍ ହରାଇ ୨୪୨ ରନ୍ କରିଛି। ଝାଡ଼ଖଣ୍ଡର ସୌରଭ ଶେଖର ସର୍ବାଧିକ ୩ ୱିକେଟ୍ ଦଖଲ କରିଛି।

ଟସ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଜାମସେଦପୁରର କିନା ଷ୍ଟାଡିୟମର ବ୍ୟାଟିଂ ଫ୍ରେଣ୍ଡଲି ୱିକେଟରେ ଓଡ଼ିଶା ଖେଳ ଆରମ୍ଭ କରିଥିଲା। ସ୍ୱସ୍ତିକ ସାମଲଙ୍କ ସହ ସନ୍ଦୀପ



ପଟ୍ଟନାୟକ ପାଳି ଆରମ୍ଭ କରିଥିଲେ। ସନ୍ଦୀପ ବ୍ୟକ୍ତିଗତ ୭ ରନ୍ କରି ଆଉଟ୍ ହେବାରୁ ଦଳୀୟ ସ୍କୋର ୨୦ ରନ ବେଳେ ଓଡ଼ିଶାକୁ ପ୍ରଥମ ଝଟକା ଲାଗିଥିଲା। ପରେ ପରେ ପରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୦ ରନ୍ କରି ଆଉଟ୍ ହୋଇଥିଲେ। ତେଣୁ ମ୍ୟାଚର ପ୍ରଥମ ଅଧିବେଶନରେ ଓଡ଼ିଶା ୨ ୱିକେଟ୍ ହରାଇ ଚାପରେ ରହିଥିଲା। ଏଭଳି ସମୟରେ ସ୍ୱସ୍ତିକ ସାମଲଙ୍କ ସହ ଗୋବିନ୍ଦ ପୋଦ୍ଦାର ବ୍ୟାଟିଂ ମଙ୍ଗ ଧରିଥିଲେ। ଦୁହେଁ ତୃତୀୟ ୱିକେଟ୍ ପାଇଁ ୧୨୨ ରନ୍ ସଂଗ୍ରହ କରି ସ୍ଥିତି ମଜଭୁତ କରିଥିଲେ। ସ୍ୱସ୍ତିକ ୧୬୮ ବଲର ସମ୍ମୁଖୀନ ହୋଇ ୭ଟି ଚୌକା ଓ ୨ଟି ଛକା ସହାୟତାରେ ୭୯ ରନ୍ କରିଥିଲେ। ସେହିଭଳି ଗୋବିନ୍ଦ ପୋଦ୍ଦାର ୧୨୦ ବଲ ଖେଳି ୬ଟି ଚୌକା ସହାୟତାରେ ୬୪ ରନ୍ କରିଥିଲେ। ଅନୀଲ ପରିଡା ୧୫, ସମ୍ବିତ ବରାଳ ୧୦ ରନ୍ କରି ଆଉଟ୍ ହୋଇଥିବା ବେଳେ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ ୯୯ ବଲର ସମ୍ମୁଖୀନ ହୋଇ ୩୮ ରନରେ ଅପରାଜିତ ହୋଇଥିଲେ। ସାୱନ ପହରିଆ ୨୫ ବଲରୁ ୧୨ ରନ୍ କରି ଅପରାଜିତ ଅଛନ୍ତି। ଏହି ମ୍ୟାଚ ଜରିଆରେ ଓଡ଼ିଶାର ଦ୍ରୁତ ବୋଲର ସଏୟ ତୌଫିକ ଅହମ୍ମଦ ପ୍ରଥମଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଛନ୍ତି। ଝାଡ଼ଖଣ୍ଡର ସୌରଭ ଶେଖର ସର୍ବାଧିକ ୩ଟି, ଆଦିତ୍ୟ ସିଂ ଦୁଇଟି ଓ ଅନୁକୂଳ ରାୟ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ।

# ୪ର୍ଥ ଜାତୀୟ ନନଚାକୁ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳର କାନପୁର ଯାତ୍ରା

ଭୁବନେଶ୍ୱର,୨୯।୧(ସବ୍ୟୁ): ଚଳିତ ମାସ ୨୮ ତାରିଖ ନ ନ୍ ଚା କୁ ଆସୋସିଏସନ ଅଫ ଇଣ୍ଡିଆ ଦ୍ୱାରା ଆୟୋଜନ ହେବାକୁଥିବା ୪ର୍ଥ ଜାତୀୟ ନନଚାକୁ ପ୍ରତିଯୋଗିତା ନିମନ୍ତେ ଓଡିଶା ନନଚାକୁ ପ୍ରତିଯୋଗୀମାନେ ଓଡିଶା ରାଜ୍ୟ ନନଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା ସହ ସମ୍ପାଦକ ସନ୍ତୋଷ କୁମାର ମହାରଣା ଓ କୋଷାଧ୍ୟକ୍ଷ ସପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କାନପୁର, ଉତ୍ତର ପ୍ରଦେଶକୁଗସ୍ତ କରିବେ । ଏହି ପ୍ରତିଯୋଗିତା ଜାନୁଆରୀ ୩୦ ତାରିଖରୁ ଫେବୃଆରୀ ୦୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଓଡିଶାରୁ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ହେଲେ, ମୁକୁନ୍ଦ ବର୍ଦ୍ଧନ, ଗୋପାଳ ଚନ୍ଦ୍ର କହଁର, କ୍ରିଷ୍ଣା ଶିକାରୀ, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ ମଲ୍ଲିକ, ଆୟୁଷ ପ୍ରସାଦ ରଥ, ଶୁଭମ୍ ଦଳାଇ, ପ୍ରୀୟଂଶୁ ଶେଖର, କୁନାଲ ପଟ୍ଟନାୟକ,



ହାର୍ଦ୍ଦିକ ଦାସ, ଖିତିଶ କୁମାର ଯାଦବ, ଓମ୍ ସାଇ ପ୍ରସାଦ, ହରିହର ମହାପାତ୍ର, ଆୟୁଷ୍ମାନ ପୃଷ୍ଟି, ସାନଭି ମିଶ୍ର, ପ୍ରଜ୍ଞା ବର୍ଦ୍ଧନ, ଅଭ୍ୟର୍ଥନା ବରାଳ, ଆରାଧନା ନାୟକ, ମନୁଶ୍ରୀ ବରାଳ । ଅଫିସିଆଲ୍ ଭାବେ ସପନ କୁମାର ମିଶ୍ର, ଦୀପକ କୁମାର ସାମନ୍ତରା ଓ ସୁବାସ ଚନ୍ଦ୍ର ଦଳାଇ ଦଳସହ ଯାତ୍ରା କରୁଛନ୍ତି। ଉତ୍କଳ କରାଟେ ସ୍କୁଲ ର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରତିଯୋଗୀ ମାନଙ୍କୁ ସୁଭାଶିର୍ବାଦ ପ୍ରଦାନ କରିଛନ୍ତି ।

# ଆନ୍ତଃରାଜ୍ୟ ତ୍ରିଶକ୍ତି କପ ସେମିରେ ଟିକୁ ଚେଞ୍ଜର

ଠାକୁରମୁଣ୍ଡା,୨୯।୧(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝରଠାରେ ତ୍ରିଶକ୍ତି ଯୁବ କ୍ଲବ ଦାରା ଆୟୋଜିତ ଆନ୍ତଃରାଜ୍ୟ ୧୯ତମ ତ୍ରିଶକ୍ତି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୬ ତୃତୀୟ ଦିବସ । ଶିମିଳିପାଳର ପାଦଦେଶରେ ଆୟୋଜିତ ଏହି ଖ୍ୟାତନାମା ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଏବଂ ରାଜସ୍ଥାନରୁ ବିଭିନ୍ନ ଟିମ ଅଂଶଗ୍ରହଣ କରିଛନ୍ତି । ତୃତୀୟ ଦିବସ ମ୍ୟାଚ୍ରେ କେ.ସି.ସି ଖଡିପାଲ ଏବଂ ଜୟପୁର ସୁପର କିଙ୍ଗସ ମଧ୍ୟରେ ମୁକାବିଲା ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ଜେ.ସ -୧୧ ଗିରିବେଡା ମୟୂରଭଞ୍ଜ ଏବଂ ଟିକୁ ଚେଞ୍ଜର୍ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦଳ ଭାବେ ଟିକୁ ଚେଞ୍ଜର୍ କେନ୍ଦୁଝର ସେମି-ଫାଇନାଲ କୁ ପ୍ରବେଶ କରିଛି । ତ୍ରିଶକ୍ତି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା ।

# ରବୀନ୍ଦ୍ର ସ୍ମାରକୀ ଟି-୨୦ କ୍ରିକେଟ: ଫାଇନାଲରେ ଦେବାଂଶୀ କ୍ଲବ

କଣ୍ଟିଲୋ,୨୯।୧(ସବ୍ୟୁ):ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧ ମହାବିଦ୍ୟାଳୟ ଖେଳ ପ ଠାରେ ରବୀନ୍ଦ୍ର ମେମୋରିଆଲ ଟି ୨୦କ୍ରିକେଟ ଟୁର୍ନାମେଣ୍ଟ ର ଆଜି ଦିତୀୟ ସେମି ଫାଇନାଲ ରେ କଣ୍ଟିଲୋ ର ଦେବାଂଶୀ କ୍ରିକେଟ କ୍ଲବ, ଘରୋଇ ବ ଟିମ କୁ ୨୫ରନ ରେ ପରାସ୍ତ କରି ଫାଇନାଲ ରେ ସ୍ଥାନ ପକା କରିଛି । ଆଜି ୧୬ଓଭର ବିଶିଷ୍ଟ ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ଦେବାଂଶୀ କ୍ଲବ ୭ ଉଇକେଟ ବିନିମୟ ରେ ୧୩୨ରନ ସଂଗ୍ରହ କରିଥିଲା ।ଜବାବରେ ଘରୋଇ ବାଣପୁର ଟିମ ୧୬ଓଭର ରେ ସମସ୍ତ ଉଇକେଟ ହରାଇ ୧୦୭ ରେ ସୀମିତ ରହି ପରାଜିତ ହୋଇଥିଲା ।ଦେବାଂଶୀ କ୍ଲବ ର ବାପି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ।ଅମ୍ପାୟାର ଚନ୍ଦନ ଦଳେଇ ଓ ଅଶୋକ ରାଉତ ମ୍ୟାଚ ପରିଚାଳନା କରିଥିଲେ । ନିରଞ୍ଜନ ଦଳେଇ ଧାରାବିବରଣୀ ଓ ଲିବୁନା ସ୍କୋରିଂ ରେ ସହାୟତା କରିଥିଲେ । ଶନିବାର ଗ୍ରାଣ୍ଡ ଫାଇନାଲରେ କଣ୍ଟିଲୋର ଦେବାଂଶୀ କ୍ଲବକୁ ଭେଟିବ ଭୋଗଡା ର ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ।

# ଫେବୃଆରୀରେ ଯାଜପୁର ଜିଲ୍ଲା କବାଡ଼ି ଦଳ ଚୟନ

ବ୍ୟାସନଗର,୨୮।୧(ଜିପ୍ର): ଯାଜପୁର ଜିଲ୍ଲାକ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ମାସ ୧ ତାରିଖ ରବିବାର ବ୍ୟାସନଗର ସ୍ୱୟଂଶାସିତ କଲେଜ ପଡ଼ିଆଠାରେ ଯାଜପୁର ଜିଲ୍ଲାକବାଡ଼ି ଦଳ (ଉଭୟ ପୁରୁଷ ଓ ମହିଳା ) ଚୟନ ଶିବିର ଅନୁଷ୍ଠିତ ହେବ । ଉକ୍ତ ଚୟନ ଶିବିରର ଖେଳାଳୀ ଚୟନ କରାଯାଇ ଯାଜପୁର ଜିଲ୍ଲା କବାଡ଼ି ଦଳ ଆସନ୍ତା ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବାକୁ ଥିବା ରାଜ୍ୟ କବାଡ଼ି ଚମ୍ପିଆନ୍‌ସିପ୍‌ରେ ଅଂଶ ଗ୍ରହଣ କରିବେ । ଏଣୁ ଆଗ୍ରହୀ ଖେଳାଳୀ ମାନେ ୧ ତାରିଖ ଦିନ ସକାଳ ୮ଟାରେ ପହଁଚି କବାଡ଼ିସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ନିକଟରେ ପଞ୍ଜୀକୃତ ହୋଇ ଚୟନ ଶିବିରରେ ଯୋଗ ଦେବାକୁ ଜିଲ୍ଲାକ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ସୂଚନା ଦେଇଛନ୍ତି ।

# ବାଂଲା ସୁଟିଂ ଦଳକୁ ଭାରତ ଆସିବାକୁ ଅନୁମତି

ନୂଆଦିଲ୍ଲୀ,୨୯।୧(ଏଜେନ୍ସି):ଭାରତରେ ସୁରକ୍ଷା କାରଣରୁ ଟି୨୦ ବିଶ୍ୱକପରୁ ବାଂଲାଦେଶ ବାଦ୍ ପଡିବା ପରେ ସୁଟିଂ ଟିମ୍ ଭାରତ ଆସିବାକୁ ଅନୁମତି ମିଳିଛି । ବାଂଲାଦେଶ ସୁଟିଂ ଫେଡେରେସନ ତରଫରୁ ଖେଳାଳି ଭାରତ ଆସିବାକୁ ଅନୁମତି ମିଳିଛି । ବାଂଲାଦେଶର ସୁଟିଂ ଫେଡେରେସନର ସଚିବ କହିଛନ୍ତି, ବାଂଲାଦେଶ ଦଳର ଏକ ସୁଟର ଏବଂ କୋଚକୁ ଭାରତକୁ ଯିବାକୁ ଅନୁମତି ମିଳିଛି । ବାଂଲାଦେଶ ଅନ୍ତରୀମ ସରକାର ଏହି ଅନୁମତି ଦେଇଛନ୍ତି । ବାଂଲାଦେଶ ସୁଟିଂ ଦଳ ୩୧ ଜାନୁଆରୀରେ ଭାରତ ଆସିବ । ଏହା ପୂର୍ବରୁ ବାଂଲାଦେଶ ଅନ୍ତରୀମ ସରକାର ସୁରକ୍ଷା କାରଣରୁ କ୍ରିକେଟ ଟିମକୁ ଟି୨୦ ବିଶ୍ୱକପ ଖେଳିବାକୁ ଭାରତ ଆସିବାକୁ ଅନୁମତି ମିଳିନଥିଲା । ଏବେ ପ୍ରଫେସର ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀମ ସରକାର ସୁଟିଂ ଟିମକୁ ଭାରତ ଯିବାକୁ ଅନୁମତି ଦେଇଛି । ଆଇସିସି ଟି୨୦ ବିଶ୍ୱକପରୁ ବାଂଲାଦେଶ ବାଦ୍ ପଡିବା ପରେ ସ୍କଟଲାଣ୍ଡକୁ ବିଶ୍ୱକପ ଖେଳିବାକୁ ସୁଯୋଗ ମିଳିଛି । ସ୍କଟଲାଣ୍ଡକୁ ଗ୍ରୁପ ସିରେ ରଖାଯାଇଛି । ଇଂଲଣ୍ଡ, ଇଟାଲୀ, ନେପାଳ ଏବଂ ୱେଷ୍ଟଇଣ୍ଡିଜ ସହିତ ଖେଳିବ ସ୍କଟଲାଣ୍ଡ । ସ୍କଟଲାଣ୍ଡ ମ୍ୟାଚ୍ ୭ ଫେବୃଆରୀରେ ଇଡେନ ଗାଡେନ୍ସରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ରହିଛି ।

# ଓଏଚପିସି ଇଣ୍ଟରୟୁନିଟ ବ୍ୟାଡ଼ମିଣ୍ଟନ ଉଦଘାଟିତ

ରେଙ୍ଗାଲି,୨୯।୧(ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଲି ଜଳ ବିଦ୍ୟୁତ ନିଗମର ରାଜ୍ୟସ୍ତରୀୟଇଣ୍ଟରୟୁନିଟ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ୨୦୨୬ ବୁଧବାର ସନ୍ଧ୍ୟାରେ ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଏଚପିସି ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ( ଅପରେସନ ) ଆଶିଷ ମହାନ୍ତି ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ଓଏଚପିସି ରେଙ୍ଗାଲିୟୁନିଟ ର ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ରେଙ୍ଗାଳି ଥାନା ଆଇଆଇସି ଶ୍ୟାମଲାଲ ଓରାମ ଯୋଗ ଦେଇଥିଲେ। ସାଧାରଣ ପରିଚାଳକ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ୬ ଟିୟୁନିଟ ଓ କର୍ପୋରେଟ ଅଫିସ ସହ ପୁରୁଷ ବିଭାଗରେ ୧୪ ଟି ଓ ମହିଳା



ବିଭାଗରେ ୫ଟି ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ଚାରିଦିନ ଧରି ଚାଲିବ ବୋଲି ରେଙ୍ଗାଳି ଓଏଚପିସି ପକ୍ଷରୁ ସୂଚନା ଦିଆଯାଇଛି। ଉଦଘାଟନୀ ମ୍ୟାଚ ଅପରକୋଲାବର କୈବଲ୍ୟ ଧଳ ଓ ରତନ ଜେନାଙ୍କ ଯୋଡି ସହ ରେଙ୍ଗାଳିର ରଜତ ପଟେଲ ଓ ଯଶୋବନ୍ତ ଗଡତିଆଙ୍କ ଯୋଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅପରକୋଲାବ ଦଳ ୩ ଟି ସେଟ ରେ (୧୫-୧୨,୧୦-୧୫, ୧୫-୧୩ ) ପଏଣ୍ଟରେ ରେଙ୍ଗାଳି ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା।

# କାହିଁକି କ୍ରିକେଟ୍ ଛାଡିଥିଲେ ଯୁବରାଜ

ନୂଆଦିଲ୍ଲୀ,୨୯।୧(ଏଜେନ୍ସି): କ୍ୟାନସରରୁ ସୁସ୍ଥ ହେବା ପରେ ସବୁ କିଛି ଠିକ୍ ଚାଲିଥିଲା। ହେଲେ ଅବସର ନେବାକୁ ବାଧ ହୋଇଥିଲେ ଭାରତୀୟ ଦଳର ପୂର୍ବତନ ଅଲରାଉଣ୍ଡ ଯୁବରାଜ ସିଂ। କେଉଁ କାରଣ ପାଇଁ ସେ କ୍ରିକେଟକୁ ବାଏ ବାଏ କହିଥିଲେ, ସେ ସମ୍ପର୍କରେ ନିଜେ ଯୁବରାଜ ମତ ରଖିଛନ୍ତି। ୨୦୦୭ ଟି-୨୦ ବିଶ୍ୱକପ୍ ଏବଂ ୨୦୧୧ ଦିନିକିଆ ବିଶ୍ୱକପରେ ଭାରତକୁ ଜିତାଇବାରେ ତାଙ୍କର ବଡ଼ ଭୂମିକା ଥିଲା। ୨୦୧୯ ଜୁନ୍ ମାସରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଥିଲେ। ସେହି ବର୍ଷ ଦିନିକିଆ ବିଶ୍ୱକପ ଦଳରେ ସ୍ଥାନ ନମିଳିବାରୁ ସେ ଉଭୟ ଅନ୍ତର୍ଜାତୀୟ ଓ ଟି-୨୦ କ୍ରିକେଟରୁ ସନ୍ୟାସ ନେଇଥିଲେ। ଏବେ ଯୁବରାଜଙ୍କୁ ୪୪ ବର୍ଷ। ସେ ପ୍ରଶିକ୍ଷଣ ଉପରେ ଅଧିକ ଫୋକସ କରୁଛନ୍ତି। କେଉଁ କାରଣ ପାଇଁ



ଅବସର ନେଲେ ତାହା ବି କହିଛନ୍ତି। କ୍ରିକେଟକୁ ସେ ଉପଭୋଗ କରିପାରୁନଥିଲେ। ତାଙ୍କ ମନରେ ବାରମ୍ବାର ପ୍ରଶ୍ନ ଆସୁଥିଲା। ଖେଳରୁ ଆନନ୍ଦ ମିଳୁନି ଯଦି କାହିଁକି ସେ ଖେଳୁଛନ୍ତି। ତାଙ୍କୁ ସମ୍ମାନ ମିଳୁନଥିଲା। କେହି ତାଙ୍କୁ ସମର୍ଥନ କରୁନଥିଲେ। ଏମିତି ଅନେକ ପ୍ରଶ୍ନ ପାଇଁ ସେ ଚିନ୍ତାରେ ରହୁଥିଲେ। ଏସବୁ ଭାବି ସେ ଖେଳିବା ବନ୍ଦ କରିଦେଇଥିଲେ। ଏବେ ବି ସେ ଅତିତ କଥା ଭାବନ୍ତି। ଅନେକ ସମୟରେ ତାଙ୍କ କ୍ରିକେଟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ତାଙ୍କ ବାପା ଯୋଗରାଜ ସିଂ କାଉଣ୍ଟର କରିଥାନ୍ତି। ଯୁଗରାଜ ନିଜେ ସମସ୍ତ ସମାଲୋଚକଙ୍କୁ ଖାତିର କରନ୍ତି ନାହିଁ। କିନ୍ତୁ ତାଙ୍କ ବାପା ଏହାକୁ ବ୍ୟକ୍ତିଗତ ସ୍ତରକୁ ନେଇ ଜବାବ ଦେଇଥାନ୍ତି ବୋଲି ଯୁବରାଜ କହିଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ସନ୍ତୋଷ ଟ୍ରଫି

# ଓଡ଼ିଶା-ରେଳବାଇ ମ୍ୟାଚ ଡ୍ର'

ଭୁବନେଶ୍ୱର,୨୯।୧(ସବ୍ୟୁ): ମର୍ଯ୍ୟାଦାଜନକ ଫୁଟବଲ ଟୁର୍ଣ୍ଣାମେଣ୍ଟ ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ ସନ୍ତୋଷ ଟ୍ରଫିର ଏକ ମ୍ୟାଚରେ ରେଳବାଇକୁ ଭେଟିଛି ଓଡ଼ିଶା। ଏହି ଲଢୁଆ ମ୍ୟାଚରେ ଓଡ଼ିଶା ଓ ରେଳବାଇ ଗୋଟିଏ ଲେଖାଏଁ ଗୋଲ ଦେବାକୁ



ସକ୍ଷମ ହୋଇଥାଏ। ତେଣୁ ମ୍ୟାଚ ଡ୍ର' ରହିବା ସହ ପଏଣ୍ଟ ଭାଗ ହୋଇଥିଲା। ମ୍ୟାଚର ତୃତୀୟ ମିନିଟରେ ରେଳବାଇର ସୁବ୍ରତ ମୁର୍ମୁ ପ୍ରଥମ ଗୋଲ୍ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୬୬ ମିନିଟରେ ଓଡ଼ିଶାର ଅର୍ପଣ ଲାକ୍ରା ଗୋଲ୍ ପରିଷଦ କରି ମ୍ୟାଚକୁ ୧-୧ ସ୍ଥିତିକୁ ଆଣିଥିଲେ। ଶେଷ ପର୍ଯ୍ୟନ୍ତ ଏହି ବ୍ୟବଧାନ ଜାରି ରହିଥିଲା। ତେଣୁ ମ୍ୟାଚ ୧-୧ ଗୋଲ ରହିବା ସହ ପଏଣ୍ଟ ଭାଗ ହୋଇଛି।

# ଅଷ୍ଟ୍ରେଲିଆନ ଓପନ:ସାବାଲେଙ୍କା-ରେବାକିନା ଫାଇନାଲ



ମେଲବୋର୍ଣ୍ଣ,୨୯।୧(ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ ନିର୍ଣ୍ଣାୟକ ପର୍ଯ୍ୟୟରେ ପହଞ୍ଚିଛି। ବେଲାରୁଷର ଆର୍ଯ୍ୟାନା ସାବାଲେଙ୍କା ଏବଂ ଏଲିନା ରେବାକିନାଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ହେବ। ବିଶ୍ୱର ନଂ.୧ ଖେଳାଳି ସାବାଲେଙ୍କା ସେମିଫାଇନାଲରେ ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ୬-୨, ୬-୩ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ସାବାଲେଙ୍କା ମ୍ୟାଚ ଜିତିବା ପାଇଁ ୧ ଘଣ୍ଟା ୧୬ ମିନିଟ୍ ସମୟ ନେଇଥିଲେ। ସମ୍ପୂର୍ଣ୍ଣ ମ୍ୟାଚରେ ସାବାଲେଙ୍କାଙ୍କ ପ୍ରଭାବ ଜାରି ରହିଥିଲା। ତାଙ୍କୁ ଏଥର ଟାଇଟଲ ଦାବିଦାର ବିବେଚନା କରାଯାଉଛି। ସେ ଅଷ୍ଟ୍ରେଲିଆନ୍ ଓପନ ସିଙ୍ଗଲ୍ସ ଫାଇନାଲରେ କ୍ରମାଗତ ଚତୁର୍ଥଥର ପାଇଁ ପ୍ରବେଶ କରିଛନ୍ତି। ତାଙ୍କ ପୂର୍ବରୁ ଦୁଇ ଜଣ ଖେଳାଳି ସଫଳତା ହାସଲ କରିଥିଲେ। ଅଷ୍ଟ୍ରେଲିଆର ଏଭନ ଗୋରାଗଙ୍କ ୧୯୭୧ରୁ ୧୯୭୭ ମଧ୍ୟରେ ୭ ଥର ଏବଂ ସ୍ୱିଜରଲାଣ୍ଡର ମାର୍ଟିନା ହେଙ୍ଗିସ ୧୯୯୭ରୁ ୨୦୦୨ ମଧ୍ୟରେ ୬ଥର ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ପୂର୍ବତନ ୱିମ୍ବଲଡନ ଚାମ୍ପିଅନ ରେବାକିନା ୬-୩, ୭-୬ ସେଟରେ ଜେସିକା ପେଗୁଲାକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶନିବାର ସାବାଲେଙ୍କା-ରେବାକିନାଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ହେବ।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/
store/app/details/
id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି